ସାପ୍ତାହିକ

# ସ୍ୱୀକାର

Postal Regd. No.: SBP/14/2019-2021

The Sweekar स्वीकार

ପ୍ରତିଷ୍ଠାତା ସମ୍ପାଦକ : ୱ ଶରତ ନାରାୟଣ ବେହେରା

RNI No. 66443/94

Vol.25 | Issue - 24 | 11 - 17 July 2021 | Sambalpur | Page-12 | Invitation Price Rs.10


## କେନ୍ଦ୍ର ମନ୍ତ୍ରୀମଣ୍ଡଳର ସମ୍ପ୍ରସାରଣ: ଓଡ଼ିଶାରୁ ଆଉ ଦୁଇଜଣ ହେଲେ ମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଛନ୍ତି । ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ କ୍ୟାବିନେଟ ସମ୍ପ୍ରସାରଣରେ ୩୬ ନୂଆ ମୁହଁଙ୍କୁ ସାମିଲ କରାଯାଇଥିବା ବେଳେ ପୂର୍ବରୁ ରାଷ୍ଟ୍ରମନ୍ତ୍ରୀ ଥିବା ୭ ଜଣଙ୍କୁ ପଦୋନ୍ନତି ଦେଇ କ୍ୟାବିନେଟ୍ ମନ୍ତ୍ରୀ କରାଯାଇଛି । ମୋଟ ୧୫ ଜଣ କ୍ୟାବିନେଟ ପାହ୍ୟା ପାଇଥିବା ବେଳେ ଅନ୍ୟ ୨୮ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ କରାଯାଇଛି । ଆସନ୍ତା ବର୍ଷ ହେବାକୁ ଥିବା ୫ ରାଜ୍ୟ ବିଧାନସଭା ଭୋଟ ଓ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି କ୍ୟାବିନେଟ୍ ବିସ୍ତାର କରାଯାଇଛି । ମୋଦି ସରକାର ୨.୦ରେ ଉତ୍ତର ପ୍ରଦେଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି । ଏନଡିଏ ସହଯୋଗୀ ସଂଯୁକ୍ତ ଜନତା ଦଳ, ଲୋକ ଜନଶକ୍ତି ପାର୍ଟି ଏବଂ ଅପନା ଦଳକୁ ପ୍ରତିନିଧିତ୍ୱ ସୁଯୋଗ ମିଳିଛି । ଓଡ଼ିଶାରୁ ରାଜ୍ୟ ସଭାକୁ ଯାଇଥିବା ପୂର୍ବତନ ଆଇଏଏସ୍ ଅଧିକାରୀ ଅଶ୍ୱିନୀ ବୈଷ୍ଣବ ଏବଂ ମୟୁରଭଞ୍ଜର ଭାଜପା ଏମ୍.ପି ବିଶ୍ୱେଶ୍ୱର ଟୁଡୁଙ୍କୁ ନୂଆ କ୍ୟାବିନେଟରେ ସାମିଲ କରାଯାଇଛି । ଜାତିଗତ, ବୃତ୍ତିଗତ ଓ ସାମାଜିକ ସମୀକରଣକୁ ଏଥିରେ ପ୍ରାଧାନ୍ୟ ଦିଆଯାଇଥିବା କୁହାଯାଉଛି । କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମନ୍ତ୍ରଣାଳୟ ପରିବର୍ତ୍ତନ ହୋଇଛି । ତାଙ୍କୁ ଶିକ୍ଷା ଓ ଦକ୍ଷତା ବିକାଶ ଓ ଔଦ୍ୟୋଗିକ ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯାଇଛି । ହରଦୀପ ସିଂ ପୁରୀଙ୍କୁ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର କ୍ୟାବିନେଟ୍ ମନ୍ତ୍ରୀ କରାଯାଇଛି । ସେହିପରି କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଥିବା ଅଶ୍ୱିନୀ ବୈଷ୍ଣବ ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଯାଇଛନ୍ତି । ବିଶ୍ୱେଶ୍ୱରଙ୍କୁ ଆଦିବାସୀ ବ୍ୟାପାର ଓ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ କରାଯାଇଛି । ଅନ୍ୟ ପଛୁଆ ବର୍ଗ (ଓବିସି) ଏବଂ ମହିଳାଙ୍କୁ ପୂର୍ବାପେକ୍ଷା ଅଧିକ ସୁଯୋଗ ମିଳିଛି । ସମ୍ପ୍ରସାରଣ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ, ଆଇନ ଏବଂ ଆଇଟି ମନ୍ତ୍ରୀ ରବି ଶଙ୍କର ପ୍ରସାଦ, ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କ ସମେତ ମୋଟ ୧୨ ମନ୍ତ୍ରୀ ଇସ୍ତଫା ଦେଇଥିଲେ । ରାଷ୍ଟ୍ରପତି ଭବନର ଦରବାର ହଲରେ ୪୩ ମନ୍ତ୍ରୀ ଶପଥ ନେଇଥିଲେ । ସେମାନଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ ।

## ଅଶ୍ୱିନୀ ବୈଷ୍ଣବ ବ୍ୟୁରୋକ୍ରାଟ୍‌ରୁ ରାଜନେତା



ସମ୍ବଲପୁର: ଓଡ଼ିଶାରୁ ରାଜ୍ୟସଭାକୁ ପ୍ରତିନିଧିତ୍ୱ କରୁଥିବା ଅଶ୍ୱିନୀ ବୈଷ୍ଣବ ରାଜସ୍ଥାନ ଯୋଧପୁରର ବାସିନ୍ଦା । ୧୯୭୦ ମସିହାରେ ଜନ୍ମଗ୍ରହଣ କରିଥିବା ଶ୍ରୀ ବୈଷ୍ଣବ ଛାତ୍ରାବସ୍ଥାରେ ଜଣେ ମେଧାବୀ ଛାତ୍ର ଥିଲେ । ସେ ଯୋଧପୁର ବିଶ୍ୱବିଦ୍ୟାଳୟରୁ ଇଲେକ୍ଟ୍ରୋନିକ୍ସ ଓ ଟେଲି- କମ୍ୟୁନିକେସନରେ ବି.ଇ.କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ କାନପୁର ଆଇ.ଆଇ.ଟି ରୁ ଇଣ୍ଡଷ୍ଟ୍ରିଆଲ ମ୍ୟାନେଜମେଣ୍ଟରେ ଏମ୍.ଟେକ ଓ ଯୁକ୍ତରାଷ୍ଟ୍ର ଆମେରିକାର ପେନ୍‌ସିଲଭାନିଆ ବିଶ୍ୱବିଦ୍ୟାଳୟର ହ୍ୱାରଟନ ସ୍କୁଲରୁ ଫାଇନାନ୍ସ ଓ ଷ୍ଟ୍ରେଟେଜିରେ ଏମ୍.ବି.ଏ କରିଛନ୍ତି ।

୧୯୯୪ ମସିହାରେ ସେ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ୨୩ନମ୍ବର ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇ ଓଡ଼ିଶା କ୍ୟାଡରରେ ଯୋଗ ଦେଇଥିଲେ । ଓଡ଼ିଶାରେ ଥିବା ସମୟରେ ସେ ବାଲେଶ୍ୱର ଓ କଟକ ଜିଲ୍ଲାର ଜିଲ୍ଲାପାଳ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିଲେ । ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ ଡେପୁଟେସନରେ ଯାଇ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଉପ ସଚିବ ଭାବେ ନିଯୁକ୍ତି ପାଇଥିଲେ ଓ ପରେ ବାଜପେୟୀଙ୍କ ସଚିବ ହୋଇଥିଲେ । ୨୦୦୮ ମସିହାରେ ସେ ଆଇଏଏସ୍ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିବା ପରେ ଜି.ଇ. ଟ୍ରାନ୍ସପୋର୍ଟେସନର ଦକ୍ଷିଣ ଏସିଆର ପରିଚାଳନା ନିର୍ଦ୍ଦେଶକ ଓ ପରେ ସିମେନସ କମ୍ପାନୀର ଅର୍ବାନ ଇନଫ୍ରାଷ୍ଟ୍ରକଚର ଷ୍ଟ୍ରେଟେଜିର ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି । ୨୦୧୯ ମସିହା ଜୁନ୍ ମାସରେ ସେ ବିଜେପିରେ ଯୋଗ ଦେଇଥିଲେ । ଏହା ପରେ ଓଡ଼ିଶାରୁ ବିଜେପି ପ୍ରାର୍ଥୀ ଭାବେ ବିଜେଡି ସମର୍ଥନରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ସଂସଦରେ ବିଭିନ୍ନ ପ୍ରସଙ୍ଗରେ ଶ୍ରୀ ବୈଷ୍ଣବଙ୍କ ବଳିଷ୍ଠ ଯୁକ୍ତି ଉପସ୍ଥାପନ ଜାତୀୟ ରାଜନୀତିରେ ତାଙ୍କୁ ଚର୍ଚ୍ଚିତ କରି ରଖିଥିଲା । ରାଜନୀତିକୁ ଆସିବାର ଦୁଇ ବର୍ଷ ମଧ୍ୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଶ୍ୱାସ ଭାଜନ ହୋଇ ରେଳବାଇ ପରି ଓଜନିଆ ମନ୍ତ୍ରଣାଳୟର ମନ୍ତ୍ରୀ ହୋଇ ପାରିଛନ୍ତି ।

## ଇଞ୍ଜିନିୟରରୁ କେନ୍ଦ୍ରମନ୍ତ୍ରୀ



ବାରିପଦା : କେନ୍ଦ୍ର ମନ୍ତ୍ରିମଣ୍ଡଳରେ ନୂଆ ମୁହଁ ଭାବେ ସ୍ଥାନ ପାଇଥିବା ମୟୁରଭଞ୍ଜର ଲୋକସଭା ସାଂସଦ ଇଂ.ବିଶ୍ୱେଶ୍ୱର ଟୁଡୁ ବହୁ ଉତ୍ଥାନ ପତନର ସାମ୍ନା କରିଛନ୍ତି ବିଶ୍ୱେଶ୍ୱର । ୧୯୬୫ ମସିହା ମାର୍ଚ୍ଚ ୨୮ ତାରିଖରେ ମୋରଡ଼ା ବ୍ଲକ ସାନମୁଣ୍ଡା ବଣି ପଞ୍ଚାୟତ ଖୁଣ୍ଟାପାଳ ଉଚ୍ଚାଖାଇ ଗାଁରେ ଜନ୍ମଲାଭ କରିଥିଲେ ବିଶ୍ୱେଶ୍ୱର । ବାପା ସ୍ୱର୍ଗତ ଶୁକୁଲ ଟୁଡୁ ଥିଲେ ଭାରତୀୟ ସେନାର ଜଣେ କର୍ମଚାରୀ । ଅବସର ପରେ ତାଙ୍କ ବାପା ନିଜ ପଞ୍ଚାୟତରେ ସରପଞ୍ଚ ମଧ ହୋଇଥିଲେ । ମା ବୁଦୁନୁ ଟୁଡୁ ଥିଲେ ଗୃହିଣୀ । ବିଶେଶ୍ୱରଙ୍କ ଦୁଇ ଭଉଣୀ ବିବାହିତ । ବିଶେଶ୍ୱରଙ୍କ ପତ୍ନୀ ସୁମିତ୍ରା ଗୃହିଣୀ ହୋଇଥିବା ବେଳେ ସେମାନଙ୍କର ୨ ଝିଅ ଓ ଗୋଟିଏ ପୁଅ ଅଛନ୍ତି । ଜଣେ ଝିଅ ଇଞ୍ଜିନିୟରିଂ ପଢୁଥିବା ବେଳେ ଜଣେ ନର୍ସ ଓ ପୁଅ ଯୁକ୍ତ ୨ ପାଠ ପଢୁଛନ୍ତି । ପିଲା ଦିନରୁ ମେଧାବୀ ଥିବା ବିଶ୍ୱେଶ୍ୱର ଖୁଣ୍ଟାପାଳ ସ୍କୁଲରୁ ପ୍ରାଥମିକ ଶିକ୍ଷା ପରେ ଗାଁ ପାଖ ପାରେଶ୍ୱର ବିଦ୍ୟାପୀଠରୁ ୧୯୮୧ ମସିହାରେ ପ୍ରଥମ ଶ୍ରେଣୀରେ ମାଟ୍ରିକ ପାସ୍ କରିଥିଲେ । ଏହାପରେ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ରାଉରକେଲା ସ୍ଥିତ ସରକାରୀ ପଲିଟେକନିକରେ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂରେ ଡିପ୍ଲୋମା ପାସ୍ କରିଥିଲେ । ୧୯୮୫ ରେ ଶିକ୍ଷା ସମାପ୍ତି ପରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ଥିବା ରେଙ୍ଗାଲି ଡ୍ୟାମ ପ୍ରୋଜେକ୍ଟରେ ଜୁନିୟର ଇଞ୍ଜିନିୟର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ଛାତ୍ର ଜୀବନରୁ ଆରଏସଏସ ସହ ସମ୍ପୃକ୍ତ ଥିବା ବିଶ୍ୱେଶ୍ୱର ପରବର୍ତ୍ତୀ ସମୟରେ ବାଲିମେଲା ଡ୍ୟାମ ପ୍ରକଳ୍ପରେ ସହକାରୀ ଯନ୍ତ୍ରୀ ଭାବେ ଅବସ୍ଥାପିତ ହୋଇଥିଲେ । ଗତ ୩ ଦଶନ୍ଧି ଧରି ସେ ବନବାସୀ କଲ୍ୟାଣ ବିଦ୍ୟାଳୟ ସହ ଜଡିତ ରହିଛନ୍ତି ।

୨୦୧୨ ମସିହାରେ ସାନମୁଣ୍ଡାବଣି ପଞ୍ଚାୟତର ସମିତି ସଭ୍ୟ ଆସନ ପାଇଁ ଲଢ଼େଇ କରି ପରାଜିତ ହୋଇଥିଲେ ବିଶ୍ୱେଶ୍ୱର । ଏହା ପୂର୍ବରୁ ଜିଲ୍ଲା ପରିଷଦ ଆସନ ପାଇଁ ମଧ ଥରେ ଲଢ଼େଇ କରି ସଫଳ ହୋଇ ପାରି ନ ଥିଲେ । ତେବେ ୨୦୧୯ ରେ ହଠାତ୍ ତାଙ୍କୁ ଲୋକସଭା ଟିକେଟ୍ ଦେଇ ଚମକାଇ ଦେଇଥିଲା ବିଜେପି । ତାଙ୍କ ବିରୋଧରେ ଆଉ ଜଣେ ଉଚ୍ଚଶିକ୍ଷିତ ନେତା ଡାକ୍ତର ଦେବାଶିଷ ମାରାଣ୍ଡିଙ୍କୁ ପ୍ରାର୍ଥୀ କରିଥିଲା ବିଜେଡି । ଉକ୍ତ ନିର୍ବାଚନରେ ଜଣେ ଇଞ୍ଜିନିୟର ଓ ଡାକ୍ତରଙ୍କ ମଧରେ ଲଢ଼େଇ ବେଶ୍ ରୋଚକ ହୋଇଥିଲା । ସମସ୍ତ ଉତ୍କଣ୍ଠା ଓ କଳ୍ପନାଜଳ୍ପନାର ଅବସାନ ଘଟାଇ ୨୫ ହଜାରରୁ ଅଧିକ ଭୋଟ୍ ବ୍ୟବଧାନରେ ବାଜି ମାରି ନେଇଥିଲେ ବିଶ୍ୱେଶ୍ୱର । ସାଂସଦ ହେବା ପରଠାରୁ ତାଙ୍କୁ ବିଜେପିର ରାଷ୍ଟ୍ରୀୟ ସମ୍ପାଦକ, ରାଜ୍ୟ ବିଜେପି ଏଚଟି ମୋର୍ଚ୍ଚାର ସଭାପତି ଓ ମଧ ପ୍ରଦେଶର ସହ ପ୍ରଭାରୀ ଭାବେ ବିଭିନ୍ନ ଦାୟିତ୍ୱ ଦେଇଥିଲା ଦଳ । ଏଥିସହ ପଶ୍ଚିମବଙ୍ଗ ନିର୍ବାଚନରେ ଷ୍ଟାର ପ୍ରଚାରକ । ମିଥୁନ୍ ଚକ୍ରବର୍ତ୍ତୀଙ୍କ ସହ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର କରି ଦଳ ପାଇଁ ସଫଳତା ଆଣିଥିଲେ ବିଶ୍ୱେଶ୍ୱର ।

## ଧର୍ମେନ୍ଦ୍ରଙ୍କ ଉପରେ ଆସ୍ଥା ପ୍ରକଟ କରି ପୁଣି ଗୁରୁଦାୟିତ୍ୱ ଦେଲେ ମୋଦି



ସମ୍ବଲପୁର : ନିକଟରେ ହୋଇଥିବା କେନ୍ଦ୍ର ମନ୍ତ୍ରୀମଣ୍ଡଳର ଅଦଳ ବଦଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଥରେ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି । ଏହି ଅଦଳ ବଦଳରେ କ୍ୟାବିନେଟ ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ବିଭାଗ ବଦଳିଛି । ମୋଦି ସରକାରର ପ୍ରଥମ ପାଳିରୁ ଏଯାବତ ପେଟ୍ରୋଲିୟମ ବିଭାଗ ଦାୟିତ୍ୱରେ ଥିବା ଧର୍ମେନ୍ଦ୍ରଙ୍କୁ ଏବେ ଦିଆଯାଇଛି ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରାଳୟ । ସାରା ଦେଶକୁ ଗୋଟିଏ ଡୋରିରେ ବାନ୍ଧିବା ପାଇଁ ମୋଦି ସରକାରଙ୍କ ଅତି ଗୁରୁତ୍ୱପୂର୍ଣ୍ଣ ଯୋଜନା ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରୀ କରିବାର ଗୁରୁଦାୟିତ୍ୱ ଧର୍ମେନ୍ଦ୍ରଙ୍କୁ ଦେଇଛନ୍ତି ମୋଦି । ମୋଦି ସରକାରଙ୍କ ଡ୍ରିମ ପ୍ରୋଜେକ୍ଟ ଭିତରେ ରହିଛି ଜାତୀୟ ଶିକ୍ଷା ନୀତି । ଏହାକୁ କାର୍ଯ୍ୟକାରୀ କରିବା ମୋଦି ସରକାର ପାଇଁ ଏକ ବଡ ଆହ୍ୱାନ । ଏଥିପାଇଁ ଧର୍ମେନ୍ଦ୍ରଙ୍କୁ ଶିକ୍ଷା ବିଭାଗର ଗୁରୁଦାୟିତ୍ୱ ଦେଇଛନ୍ତି ମୋଦି । ଜାତୀୟ ଶିକ୍ଷା କାର୍ଯ୍ୟକାରୀ ହେଲେ ଦେଶରେ ଶିକ୍ଷା ବ୍ୟବସ୍ଥା ନୂଆ ରୂପ ପାଇବ । ଜାତୀୟସ୍ତରରେ ଶିକ୍ଷା ନୀତିକୁ ଆଧୁନିକ ରୂପ ଦେବା ସବୁ ପ୍ରାନ୍ତର ଭାଷା, ସଂସ୍କୃତିକୁ ମଧ୍ୟ ସେଥିରେ ସ୍ଥାନିତ କରାଯିବ । ଫଳରେ ଶିକ୍ଷା ବ୍ୟବସ୍ଥାରେ ଜାତୀୟତା ରୂପ ଦେଖିବାକୁ ମିଳିବ । ଯେହେତୁ ଧର୍ମେନ୍ଦ୍ର ପେଟ୍ରୋଲିୟମ, ଇସ୍ପାତ ବିଭାଗ ଭଳି ଗୁରୁ ଦାୟିତ୍ୱକୁ ଦକ୍ଷତାର ସହ ତୁଲାଇଥିଲେ ତେଣୁ ଏହି ମେଗା ସ୍ୱପ୍ନକୁ ସାକାର କରିବା ପାଇଁ ଧର୍ମେନ୍ଦ୍ରଙ୍କ ଉପରେ ଭରସା କରିଛନ୍ତି ମୋଦି । ବିଗତ ଦିନରେ ଶ୍ରୀ ପ୍ରଧାନ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ଆରଏସଏସର ବିଶ୍ୱସ୍ତ ହୋଇପାରିବା ସହ ନିଜ ଦକ୍ଷତାକୁ ପ୍ରତିପାଦିତ କରିଛନ୍ତି । ତେଣୁ ତାଙ୍କୁ ଏହି ନୂଆ ଗୁରୁଦାୟିତ୍ୱ ମିଳିଥିବା କୁହାଯାଉଛି । ଧର୍ମେନ୍ଦ୍ରଙ୍କ ସମୟରେ ପେଟ୍ରୋଲିୟମ ବିଭାଗରେ ଅନେକ ଲୋକାଭିମୁଖୀ ପଦକ୍ଷେପ ନିଆଯାଇଛି । ଉଜ୍ଜ୍ୱଳା ଭଳି ବିରାଟ ଯୋଜନା ଆଜି ଗରିବଙ୍କ ଘରେ ରନ୍ଧନ ଗ୍ୟାସ ପହଞ୍ଚାଇଛି । ୨୦୧୯ରେ ବିଜେପି ପୁଣି ବିଶାଳ ବିଜୟ ସହ କ୍ଷମତାକୁ ଫେରିବା ପଛରେ 'ଉଜ୍ଜ୍ୱଳା ଯୋଜନା' ବଡ଼ ଭୂମିକା ନେଇଥିଲା ।

ଶ୍ରୀ ପ୍ରଧାନ ହେଉଛନ୍ତି ଓଡ଼ିଶାର ପ୍ରଥମ ବ୍ୟକ୍ତି ଯେ କି କେନ୍ଦ୍ରର ଶିକ୍ଷା ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି । ମୌଲାନା ଅବୁଲ କାଲାମ ଆଜାଦ, ଏମ.ସି. ଚଗଲା, ହୁମାୟୁନ କବିର, ଫକିରୁଦ୍ଦିନ ଅଲ୍ଲୀ ଅହମ୍ମଦ, ଏସ୍.ନୁରୁଲ ହାସନ, କରଣ ସିଂ, ଏସ୍.ବି.ଚଭନ ଏବଂ କେ.ସି. ପନ୍ଥଙ୍କ ଭଳି ବିଶିଷ୍ଟ ବ୍ୟକ୍ତିମାନେ ଏହି ମର୍ଯ୍ୟାଦାଜନକ ପଦବୀରେ ଅବସ୍ଥାପିତ ହୋଇ ଥିଲେ । ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବା ବେଳେ ଏହି ବିଭାଗ ମାନବ ସମ୍ବଳ ବିଭାଗରେ ପରିବର୍ତ୍ତିତ ହୋଇଥିଲା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ଏହି ବିଭାଗର ପ୍ରଥମ ମନ୍ତ୍ରୀ ପଦବୀରେ ଆସୀନ ହୋଇଥିଲେ । ସେହିପରି ଅଟଳ ବିହାରୀ ବାଜପେୟୀଙ୍କ ମନ୍ତ୍ରୀମଣ୍ଡଳରେ ଡକ୍ଟର ମୂରଲୀ ମନୋହର ଯୋଶୀ ଏହି ବିଭାଗ ସମ୍ଭାଳିଥିଲେ ।

## ଏ ସଂଖ୍ୟାରେ..



ପିଜୁଳିର ଉପଯୋଗିତା



କ୍ୟାନସର ପ୍ରତିରୋଧକ ଡିମ୍ବିରି



ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଞ୍ଚା କଦଳୀ



ହାଡ଼କୁ ସବଳ କରେ ଦହି



ନଡିଆର ଉପକାରିତା

# କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ପୁଣି ପଶ୍ଚିମ ଓଡ଼ିଶାକୁ ଚରମ ଉପେକ୍ଷା

ସମ୍ବଲପୁର : ପଶ୍ଚିମ ଓଡିଶାର ସମସ୍ତ ୫ଟି ଯାକ ଲୋକସଭା ଆସନକୁ ଗତ ୨୦୧୯ରେ ଜନତା ବିଜେପି ହାତକୁ ଟେକି ଦେଇଥିଲେ । ପୁଣି ସେଥିରେ ସମସ୍ତେ ବେଶ୍ ଅଭିଜ୍ଞ ରାଜନେତା ଭାବେ ଜଣାଶୁଣା । ଏହାସତ୍ତ୍ୱେ ଗତ ୨୦୧୯ରେ କେନ୍ଦ୍ରରେ ନୂତନ ସରକାର ଗଠନ ବେଳେ ପଶ୍ଚିମ ଓଡିଶାକୁ ଗୋଟିଏ ବି ମନ୍ତ୍ରୀ ପଦ ମିଳିନଥିଲା । ଏହି ଦୃଷ୍ଟିରୁ ନିକଟରେ ହୋଇଥିବା ସଂପ୍ରସାରଣରେ ଅନ୍ତତଃପକ୍ଷେ ପଶ୍ଚିମ ଓଡିଶାକୁ ନ୍ୟାୟ ମିଳିବ ବୋଲି ଲୋକଙ୍କ ମନରେ ଆଶା ବି ବସା ବାନ୍ଧି ସାରିଥିଲା । କିନ୍ତୁ, ପଶ୍ଚିମ ଓଡିଶାବାସୀଙ୍କୁ ପୁଣି ଥରେ ଚରମ ଉପେକ୍ଷା କରାଯାଇଛି । ଏପରିକି ଏହି ବିପୁଳ ଜନାଦେଶ ପ୍ରତି ଅବିଚାର ହୋଇଥିବା ନେଇ ଆଲୋଚନା ହୋଇଛି । କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଅମଳରୁ ବର୍ତ୍ତମାନ ଯାଏ କେନ୍ଦ୍ର ସରକାରରେ ପଶ୍ଚିମ ଓଡିଶାକୁ ଉପେକ୍ଷା କଥା ସବୁ ବେଳେ ଚର୍ଚ୍ଚା ହୋଇଆସିଛି । କାରଣ, ୟୁପିଏ ଅମଳରେ ପଶ୍ଚିମ ଓଡିଶାର ୫ ଲୋକସଭା ଆସନରୁ ୪ଟି କଂଗ୍ରେସ ହାତକୁ ଯାଇଥିଲେ ବି ଜଣେ ହେଲେ ସାଂସଦଙ୍କୁ ମନ୍ତ୍ରୀ ପଦ ମିଳିନଥିଲା । ଆଉ ଗତ ୨୦୧୪ରେ କେନ୍ଦ୍ରରେ ମୋଦି ସରକାର ବିପୁଳ ଜନ ସମର୍ଥନରେ କ୍ଷମତାକୁ ଆସିଥିବା ବେଳେ ପଶ୍ଚିମ ଓଡିଶାର କେବଳ ସୁନ୍ଦରଗଡ ଆସନ ବ୍ୟତୀତ ଅନ୍ୟ ସମସ୍ତ ଆସନ ବିଜେଡି ହାତକୁ ଯାଇଥିଲା । ତେବେ, ସେହି ସରକାରରେ ସୁନ୍ଦରଗଡ ସାଂସଦ ଜୁଏଲ୍ ଓରାମଙ୍କୁ ଅବଶ୍ୟ କ୍ୟାବିନେଟ୍ ମନ୍ତ୍ରୀ ପଦ ଟିଏ ମିଳିଥିଲା । କିନ୍ତୁ, ୨୦୧୯ରେ ପଶ୍ଚିମ ଓଡିଶାର ୫ଟି ଯାକ ଆସନକୁ ବିଜେପି ପୋଛି ନେଇଥିଲା ।

ତଥାପି ଦ୍ୱିତୀୟ ପାଳିର ସରକାର ଗଠନରେ ପଶ୍ଚିମ ଓଡିଶାକୁ ଗୋଟିଏ ବି ମନ୍ତ୍ରୀ ପଦ ମିଳିନଥିଲା । ଏପରିକି ଏଥିରେ ପୂର୍ବରୁ ମନ୍ତ୍ରୀ ଥିବା ଜୁଏଲ୍ ବାଦ୍ ପଡିଥିଲେ । ସେପଟେ, ସମ୍ବଲପୁରରୁ ଦେବଗଡ ରାଜା ତଥା ପୂର୍ବତନ ବିଧାୟକ ନିତେଶ ଗଙ୍ଗଦେବ, ବରଗଡରୁ ବିଜେପି ରାଷ୍ଟ୍ରୀୟ ସଂପାଦକ ସୁରେଶ ପୂଜାରୀ, ବଲାଙ୍ଗୀରରୁ ଅଭିଜ୍ଞ ନେତ୍ରୀ ସଙ୍ଗୀତା ସିଂହଦେଓ ଏବଂ କଳାହାଣ୍ଡି ଆସନରୁ ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଭଳି ନେତା ସଂସଦକୁ ଯାଇଛନ୍ତି । ତଥାପି ଏମାନଙ୍କୁ କେନ୍ଦ୍ର ମନ୍ତ୍ରୀମଣ୍ଡଳ ପାଇଁ ଅଯୋଗ୍ୟ ବିବେଚିତ ହୋଇଥିଲେ ।

ଏଭଳି ସ୍ଥିତିରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିରେ ପ୍ରଥମ ସଂପ୍ରସାରଣ ଥିଲା । ହେଲେ ସାରା ଓଡିଶାର ୧୨ଟି ଲୋକସଭା ସାଂସଦଙ୍କ ମଧ୍ୟରୁ କେବଳ ମୟୁରଭଞ୍ଜ ସାଂସଦ ବିଶ୍ୱେଶ୍ୱର ଟୁଡୁଙ୍କୁ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମିଳିଛି । ସେପଟେ, ଓଡିଶାରୁ ରାଜ୍ୟସଭାକୁ ଯାଇଥିବା ଅଶ୍ୱିନୀ ବୈଷ୍ଣବଙ୍କୁ କେବିନେଟ୍ ମନ୍ତ୍ରୀ ପଦ ସାଂଗକୁ ରେଳବାଇ ପରି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରାଳୟ ବି ମିଳିଛି । କିନ୍ତୁ, ଓଡିଶାର ଅନ୍ୟ ୧୧ ସାଂସଦଙ୍କୁ ନିରାଶ ହେବାକୁ ପଡିଛି । ପରିତାପର ବିଷୟ ହେଉଛି ଯେ, ସମଗ୍ର ପଶ୍ଚିମ ଓଡିଶାବାସୀଙ୍କୁ ଚରମ ଉପେକ୍ଷାର ଶିକାର ହେବାକୁ ପଡିଛି । ସୁନ୍ଦରଗଡରୁ ଆରମ୍ଭ କରି କଳାହାଣ୍ଡି ପର୍ଯ୍ୟନ୍ତ ୫ଟି ଯାକ ଆସନକୁ ବିଜେପି ହାତରେ ଟେକି ଦେଇ ପଶ୍ଚିମ ଓଡିଶାବାସୀଙ୍କୁ କି ଲାଭ ମିଳିଲା ବୋଲି ଏବେ ଆଲୋଚନା ସରଗରମ ହୋଇଛି । ଆଉ ଏହି ଅବହେଳା ଏବେ ବିରୋଧୀଙ୍କୁ ସମାଲୋଚନା ପାଇଁ ବେଶ୍ ଖୋରାକ୍ ଯୋଗାଇଛି ।

ପଶ୍ଚିମ ଓଡ଼ିଶାରେ ବିଜେପିର ସ୍ଥିତି ଉପକୂଳ ଓଡ଼ିଶା ତୁଳନାରେ ବେଶ୍ ସୁଦୃଢ଼ ବୋଲି କୁହାଯାଏ । ବିଭିନ୍ନ ସମୟରେ ବିଧାନସଭା ଓ ଲୋକସଭା ନିର୍ବାଚନରେ ପଶ୍ଚିମ ଓଡ଼ିଶାରୁ ହିଁ ମିଳିଛି ସଂଖ୍ୟାଧିକ ଭୋଟ । ଏହା ସତ୍ତ୍ୱେ ପଶ୍ଚିମ ଓଡ଼ିଶାକୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅବହେଳା କରାଯିବା ଅନେକଙ୍କୁ ବିସ୍ମିତ କରିଛି । କେନ୍ଦ୍ରର ଏହି ଅବହେଳା ଭବିଷ୍ୟତରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନରେ ଦଳ ପାଇଁ ଘାତକ ହେବା ଆଶଙ୍କା ସୃଷ୍ଟି କରିଛି ।

## ଓଡ଼ିଶା ସୋସାଇଟି ଅଫ୍ ଆମେରିକା'ର ୫୨ ତମ ପ୍ରତିଷ୍ଠା ଦିବସ

ସମ୍ବଲପୁର : ଆମେରିକାରେ 'ଓଡ଼ିଶା ସୋସାଇଟି ଅଫ୍ ଆମେରିକା'ର ୫୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । କାର୍ଯ୍ୟକ୍ରମ ଆରମ୍ଭରେ ଆମେରିକା ଓ ଆମଦେଶର ଜାତୀୟ ସଂଗୀତ ସହ ବନ୍ଦେ ଉତ୍କଳଜନନୀ ମଧ ଗାନ କରାଯାଇଥିଲା । ଏଥିରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଓଏସଡିଏ ଅଧକ୍ଷ ସୁବ୍ରତ ବାଗଚୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଭର୍ଚୁଆଲ ମାଧମରେ ଯୋଡି ହୋଇଥିଲେ । ଏହି ଅବସରରେ ସଂଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହିତ ରାଜ୍ୟର ସମୃଦ୍ଧି ପାଇଁ ଥିବା ସେମାନଙ୍କ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା । ମୁଖ୍ୟତଃ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ରାଜ୍ୟରେ ପର୍ଯ୍ୟାପ୍ତ ସଂଖ୍ୟକ ଅଧାପକ ନିଯୁକ୍ତ କରିବା, ଗବେଷଣାକୁ ଉଚ୍ଚ ଶିକ୍ଷାରେ ଅଧିକ ପ୍ରୋତ୍ସାହନ ଦେବା ଆଦି ସମ୍ପର୍କରେ ଆଲୋକପାତ କରାଯାଇଥିଲା । ସେହିପରି ମୋ ସ୍କୁଲ ଯୋଜନା ଭଳି ପ୍ରତ୍ୟେକ ଗ୍ରାମାଞ୍ଚଳରେ ଓ ପ୍ରତି ପଞ୍ଚାୟତରେ 'ମୋ ଲାଇବ୍ରେରୀ' ପ୍ରତିଷ୍ଠା କରିବା ଲାଗି ରାଜ୍ୟ ସରକାରଙ୍କୁ ସଂଗଠନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ଯାହା ଫଳରେ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କୁ ପଢ଼ା ପ୍ରତି ଅଧିକ ଆକୃଷ୍ଟ କରାଯାଇ ପାରିବ ବୋଲି କର୍ମକର୍ତ୍ତାମାନେ ଦର୍ଶାଇଥିଲେ । ଏହି ଅବସରରେ ମଧ ଓଡ଼ିଶା ସଂସ୍କୃତି କେନ୍ଦ୍ର ଓ ଜଗନ୍ନାଥ ମନ୍ଦିର ଉଦଘାଟନ କରାଯାଇଥିଲା । ସଂଗଠନ ପକ୍ଷରୁ ମଧ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା । ଓଡ଼ିଶା ସୋସାଇଟି ଅଫ୍ ଆମେରିକାର କୁକୁ ଦାସ ସୋସାଇଟିର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଅନୁଷ୍ଠାନର ଉପସଭାପତି ଅନୀଲ ପଟ୍ଟନାୟକ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରିଥିଲେ । ଏହା ସହିତ ଓଏସଏଏସଡବ୍ଲୁ ଚାପ୍ଟରର ଉପସଭାପତି ସ୍ୱରୂପ ପଣ୍ଡା, ଡକ୍ଟର ଗୋପାଳ ମହାପାତ୍ର ଓ ସହ ଆବାହକ ଯାମିନି ନୟାଗାନ୍ଧୀ ଏହି କାର୍ଯ୍ୟକ୍ରମରେ ଯୋଡି ହୋଇଥିଲେ ।



## କେବିକେ ଯୁଗ୍ମପ୍ରଶାସକ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ

ସୁବର୍ଣ୍ଣପୁର : କେ ବି କେ ଯୁଗ୍ମ ପ୍ରଶାସକ ଶ୍ରୀ ନୃପରାଜ ସାହୁ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲ୍ଲାରେ କେବିକେ ଅନୁଦାନ ପ୍ରାପ୍ତ ବିଭିନ୍ନ ପ୍ରକଳ୍ପ ଗୁଡିକର ଅଗ୍ରଗତି ଓ କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି । ସେ ଏହି ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଓଡିଶା ମିଶନ ଶକ୍ତିର କାର୍ଯ୍ୟକାରିତା, ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଚାଲିଥିବା ଜିଲ୍ଲାର ବିଭିନ୍ନ ସିଏଚସି ଓ ପିଏଚସି ସହ ମୁଖ୍ୟ ଡାକ୍ତରଖାନାରେ ନିର୍ମାଣଧୀନ କୋଠା, ଆନୁଷଙ୍ଗିକ ଭିତ୍ତିଭୂମି, ଗ୍ରାମ୍ୟାଞ୍ଚଳରେ ନିର୍ମାଣଧୀନ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, କ୍ଷୁଦ୍ର ଜଳ ସେଚନ ବିଭାଗର କାର୍ଯ୍ୟକାରିତା, ସହ ସାମାଜିକ ସୁରକ୍ଷା ବିଭାଗ, ଜିଲ୍ଲା ମଙ୍ଗଳ ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ ପ୍ରଭୃତିର କାର୍ଯ୍ୟକାରିତା ଉପରେ ବିଭାଗୀୟ ସମ୍ପୃକ୍ତ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ବିଭାଗ ଗୁଡିକରେ ଚାଲିଥିବା ପ୍ରକଳ୍ପ ଗୁଡିକୁ ଧାର୍ଯ୍ୟ ସମୟ ମଧରେ ସମାପନ କରିବା ଓ ବିଭାଗୀୟ କାର୍ଯ୍ୟକ୍ରମ ଗୁଡିକୁ ସଫଳତାର ସହ ଲୋକଙ୍କୁ ପହଞ୍ଚାଇବା ନିମନ୍ତେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି । ସମୀକ୍ଷା ବୈଠକ ପରେ ଡ଼ଃ ସାହୁ ଜିଲ୍ଲପାଳ ଅଗ୍ରୱାଲୀ ସୁନିଲ ନରୱ୍ୱେଣଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ସମ୍ପୃକ୍ତ ବିଭାଗୀୟ ଆଲାଚନା କରିଥିଲେ । ତତ ପରେ ଡ଼ଃ ସାହୁ ସୋନପୁର ବ୍ଲକ କାର୍ଯ୍ୟାଳୟକୁ ଯାଇ ସେଠାରେ ମଧ ବିଭାଗୀୟ କାର୍ଯ୍ୟକାରିତାର ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଉପ ନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ, ସୁବର୍ଣ୍ଣପୁର, ଶ୍ରୀ ସୁକାନ୍ତ କୁମାର ଜେନା , ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ, ବିଭୁ ପ୍ରସାଦ ପଣ୍ଡା, ନିର୍ବାହୀ ଯନ୍ତ୍ରୀ ଏମ ଆଇ-କିଶାର ଚନ୍ଦ୍ର ଆଚାର୍ଯ୍ୟ, ଇନଚାର୍ଜ ଡ଼ିଏସ ଡବ୍ଲୁଓ ଅନିତା ଗୁରୁ, ଡ଼ିଇଓ ଲକ୍ଷ୍ମଣ ଭାଇ, ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ଦିଲୀପ କୁମାର ପଣ୍ଡା, ଡ଼ି ଡବ୍ଲୁଓ ପାଲାକା ରବୀନ୍ଦ୍ର, ନିର୍ବାହୀ ଯନ୍ତ୍ରୀ ଆରଡବ୍ଲୁଡ଼ି- ବୈକୁଣ୍ଠ ନାଥ ଷଡ଼ଙ୍ଗୀ, ରାଶନ ଗାନ୍ଧୀ- ଏଡ଼ି ପ୍ଲାନିଂ, ଦ୍ୟୁଳକଦ୍ୟୁତି ପ୍ରଧାନ -ଏଇ ଏନ.ଏଚ.ଏମ, ସଞ୍ଜୟ କୁମାର ପଣ୍ଡା -ଡେପୁଟି ମ୍ୟାନେଜର ଏନ.ଏଚ.ଏମ, ପ୍ରମୁଖ ଉପସ୍ଥିତ ରହି ଆଲାଚନାରେ ଭାଗ ନେଇଥିଲେ ।

## ଭିଏସଏସୟୁଟିରେ ବନ ମହୋତ୍ସବ

ବୁର୍ଲା : ଭିଏସଏସୟୁଟି ଠାରେ ବନ ମହୋତ୍ସବ ପାଳିତ ହୋଇ ଯାଇଛି । ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳନ ଉପଲକ୍ଷେ ଜାତୀୟ ସେବା ସଂସ୍ଥା ତରଫରୁ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଛି । ସମ୍ବଲପୁର ସହରର ବିଭିନ୍ନ ସ୍ଥାନ ସହ ଭତରା ଓ ହୀରାକୁଦ କଲୋନିରେ ଚାରା ରୋପଣ କରାଯାଇଥିଲା । ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ଠାରୁ ସଂଗୃହୀତ ଖାଦ୍ୟ ସାମଗ୍ରୀ ଭତରା ଗାଁର କିଛି ଦୁଃସ୍ଥ ଏବଂ ରୋଜଗାର ହରାଇ ଥିବା ବ୍ୟକ୍ତିଙ୍କୁ ବଣ୍ଟା ଯାଇଥିଲା । ଭିସୁଟ ପରିସରରେ କୁଳପତି ପ୍ରଫେସର ବିଭୁତି ଭୂଷଣ ପତି, କୁଳସଚିବ ଉପମା କାଲୋ, ପ୍ରଫେସର ରାକେଶ ରୋଶନ ଦାସ, ପ୍ରଫେସର ସୁଶାନ୍ତ କୁମାର ବଳଜେନାଙ୍କ ଦ୍ୱାରା ବୃକ୍ଷରୋପଣ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମ ଜାତୀୟ ସେବା ସଂସ୍ଥାର ପ୍ରୋଗ୍ରାମ ଅଫିସର୍ ଡକ୍ଟର ନୂତନ ସାହା, ସଂଯୋଜକ ଡକ୍ଟର ଅନିଲ କର ଓ ଜିଲ୍ଲା ଏନ୍‌ଏସ୍‌ଏସ୍ ଅଧିକାରୀ ବିଶ୍ୱମୋହନ ଜେନା ପରିଚାଳନା କରିଥିଲେ । ଭିସୁଟ୍ ପରିସରରେ ପ୍ରଫେସର ପ୍ରକାଶ ଚନ୍ଦ୍ର ସ୍ୱାଇଁ ଓ ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ସୁଧାଂଶୁ ଶେଖର ଦାସଙ୍କ ନେତୃତ୍ୱରେ ବୃକ୍ଷରୋପଣ କରାଯାଇଥିଲା । ବିଶ୍ୱବିଦ୍ୟାଳୟ କର୍ମଚରୀ ଅଭୟ ଶତପଥୀ ବୃକ୍ଷରୋପଣ ଅଭିଯାନକୁ ବ୍ୟାପକ କରିବାକୁ ଉତ୍ସାହିତ କରିଥିଲେ । ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ୍ ଅଧିକାରୀ ନିବେଦିତା ପଟେଲ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ । ମାନିଲା ମଲ୍ଲିକ, କୁନି ନାୟକ ଓ ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ଅନିଲ କରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବିଜେଡିର ୫୧ ଜଣିଆ ଜିଲ୍ଲା କର୍ମକର୍ତ୍ତା ଘୋଷଣା

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲା ବିଜେଡିର ୫୧ ଜଣିଆ କର୍ମକର୍ତ୍ତା ଘୋଷଣା କରାଯାଇଛି । ଜିଲ୍ଲା ସଭାପତି କିଶୋର ମହାନ୍ତି, ଉପସଭାପତି ମନୋରଞ୍ଜନ ମହାପାତ୍ର, କୁଳମଣି ଦାସ, ତୁଳାରାମ ସେନାପତି, ରଘୁମଣି ପଟେଲ, ବେଣୁ ଗୋପାଳ ପାଣିଗ୍ରାହୀ, ସଞ୍ଜିତ ପ୍ରଧାନ ଓ ଶମ୍ଭୁ ମହାନ୍ତି ରହିଛନ୍ତି । ସେହିପରି ସାଧାରଣ ସମ୍ପାଦକ ବିଶ୍ୱନାଥ ନାୟକ, ସମ୍ପାଦକ ଗୋପାଳ ସିତାନୀ, ସୁକାନ୍ତୀ ଜୟପୁରିଆ, ଜୟନ୍ତ ଦୀକ୍ଷିତ, ସୁରେନ୍ଦ୍ର ନାୟକ, ରାଜେନ୍ଦ୍ର ସାହୁ, ରାଧେଶ୍ୟାମ ପଟେଲ, ପୀତାମ୍ବର ମିଶ୍ର, ଶ୍ୟାମ ରାଓଲାନୀ, ପ୍ରମୋଦ ତ୍ରିପାଠୀ ଓ ପ୍ରମୋଦ ଗଡତିଆ ରହିଛନ୍ତି । ଏହା ସହିତ ଏହି କମିଟିରେ ୩୨ ଜଣିଆ ଏକଜିକ୍ୟୁଟିଭ୍ ମେମ୍ବର ରହିଛନ୍ତି ।

## ଭୂଷଣ କାରଖାନାର ସମ୍ପ୍ରସାରଣ ହେବ

ସମ୍ବଲପୁର : ଠେଲକୋଲୋଇ ସ୍ଥିତ ଭୂଷଣ ପାୱାର ଓ ଷ୍ଟିଲ୍ ପ୍ଲାଣ୍ଟ ଲିମିଟେଡ ଷ୍ଟିଲ୍ ପ୍ଲାଣ୍ଟର ଉତ୍ପାଦନ କ୍ଷମତାକୁ ବାର୍ଷିକ ୫ ନିୟୁତ ମେଟ୍ରିକ ଟନ୍ ରୁ ୧୫ ଏମଏମଟିପିଏକୁ ସମ୍ପ୍ରସାରଣ କରାଯିବ । ସେଥିରେ କମ୍ପାନୀ ପକ୍ଷରୁ ୫୫ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ୧୦ ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ । ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟି ବୈଠକରେ ଏହି ପ୍ରକଳ୍ପ ଅନୁମୋଦିତ ହୋଇଛି ।

# ଭାଗବତ /// ଧନୁ-ଯଜ୍ଞସ୍ଥଳୀରେ ରାମ କୃଷ୍ଣ

ଧନୁଯଜ୍ଞ ଆରମ୍ଭ ହେବାର ଚତୁର୍ଥ ଦିନ ଅତିବାହିତ ହୋଇଯାଇଥିଲା । ସେ ଦିନ ଥିଲା ପଞ୍ଚମ ଦିବସ । ଯଦି ପଞ୍ଚମ ଦିନଟି ନିର୍ବିଘ୍ନରେ ଅତିବାହିତ ହୋଇଯିବ ତେବେ କଂସର କେହି କିଛି କ୍ଷତି କରିପାରିବେ ନାହିଁ ।

କୃଷ୍ଣ ବଳରାମ ପଚାରି ପଚାରି ଧନୁ ଯଜ୍ଞ ସ୍ଥଳୀରେ ପହଞ୍ଚିଲେ । ଧନୁକୁ ଜଗି ଅନେକ ସେବକ ଥିଲେ । ସେମାନେ ସମସ୍ତେ କୃଷ୍ଣ ବଳରାମଙ୍କୁ ଦେଖୁଥିଲେ । କେହି କିଛି କହିବା ପୂର୍ବରୁ ବା ସାବଧାନ ହେବା ପୂର୍ବରୁ କୃଷ୍ଣଚନ୍ଦ୍ର ସିଧା ସିଧା ଧନୁପାଖରେ ପହଞ୍ଚିଗଲେ ଏବଂ ସହସା ଧନୁକୁ ଉଠାଇ ଆଣିଲେ । ଆଉ ଧନୁର ଫିତା ବାନ୍ଧିବା ଆଳରେ ଧନୁକୁ ଦୁଇଖଣ୍ଡ କରି ଭାଙ୍ଗିଦେଲେ । ପ୍ରଥମେ ତ କଂସର ସେବକମାନେ କିଛି ବୁଝିପାରିଲେ ନାହିଁ । ପରବର୍ତ୍ତୀକାଳରେ, ଧନୁଭଙ୍ଗ ହୋଇଯାଇଥିବା ଦେଖି ରାମ କୃଷ୍ଣଙ୍କୁ କ୍ରୋଧରେ ଆକ୍ରମଣ କଲେ । ରାମ କୃଷ୍ଣ ଦୁହେଁ ସେହି ଆକ୍ରମଣକାରୀ ସେବକଙ୍କୁ ମାରିପକାଇଲେ ।

ଇତ୍ୟବସରରେ କେତେକ ସେବକ ଖସି ଆସି ରାଜା କଂସଙ୍କୁ ଧନୁଯଜ୍ଞ ଭଙ୍ଗ ହୋଇଥିବା ଖବର ଦେଲେ । ସେମାନେ କହିଲେ ମହାରାଜ । ସେହି ଦୁଇଜଣ ପ୍ରତାପୀ ବାଳକ ଆପଣଙ୍କ ମହାନ୍ ଯଜ୍ଞ ଭଙ୍ଗ କରି ଦେଇଛନ୍ତି । ଆପଣ କାଳବିଳମ୍ବ ନ କରି ସେମାନଙ୍କୁ ରାଜ୍ୟଭାର ଦିଅନ୍ତୁ, ଆଉ ନିଜେ ଭଗବାନଙ୍କର ଆଶ୍ରୟ ନିଅନ୍ତୁ, ଭଜନ, କୀର୍ତ୍ତନ ପ୍ରତି ମନବଳାନ୍ତୁ । ଆପଣ କୃଷ୍ଣଙ୍କ ମାତାପିତାଙ୍କୁ ବନ୍ଦୀକରି ପାପ କରିଛନ୍ତି, ଆପଣ ଅତି ଦୁଷ୍ଟ ।

କଂସ କିଂକର୍ତ୍ତବ୍ୟବିମୁଖ ହୋଇଗଲା କ୍ଷଣକ ପାଇଁ । ପରକ୍ଷଣରେ ରାଗରେ ପାଗଳପ୍ରାୟ ହୋଇଗଲା । ସେ କ୍ରୋଧଜର୍ଜରିତ ସ୍ୱରରେ ସେହି ହିତାକାଂକ୍ଷୀ ସେବକଙ୍କୁ କହିଲା- 'ଆରେ ପାଗଳମାନେ । ତୁମେ କାହାକୁ କ'ଣ ସବୁ କହି ଯାଉଛ ? ମୁଁ ହେଉଛି ରାଜା । ମୋ ରାଜ୍ୟ ମୁଁ କଦାପି କାହାକୁ ଦେବି ନାହିଁ । ବୁଝିଲ ।

ଏଣେ କୃଷ୍ଣ ବଳରାମ ସମସ୍ତ ସିପାହୀଙ୍କୁ ଭଙ୍ଗାଧନୁରେ ପ୍ରହାର କରି ମାରି ମଥୁରା ଦାଣ୍ଡକୁ ବାହାରି ଆସିଲେ । ସୂର୍ଯ୍ୟ ଅସ୍ତହେବାକୁ ଯାଉଥିଲା । ସନ୍ଧ୍ୟା ପୂର୍ବରୁ ସେମାନେ ବସାଘରକୁ ଫେରି ଆସିବା ପାଇଁ ନନ୍ଦବାବାଙ୍କର କଡ଼ା ନିର୍ଦ୍ଦେଶ ଥିଲା । ଦୁଇ ଭାଇ ଗୋପାଳସାଥୀଙ୍କ ଗହଣରେ ବସାଘରକୁ ଫେରି ଆସିଲେ ସୁନାପିଲାଙ୍କ ଭଳି । ସତେ ଯେପରି କୌଣସି ଠାରେ କିଛି ଅଘଟଣ ଘଟିନାହିଁ ।

କୃଷ୍ଣ ସୁନାପିଲା ଭଳି କହିଲେ ନାଇଁ ! ଆମେ କେଉଁଠି କିଛି କରିନାହୁଁ । ଲୋକମାନେ ମୋତେ ମୋର ପରିଚୟ ପଚାରୁଥିଲେ । ମୁଁ ନନ୍ଦ ଯଶୋଦାଙ୍କ ପୁଅ ବୋଲି ସମସ୍ତଙ୍କୁ କହିଛି । ବାବା ! ମୋ ପରିଚୟ ପାଇବା କ୍ଷଣି ଲୋକମାନେ ଆମକୁ ଏଇ ସୁନ୍ଦର ସୁନ୍ଦର ପୋଷାକ ଆଉ ଫୁଲମାଳ ପିନ୍ଧାଇଛନ୍ତି ।

ନନ୍ଦବାବା ବିଚରା ଅତି ସରଳ ଲୋକ । ସେ କୃଷ୍ଣଙ୍କ ପ୍ରତ୍ୟେକ କଥାକୁ ସତ ବୋଲି ଗ୍ରହଣ କରିନେଲେ । ସେ ମନେ ମନେ ଭାବିଲେ । ଏହି ସହରର ଯାଦବଙ୍କ ସହିତ ମୁଁ ସବୁବେଳେ ସଦବ୍ୟବହାର ଦେଖାଇ ଆସିଛି । ସେମାନେ ମୋ ପୁଅକୁ କିଛି ଦେଇଥିବା ଆଦୌ ଅସ୍ୱାଭାବିକ କଥା ନୁହେଁ ।

ରାତିରେ ସମସ୍ତେ ଏକାଠି ଖାଇ ବସିଲେ । ବ୍ରଜବାସୀମାନେ ସେମାନଙ୍କ ସହିତ ପ୍ରଚୁର ଖାଦ୍ୟ ପଦାର୍ଥ ନେଇଥିଲେ । କୃଷ୍ଣଙ୍କୁ ମାତା ଯଶୋଦା ଓ ନିଜର ଗଙ୍ଗା ନାମ ଗାଈ କଥା ବହୁତ ମନେପଡିଲା । ମୋ ବିନା ମୋ ମାତା ଓ ଗଙ୍ଗାର ଅବସ୍ଥା କ'ଣ ହୋଇଥିବ କେଜାଣି ? ଭୋଜନରେ କୃଷ୍ଣଙ୍କ ମନ ଲାଗିଲା ନାହିଁ ।

ପରଦିନ ପ୍ରତ୍ୟୁଷ ହେବାମାତ୍ରେ ସମସ୍ତେ ରାଜସଭା ଦେଖିଯିବା ପାଇଁ ପ୍ରସ୍ତୁତ ହେବାରେ ଲାଗିଲେ । କଂସର ମୃତ୍ୟୁ ପାଖେଇ ଆସୁଥିଲା । ପୂର୍ବଦିନ ଧନୁଭଙ୍ଗ ହେବା ଖବର ପାଇବା ଠାରୁ କଂସ ଭୀତତ୍ରସ୍ତ ହୋଇ ଯାଇଥିଲା । ମୁହଁତୋଡ ଯେତେ ଦେଖାଇ ଥିଲେ ବି ମାନସିକ ସ୍ତରରେ ସେ ପ୍ରାୟ ମରିଯାଇଥିଲା । ଧୋବାକୁ ମାରି ତା ବସ୍ତ୍ର ନେଇଥିବା, କୁବଜୀକୁ ସୁନ୍ଦରୀ କରିଦେଇଥିବା, ଧନୁଭାଙ୍ଗିଥିବା- ସମସ୍ତ ଖବର ପାଇ କଂସ ଆତଙ୍କ ମଣୁଥିଲା । ପୂର୍ବେ ବ୍ରଜକୁ ଯେତେ ରାକ୍ଷସ ପଠାଇଥିଲା ସେ ସମସ୍ତଙ୍କୁ ରାମ କୃଷ୍ଣ ବଧ କରିଛନ୍ତି ବୋଲି ତାର ଧାରଣା ଯେତେବେଳେ ଦୃଢ଼ ହେଉଥାଏ ସେ ମୃତ୍ୟୁ ଭୟରେ ସେତେସେତେ ଛନଛନ ହେବାରେ ଲାଗିଥାଏ ।

ସକାଳ ହେବା କ୍ଷଣି କଂସ ଚାଣୁର ଓ ମୁଷ୍ଟିକ ନାମକ ଦୁଇ ଅସୁର ମଲ୍ଲଙ୍କୁ ଡାକି ଯେକୌଣସି ଉପାୟରେ ରାମ - କୃଷ୍ଣଙ୍କୁ ମଲ୍ଲଯୁଦ୍ଧ ପାଇଁ ଆହ୍ୱାନ କରି ମାରିବା ପାଇଁ କଡ଼ା ଆଦେଶ ଦେଲା । ଆଉ ଦୂତଙ୍କୁ ପଠାଇ ରାମ କୃଷ୍ଣଙ୍କୁ ବସାଘରୁ ଡକାଇ ଆଣିଲା । କୁବଳୟପୀଡ଼ ହାତୀକୁ ଉଦ୍ଧାର କରି ରାମ କୃଷ୍ଣ ଦୁହେଁ ରଙ୍ଗ ସଭାରେ ପ୍ରବେଶ କଲେ ।

ରଙ୍ଗଭୂମିରେ ପ୍ରବେଶ କରୁଥିବା କୃଷ୍ଣଚନ୍ଦ୍ରଙ୍କର ସେ ଦିନର ରୂପ ଥିଲା ଅତି ଅଦ୍ଭୁତ । ସେଦିନ କୃଷ୍ଣଚନ୍ଦ୍ର ମଲ୍ଲଙ୍କୁ ବଜ୍ରଦ୍ୱାରା, ସାଧାରଣ ପୁରୁଷଙ୍କୁ ରତ୍ନଦ୍ୱାରା, ସ୍ତ୍ରୀଙ୍କୁ ମୂର୍ତ୍ତିମନ୍ତ କାମଦେବଙ୍କ ଭଳି, ଗୋପାଳଙ୍କୁ ସ୍ୱଜନ ପ୍ରୀତି ଦ୍ୱାରା, ରାଜାଙ୍କୁ ଶସକଙ୍କ ଭଳି, ବୃଦ୍ଧଙ୍କୁ ବାଳକ ସୁଲଭ ସ୍ନେହ ଦ୍ୱାରା, କଂସକୁ କାଳ ଭଳି, ଅଜ୍ଞାନୀକୁ ବିରାଟ ରୂପରେ, ଯୋଗୀଙ୍କୁ ପରମତତ୍ତ୍ୱ ଦ୍ୱାରା ଓ ଯାଦବଙ୍କୁ ପରମ ଦେବଙ୍କ ଭଳି ଅବବୋଧ କରାଇଥିଲେ ।

କୃଷ୍ଣଙ୍କୁ ଦର୍ଶନ କରି ସମସ୍ତ ଲୋକ ନିଜନିଜ ଭାବାନୁସାରେ ରୌଦ୍ର,



ଅଦ୍ଭୁତ, ଶୃଙ୍ଗାର, ହାସ୍ୟ, ବୀର, ବାତ୍ସଲ୍ୟ, ଭୟାନକ, ବୀଭତ୍ସ, ଶାନ୍ତ ତଥା ପ୍ରେମଭକ୍ତି ରସର ଅନୁଭବ କରିଥିଲେ । ସେଦିନ-

ଯାହାର ଭାବନା ଯେପରି ।
ଶ୍ରୀକୃଷ୍ଣ ଦିଶିଲେ ସେପରି ।

ଚାଣୁର ଓ ମୁଷ୍ଟିକ ମଦିରା ପାନକରି ମଲ୍ଲଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହୋଇ ଅପେକ୍ଷା କରିଥିଲେ । ଶ୍ରୀକୃଷ୍ଣ ଓ ବଳରାମ ରାଜସଭାରେ ପହଞ୍ଚିଯିବା କ୍ଷଣି ଦୁଇମଲ୍ଲ ଟିଟିକାର ମାରି, ବାହାସ୍ଫୋଟ ମାରି ସେମାନଙ୍କୁ ଉତ୍ତେଜିତ କରି କହିଲେ, 'ଆସ ପିଲେ । ଆସ କୁସ୍ତି କରିବା । ମହାରାଜାଙ୍କୁ ମଲ୍ଲଯୁଦ୍ଧ ଖୁବ୍ ଆନନ୍ଦ ଦିଏ । ସେ ଖୁବ୍ ଭଲପାଆନ୍ତି । ଯେ ବିଜୟୀ ହେବ ମହାରାଜ ତାକୁ ପୁରସ୍କାର ଦେବେ ।

କୃଷ୍ଣ କହିଲେ-

ଶୁଣ ଚାଣୂର ବୀରମଣି । ଉଚିତ ପ୍ରସ୍ତାବ ତୋ ବାଣୀ ।
ସ୍ୱଭାବେ ଆମ୍ଭେ ବଣ ଲୋକ । ନ ଜାଣୁ ଆମ୍ଭେ ଦୁଃଖୀ ସୁଖୀ ।
ଖେଳୁ କାନନ ନଦୀ କୁଳେ । ବାଳୁତ ପୁଅଙ୍କର ମେଳେ ।
ଏ ତ ନୁହଇ ଖେଳମୟେ । ତୁମ୍ଭେତ ପର୍ବତ ପରାୟେ ।
ତୁମ୍ଭର ତୁଲେ ଯୁଦ୍ଧ କାହିଁ । ଏ କଥା ଉଚିତ ନୁହଁଇ ।
ଅଧର୍ମ ହୋଇବଟି ଭଲେ । ତୁମେ ଯୁଝିଲେ ଆମ୍ଭ ତୁଲେ ।

ସେତେବେଳେ କୃଷ୍ଣଚନ୍ଦ୍ରଙ୍କ ମୁହଁରୁ ଏପରି କଥା ଶୁଣି ଚାଣୂର ଅଟ୍ଟହାସ୍ୟ ପ୍ରକାଶ କରି କହିଲା 'ମଲ୍ଲଯୁଦ୍ଧରେ ପୁଣି ଧର୍ମ ଅଧର୍ମ ।

ଚାଣୁରର ଔଦ୍ଧତ୍ୟ ବୋଧେ ଚରମ ସୀମା ଲଂଘନ କରି ସାରିଥିଲା । ଚାଣୁରର ମୃତ୍ୟୁ କାମନା କରି କୃଷ୍ଣ ଘୃଣାପୂର୍ଣ୍ଣ କ୍ରୋଧଦୃଷ୍ଟିରେ ତାକୁ ଚାହିଁ କହିଲେ- 'ରେ ପାପିଷ୍ଠ । ତୁ ଯଦି ସତରେ ଯୁଦ୍ଧ ଚାହୁଁ ତେବେ, ଆ, ଆମେ ବି ମାତୃସ୍ତନର ମର୍ଯ୍ୟାଦା ରକ୍ଷା କରିବା ଜାଣୁ । ଆମର ବଳପରାକ୍ରମ ଆମ ମା' ଦେଖୁ, କାରଣ ସେ ଆମକୁ ପର୍ଯ୍ୟାପ୍ତ ଦୁଧ ଲହୁଣି ଖୋଇ ବଳବାନ କରିଛି ।

ଇତ୍ୟବସରରେ ମୁଷ୍ଟିକ ବଳରାମଙ୍କ ହାତଧରି ମଲ୍ଲଯୁଦ୍ଧ ପାଇଁ ଉଦ୍ଦିଷ୍ଟ ଫୁଲକାକୁ ଟାଣିବା ପାଇଁ ଉଦ୍ୟମ କଲା ଓ ପରମୁହୂର୍ତ୍ତରେ ବଳରାମଙ୍କ ବଜ୍ରତୁଲ୍ୟ ଚପେଟା ଘାତରେ ଭୂମି ଉପରେ କଚାଡି ପଡିଗଲା । ବଳରାମ ମୁଷ୍ଟିକ ସହିତ ଓ କୃଷ୍ଣଚନ୍ଦ୍ର ଚାଣୁର ସହିତ ଘୋର ମଲ୍ଲଯୁଦ୍ଧରେ ବ୍ୟାପୃତ ହୋଇଗଲେ । ଅଳ୍ପ ସମୟ ମଧ୍ୟରେ ଯୁଦ୍ଧ ପ୍ରବଳ ଆକାର ଧାରଣ କଲା । ମଲ୍ଲ ଯୁଦ୍ଧକୁ ଅଧିକ ଉତ୍ତେଜନାପୂର୍ଣ୍ଣ କରିବା ପାଇଁ ନାନା ପ୍ରକାର ରଣତୁରୀ ବାଜିବାରେ ଲାଗିଲା । ସେ ଦିନ କିନ୍ତୁ କୃଷ୍ଣ ବଳରାମଙ୍କ ମଲ୍ଲକୁସ୍ତି କୌଶଳ ଥିଲା ଅଦ୍ଭୁତ ଅପୂର୍ବ ।

ସଂସାର ହେଉଛି ଫୁଲକା ବା ଆଖେଡ଼ା, କାମ ହେଉଛି ଚାଣୂର, କ୍ରୋଧ ହେଉଛି ମୁଷ୍ଟିକ ।

ସଂସାର ରୂପୀ ଆଖେଡାରେ ଆମେ ପ୍ରବେଶ କରି ସାରିଛେ । ଆମକୁ ବୀରତ୍ୱ ସହକାରେ କାମ, କ୍ରୋଧ ରୂପୀ ଦୁଇ ମହାନ୍ ମଲ୍ଲଙ୍କ ସହିତ ସଂଗ୍ରାମ କରିବାକୁ ହେବ । ସେମାନେ ଅନାଦି କାଳରୁ ଜୀବଙ୍କୁ, ମଣିଷଙ୍କୁ ଉତ୍ତେଜିତ କରିବାରେ ଲାଗିଛନ୍ତି । ଯଦି ଆମେ ସାବଧାନତା ଅବଲମ୍ବନ କରିବା ତେବେ ଆମେ ନିଶ୍ଚିତ ରୂପେ ସେମାନଙ୍କୁ ପରାଭୂତ କରିପାରିବା । ତା ନ ହେଲେ ସେମାନେ ଆମକୁ କବଳିତ କରିଦେବେ । ମନୁଷ୍ୟ ଅବତାର ହେବାର ପ୍ରଧାନ କାରଣ କାମ କ୍ରୋଧ ଉପରେ ବିଜୟଲାଭ କରିବା ।

କୁସ୍ତି ଯେମିତି ଆରମ୍ଭ ହୋଇଛି ନନ୍ଦବାବା ଛାନିଆ ହୋଇଗଲେ । ବାଳକ ପିଲା ଦୁଇଜଣଙ୍କୁ ପର୍ବତାକାର ମଲ୍ଲ ଦୁଇଜଣ ଧରିଛନ୍ତି । କାହାକୁ ଧର ନ ଲାଗିବ ଯେ ! ଏମାନେ ନିଶ୍ଚୟ ମୋ ପିଲାଙ୍କୁ ମାରିଦେବେ । ଶ୍ରୀକୃଷ୍ଣ ପରମାତ୍ମା ସତ, ହେଲେ ନନ୍ଦଙ୍କ ପାଇଁ ସେମାନେ ତ ଛୋଟ ପିଲା । ନନ୍ଦ ଭୟବିକଳରେ ଆଖି ବୁଜି ମନେମନେ ନନ୍ଦେଶ୍ୱର ମହାଦେବଙ୍କୁ ପ୍ରାର୍ଥନା କ ରିବାରେ ଲାଗିଗଲେ ଆଉ କେତେକଥା ଯାଚିଲେ । ସେ ମନେ ମନେ ଠାକୁରଙ୍କୁ କହିଲେ ହେ ଦେବଦେବ ମହାଦେବ । କୃପାକରି ମୋ ଦୁଇପୁଅଙ୍କୁ ବଞ୍ଚାଅ । ମୁଁ ଏଗାର ମହଣ ଲଡୁ ଭୋଗ ଲଗେଇବି । ନନ୍ଦବାବାଙ୍କର ହଠାତ୍ ହନୁମାନଙ୍କ କଥା ମନେ ପଡିଗଲା । ହନୁମାନ ହେଉଛନ୍ତି କୁସ୍ତିର ଗୁରୁ ତଥା ସ୍ୱାମୀ । ସେ ସଂଗେ ସଂଗେ ହନୁମାନଙ୍କୁ ସ୍ତୁତି କରିବାରେ ଲାଗିଲେ ।

ଚାଣୂର ସହିତ କହ୍ନେଇ ମଲ୍ଲଯୁଦ୍ଧ କରିବାରେ ଲାଗିଲେ । କହ୍ନେଇ ଯେତେ କ୍ଷୀପ୍ରବେଗରେ ଆଖେଡ଼ାରେ ଗତି କରୁଥିଲେ ଚାଣୂର ପକ୍ଷରେ ତାହା ଥିଲା କଳ୍ପନାତୀତ ବେଗ । ବିଚରା ଚାଣୂର କହ୍ନେଇଙ୍କୁ ଧରିବା ପାଇଁ ଯେତେ ଚେଷ୍ଟା କରୁଥିଲା କହ୍ନେଇ ଆଖି ପିଛୁଳାରେ ତା ହାତ ଫାଙ୍କାରୁ ପଛପାଖକୁ ଖସିଯାଉ ଥିଲେ, ଆଉ ସୁବିଧା ଦେଖି ବଜ୍ରମୁଷ୍ଟିକା ଆଘାତ କରି ଦେଉଥିଲେ ଚାଣୁରର ପ୍ରଶସ୍ତ ପିଠିକୁ । ଫୁଲକାରେ ଚାଣୂରକୁ ଏତେଥର ବ୍ୟଗ୍ରତାର ସହିତ ଚାଲିବାକୁ ପଡିଥିଲା ଯେ, ସେ ଅଳ୍ପ ସମୟ ଭିତରେ କ୍ଳାନ୍ତ ହୋଇଗଲା ।

କହ୍ନେଇ ଭାରି ନଟଖଟିଆ । ସେ ଚାଣୂର ସହିତ କୁସ୍ତି କରୁଥିବା ସମୟରେ ଦର୍ଶକ ମଣ୍ଡଳୀଙ୍କ ଉପରେ ଆଖି ପହଁରେଇ ଆଣୁଥାଆନ୍ତି । ତାଙ୍କର ଦୃଷ୍ଟି ନନ୍ଦବାବାଙ୍କ ଉପରେ ପଡିଲା । ସେ ଦେଖିଲେ ନନ୍ଦବାବା ଆଖି ବୁଜି ଠାକୁରମାନଙ୍କୁ ଧ୍ୟାନ କରିବାରେ ଲାଗିଛନ୍ତି । ନନ୍ଦବାବା ଡରି ଯାଇଛନ୍ତି । ବେଶୀ ବିଳମ୍ବ କଲେ କାଳେ ତାଙ୍କର କଣ ହେଇଯିବ । କାମ ଶୀଘ୍ର ସାରିଦେବା ଉଚିତ ।

ଯା ଭିତରେ ଚାଣୂର ତା' ପ୍ରତିଦ୍ୱନ୍ଦୀ ବାଳକର ବଳ ପରାକ୍ରମ ଠଉରେଇ ସାରିଥାଏ । ଗଉଡ ବାଳକ ସାଧାରଣ ବାଳକ ନୁହେଁ ଏ କଥା ସେ ପ୍ରାୟ ଜାଣି ସାରିଥାଏ । ବାଳକର ଅସାଧାରଣ ଫୁର୍ତ୍ତି ଆଉ କୌଶଳ ପୂର୍ଣ୍ଣ ହସ୍ତପଦ ଚାଳନା ଦେଖି ତା ମନରେ ପରାଜିତ ହୋଇଯିବାର ଭୟ ମଧ ଘନୀଭୂତ ହେବାରେ ଲାଗିଯାଇଥାଏ । ମଲ୍ଲ ମନରେ ଭୟ ପଶିଲେ ତା'ର ଗତି ସ୍ୱତଃ ଶିଥିଳ ହୋଇଯାଏ, ପୁଣି ଦମ୍ ଶୀଘ୍ର ଚାଲିଯାଏ, ଆଉ ପରାଜିତ ହୋଇଯିବାର ଅପମାନ ଭୟ ପଶିଲେ ମଲ୍ଲ ସ୍ୱତଃ ହାରିଯାଏ । ଏପରି ଅବସ୍ଥାରେ ମଲ୍ଲ ପ୍ରାଣରକ୍ଷା କରି ଖସିଯିବାକୁ ଚେଷ୍ଟା କରେ । ମାତ୍ର ଚାଣୁର ଖସିଲେ ଯିବ କୁଆଡେ ? କହ୍ନେଇ ହାତରୁ ଖସିଲେ କଂସ ହାତରେ ମରିବ । ଏପରି ସ୍ଥଳରେ ବରଂ କହ୍ନେଇ ହାତରେ ମରିବାଟା ଶ୍ରେୟସ୍କର । ଏପରି ଚିନ୍ତାକରି ଚାଣୂର କ୍ରମେ ଅଧିକରୁ ଅଧିକ ଅସାବଧାନ ହେଲା । ଅସାବଧାନ ହେଲେ କାମ ମାରିପକାଏ । ସାବଧାନ ଥିବା ପର୍ଯ୍ୟନ୍ତ କାମ କିଛି କ୍ଷତି କରିପାରେ ନାହିଁ । ଶ୍ରୀକୃଷ୍ଣ ସୁଯୋଗ ଦେଖି ଚାଣୂରକୁ ଧରି କଚାଡି ମାରିଦେଲେ ।

ଫୁଲପେଣ୍ଡୁଏ କରେ ଧରି । ଗଜ ଶରୀରେ ଯେହ୍ନେ ମାରି ।
ଚାଣୂର କର କୃଷ୍ଣ ଧରି । ଘୁରାଇ ଅନ୍ତରଳ କରି ।
ଭୂମିରେ ପଡିଲେ ତକ୍ଷଣେ । ଚାଣୂର ଛାଡିଲା ଜୀବନ ।
କୃଷ୍ଣଙ୍କୁ ଚାହିଁ ବଳରାମ । ଦେହେ ବସିଲା ଗରୁତମ ।
ବଜ୍ରମୁଷ୍ଟିଏ ପ୍ରହାରିଲେ । ମୁଷ୍ଟିକ ମୁଣ୍ଡ ଚୁର କଲେ ।

ବାସ୍ । କାମ ଶେଷ ହୋଇଗଲା । ଚାଣୂର ଆଉ ମୁଷ୍ଟିକ ମଲେ ।

# ଅଭ୍ୟାସର ମହତ୍ତ୍ୱ

ଅଭ୍ୟାସର ମହତ୍ତ୍ୱ ସର୍ବବିଦିତ । ଏହାର ପ୍ରଭାବ ଯାଦୁ ପରି ହୋଇଥାଏ । ଚଟାଣକୁ ଧକ୍କା ଦେଉଥିବା ସମୁଦ୍ରର ଲହରୀ ତାହା ଉପରେ ନିଜର ଛାପ ଛାଡିଯାଏ । ମାଟିର ମାଠିଆ ପଥର ଉପରେ ଘଷି ହୋଇ ହୋଇ ଏକ ଗର୍ତ୍ତ କରିଦିଏ । ନଦୀ ସହିତ ଗଡ଼ି ଚାଲିଥିବା ପଥର ଦିନେ ଶିବଲିଙ୍ଗର ରୂପ ଧାରଣ କରିନିଏ । ନିଃସନ୍ଦେହ ଏହା ଏକ ଦୀର୍ଘ ପ୍ରକ୍ରିୟା ହୋଇଥାଏ, କିନ୍ତୁ ଏହାର ପରିଣାମ ଚମତ୍କାରୀ ହୋଇଥାଏ । ମନ ପରି ଚଞ୍ଚଳ ତତ୍ତ୍ୱର ନିଗ୍ରହ ହେତୁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଅଭ୍ୟାସର ଉପଦେଶ ଦେଇଥିଲେ ।

ବସ୍ତୁତଃ ଅଭ୍ୟାସର କୌଣସି ବିକଳ୍ପ ନାହିଁ । ଜୀବନର ଯେକୌଣସି କ୍ଷେତ୍ରରେ ସଫଳତାର ଏହା ସବୁଠାରୁ ବଡ଼ ତତ୍ତ୍ୱ । କୌଣସି ମହାନ୍ ବୈଜ୍ଞାନିକ, ଦାର୍ଶନିକ, ସନ୍ଥ ବା ମହାପୁରୁଷଙ୍କ ଜୀବନକୁ ଅବଲୋକନ କଲେ ଜାଣି ପାରିବା ଯେ ସେମାନଙ୍କ ଜୀବନର ସଫଳତାର ରହସ୍ୟ ଅଭ୍ୟାସ ହିଁ ଥିଲା । ଯାବତୀୟ ପ୍ରତିକୂଳତା, ବିଷମତା ସତ୍ତ୍ୱେ ସେମାନେ ନିଜର ଅଭ୍ୟାସରେ ଅଟଳ ରହିଥିଲେ । ସେମାନଙ୍କ ପ୍ରୟାସ ଅନବରତ ରୂପେ ନିରନ୍ତର ଗତିରେ ଚାଲିଥିଲା, ଯାହାର ବଳରେ ସେମାନେ ନିଜର ନିର୍ଦ୍ଧାରିତ କ୍ଷେତ୍ରରେ ଉତ୍କୃଷ୍ଟତାର ଶିଖର ପର୍ଯ୍ୟନ୍ତ ପହଞ୍ଚି ଥିଲେ ।

ବାରମ୍ବାର ଅଭ୍ୟାସ ସ୍ୱଭାବର ନିର୍ମାଣ କରିଥାଏ । ଉତ୍ତମ କର୍ମର ଅଭ୍ୟାସ କଲେ ସ୍ୱଭାବ ଉତ୍ତମ ହୋଇଥାଏ ଏବଂ ମନ୍ଦ କର୍ମର ଅଭ୍ୟାସ କଲେ ବ୍ୟକ୍ତି ମନ୍ଦ ସ୍ୱଭାବର ଶିକାର ହୋଇଥାଏ । ଥରେ ମନ୍ଦ ସ୍ୱଭାବ ହୋଇଗଲେ ସେଥିରୁ ମୁକୁଳିବା କଠିନ ହୋଇଯାଏ, କିନ୍ତୁ ଏପରି ହେଲେ ନିରାଶ ହେବାର ଆବଶ୍ୟକତା ନାହିଁ । ଯଦି ଜ୍ଞାନ ଅଜ୍ଞାତରେ ସ୍ୱଭାବ ମନ୍ଦ ହୋଇଯାଇଛି ତେବେ ତାହାର ବି ଉପଚାର ଅଛି । ଏପରି ସ୍ଥିତିରେ ଅଭ୍ୟାସର ଆଶ୍ରୟ ନେବା ହିଁ ତାରଣ କରିଥାଏ । ଅଭ୍ୟାସ ଦ୍ୱାରା ମନ୍ଦ ସ୍ୱଭାବକୁ ଦୂର କରାଯାଇପାରେ । କେବଳ ନିରନ୍ତର ପ୍ରୟାସର ଆବଶ୍ୟକତା ରହିଛି ।

ଅଭ୍ୟାସର ମହାନ୍ ଶକ୍ତି ସହିତ ଆମେ ପ୍ରାୟ ପରିଚିତ ହୋଇ ନ ଥାଉ । ପ୍ରାରମ୍ଭରେ ଟାଇପ କରିବା ଏକ ଅସମ୍ଭବ କାର୍ଯ୍ୟ ପରି ମନେହୁଏ, କିନ୍ତୁ ବାରମ୍ବାର ଏହାର ଅଭ୍ୟାସ ଫଳରେ ଦିନେ ଅଙ୍ଗୁଳିଗୁଡିକ ସ୍ୱତଃ ଚାଲିବାରେ ଲାଗେ ଓ ବ୍ୟକ୍ତି ନ ଦେଖି ମଧ ଟାଇପ କରିନିଏ । ଏହା ଅଭ୍ୟାସର ଚମତ୍କାର ହୋଇଥାଏ । ସାଇକେଲ ଚାଳନାରୁ ଆରମ୍ଭ କରି ସନ୍ତରଣ ପର୍ଯ୍ୟନ୍ତ କାର୍ଯ୍ୟ ଯାହା ପ୍ରାରମ୍ଭରେ ଅସମ୍ଭବ ଲାଗିଥାଏ, ତାହା ଅଭ୍ୟାସ କାରଣରୁ ସରଳ ସହଜ ହୋଇଯାଏ । ଏସବୁ ଅଭ୍ୟାସର ଶକ୍ତିକୁ ଦର୍ଶାଇ ଥାଏ ।

ଶାନ୍ତି, ଆତ୍ମିକ ଉତ୍କର୍ଷ ଓ ଦିବ୍ୟତାର ଅଭୀପ୍ସୁ ସାଧକ ନିମନ୍ତେ ତ ଅଭ୍ୟାସର ଆହୁରି ଅଧିକ ଆବଶ୍ୟକତା ରହିଛି । ଇନ୍ଦ୍ରିୟ ଓ ମନ ପ୍ରଥମରୁ ହିଁ ଭୁଲ ମାର୍ଗରେ ଚାଲିବାରେ ଅଭ୍ୟସ୍ତ ହୋଇଥାନ୍ତି । ଏମାନେ ଦୁଇ ମିନିଟର ସୁଖ ସକାଶେ ପୂରା ଜୀବନକୁ ବରବାଦ କରିଦେବା ପାଇଁ ପ୍ରସ୍ତୁତ ରହିଥାନ୍ତି । ଏହି ଧାରାର ବିପରୀତ ଏଗୁଡିକୁ ଊର୍ଦ୍ଧ୍ୱମୁଖୀ ଦିଶା ଦେବା ପାଇଁ ଦୃଢ଼ ସଂକଳ୍ପ ଓ ଅଭ୍ୟାସ ଦରକାର । ଏହାର ବିପରୀତ ଯଦି ଆମେ ମନକୁ ତାହାର ଇଚ୍ଛାନୁସାରେ କାର୍ଯ୍ୟ କରିବା ପାଇଁ ଢ଼ିଲା ଛାଡିଦେଉ ତେବେ ଏପରି ସ୍ଥିତି ଦର୍ଶାଇଥାଏ ଯେ ନିଜର ସୁଧାର ପାଇଁ ଆମେ ସଂକଳ୍ପିତ ନୋହୁଁ, ନିଜର ସାଧନା ପ୍ରତି ନିଷ୍ଠାବାନ ନୋହୁଁ । ଆମର ଅଭ୍ୟାସ ଏବେ ଅପରିପକ୍ୱ ଅଛି । ଆମେ ଏବେ ଆଧାତ୍ମିକ ପଥରେ ଆରୂଢ଼ ହୋଇ ନାହେଁ ।

ଭିତରକୁ ଚାହିଁ ଦେଖିଲେ ପାଇବା ଯେ ଆମର ଦୁଃଖ ଗୁଡିକର ବାସ୍ତବିକ କାରଣ ହେଉଛି ମନ ଉପରେ ନିୟନ୍ତ୍ରଣର ଅଭାବ । ଏହି କାରଣରୁ ଆମେ ନିଜର ଲକ୍ଷ୍ୟ ଉପରେ କେନ୍ଦ୍ରିତ ହୋଇପାରି ନ ଥାଉ । ମନର ଅନୁଶାସନହୀନତା ଓ ଦୁରାଚରଣ କାରଣରୁ ଏକାଗ୍ରତାର ଅଭାବ ରହିଥାଏ । ବିଗିଡି ଯାଇଥିବା ମନ ଆମକୁ ନିଜର ଇସାରାରେ ନଚାଇ ଥାଏ । ନିଶାରେ ଅଭ୍ୟସ୍ତ ବ୍ୟକ୍ତି ନିଶାର ପ୍ରତ୍ୟେକ ଡୋଜ ତାକୁ ବେହୋସ ସ୍ଥିତି, ଗମ୍ଭୀର ରୋଗ ଓ ମୃତ୍ୟୁ ଆଡକୁ ଠେଲି ନେଉଛି ଜାଣି ମଧ ତାହାକୁ ଛାଡିପାରେ ନାହିଁ ଏବଂ ତାହା ସମାପ୍ତ ହେବା ପରେ ତାକୁ ପୁଣି ପାଇବା ପାଇଁ ବ୍ୟାକୁଳ ହୋଇଥାଏ, ସେଥିପାଇଁ ଯାହା କିଛି କରିବାକୁ ପ୍ରସ୍ତୁତ ରହିଥାଏ । ଯଦି ବ୍ୟକ୍ତି ମଧରେ ଉତ୍ତମ ସ୍ୱଭାବ କରିବା ପାଇଁ ଏଭଳି ବ୍ୟାକୁଳତା ଏପରି ସଂକଳ୍ପ ଜାଗ୍ରତ ହେବ ତ ତା'ର ଶାନ୍ତି ଓ ପ୍ରସନ୍ନତା ଅର୍ଜନକୁ କେହି ରୋକି ପାରିବେ ନାହିଁ ।

ବାସ୍ତବରେ ସ୍ୱଭାବ ଅନୁସାରେ ଆମର ସଂସ୍କାର ନିର୍ମିତ ହୋଇଥାଏ, ଯାହା ଅନୁରୂପ ଆମର ବ୍ୟକ୍ତିତ୍ୱ ଗଢ଼ି ହୋଇଥାଏ ଏବଂ ଏହା ହିଁ ଆମର ଭାଗ୍ୟ ନିର୍ଦ୍ଧାରଣ କରିଥାଏ । ଏହିପରି ଉତ୍ତମ କାର୍ଯ୍ୟଗୁଡିକର ସତତ ଅଭ୍ୟାସ ଶ୍ରେଷ୍ଠ ସଂସ୍କାର ରୂପେ ଫଳିତ ହୋଇଥାଏ, ଯାହା ବ୍ୟକ୍ତିତ୍ୱର ସାର ରୂପେ ଏକ ଉତ୍କୃଷ୍ଟ ଚରିତ୍ରର ନିର୍ମାଣ କରିଥାଏ । ଏହାର ବିପରୀତ ମନ୍ଦ ସ୍ୱଭାବର ଅଭ୍ୟାସ ଭବିଷ୍ୟତରେ କେବଳ ଅବାଞ୍ଛନୀୟ ପରିସ୍ଥିତିର ନିର୍ମାଣ କରିଥାଏ । ଯଦି ଆମେ ମନ୍ଦ ସ୍ୱଭାବର ସୁଧାର କରିବାକୁ ଚାହୁଁଛେ ତେବେ ଏହା କେବଳ ଉତ୍ତମ ସ୍ୱଭାବ ଓ ସଦାଚରଣ ମାଧମରେ ହିଁ ସମ୍ଭବ । ଏପରି ଅଭ୍ୟାସ ଆମକୁ ଆତ୍ମବିଶ୍ୱାସ ଦେବ ଏବଂ ତା ସହିତ ମନକୁ ସଶକ୍ତ କରିବ, ଯାହା ସହିତ ଆମେ ବିପରୀତ ବା ବିଷମ ପରିସ୍ଥିତି ମଧରେ ବି ଶାନ୍ତି ଓ ଆନନ୍ଦ ପୂର୍ବକ ରହି ପାରିବା ।

ଅନେକ ଲୋକ ନିଜର ତ୍ରୁଟି ବା ଦୁର୍ବଳତାଗୁଡିକ ଉପରେ ନିରବ ଅସନ୍ତୋଷ ବ୍ୟକ୍ତ କରିଥାନ୍ତି ଓ ସେମାନେ କିଭଳି ଏଥିରୁ ମୁକ୍ତ ହେବେ ସେଥିପାଇଁ ଚିନ୍ତିତ ରହିଥାନ୍ତି । ଏହା ଏକ ବହୁତ ଚିନ୍ତାଜନକ ଓ ହାନିକାରକ ସ୍ଥିତି ହୋଇଥାଏ, ଯାହା ଆମର ଊର୍ଜାକୁ ଶୋଷିନିଏ ଏବଂ ନକାରାତ୍ମକ ପ୍ରଭାବକୁ ଆମ ଉପରେ ଛାଡ଼ି ରହିବାର ସୁଯୋଗ ଦେଇଥାଏ । ଏହା ପରିବର୍ତ୍ତେ ଆମେ ସମ୍ଭାବିତ ସମାଧାନ ଉପରେ ବିଚାର କରିବା ଉଚିତ ଏବଂ ଉତ୍ତମ ସ୍ୱଭାବ ବଜାୟ ରଖିବା ପାଇଁ ଯଥାସମ୍ଭବ ପ୍ରୟାସ କରିବା ଦରକାର ତଥା ନିଜର ଚରିତ୍ରକୁ ସଶକ୍ତ କରିବା ଆବଶ୍ୟକ । ସାଧୁ, ସନ୍ଥ ଓ ଋଷି ଆତ୍ମାମାନେ ଅଭ୍ୟାସ ବଳରେ ସଶକ୍ତ ଚରିତ୍ରର ନିର୍ମାଣ କରନ୍ତି ତଥା ବିଷମ ପରିସ୍ଥିତିରେ ମଧ ଶାନ୍ତି ଓ ଆନନ୍ଦର ସହିତ ରହନ୍ତି । ଏଭଳି ଚରିତ୍ରର ନିର୍ମାଣ ପାଇଁ ବା ଏଭଳି ସ୍ଥିତି ପ୍ରାପ୍ତ ହେବା ପାଇଁ ସତ୍ ସଂକଳ୍ପ ଏବଂ ଏହାର ସତତ ଅଭ୍ୟାସର ଧୈର୍ଯ୍ୟ ଓ ପ୍ରୟାସ ଆବଶ୍ୟକ । ଲୋକେ ପ୍ରାୟ ଏହାର ମହତ୍ତ୍ୱ ଜାଣି ମଧ ବାହାନା କରିଥାନ୍ତି, ଯେତେବେଳେ କି ଏହାକୁ ଦିନଚର୍ଯ୍ୟାରେ ପ୍ରାଥମିକତା ଦେବା ଓ ପ୍ରତିଦିନ ଅଭ୍ୟାସ କରିବା ଜରୁରୀ ।

ଯଦି ଏଭଳି ସଂକଳ୍ପ ଜାଗ୍ରତ ହୁଏ ତେବେ ଗୋଟିଏ ଦିନ ବି ଅବହେଳା ନ କରି ଏହାର ଅଭ୍ୟାସ କରିବା ଉଚିତ, କାରଣ ଏଥିରେ ଥରେ ଢ଼ିଲା କରିଦେଲେ ମନ ପୁଣି ଥରେ ତାହା ନ କରିବାର ବାହାନା ଖୋଜିନିଏ । ଅଭ୍ୟାସର ଯାଦୁ ସେତେବେଳେ କାମ କରେ, ଯେତେବେଳେ ଏଥିରେ ନିୟମିତତା ରହେ । ସର୍କସରେ ଶୂନ୍ୟରେ ଡିଆଁ ଡେଇଁ କରିବାରୁ ଆରମ୍ଭ କରି ବାଘ ସିଂହଙ୍କ ଭଳି ହିଂସ୍ର ପଶୁମାନଙ୍କ ଦ୍ୱାରା ବିଭିନ୍ନ ଖେଳ ଦେଖାଇବା ବର୍ଷ ବର୍ଷର ନିୟମିତ ଅଭ୍ୟାସର ପରିଣାମ ହୋଇଥାଏ, ଯାହାକୁ ଦେଖି ଦର୍ଶକମାନେ ଆଶ୍ଚର୍ଯ୍ୟ ହୋଇଯାନ୍ତି ।

ଏହିପରି ବ୍ୟକ୍ତି ଯଦି ପଣ କରିନେବ ତାହେଲେ ମନକୁ କାହିଁକି ସାଧି ନ ପାରିବ । ଦୀର୍ଘ ଅନ୍ତରାଳ ପର୍ଯ୍ୟନ୍ତ ଧୈର୍ଯ୍ୟ ଓ ଅଧ୍ୟବସାୟର ସହିତ ଅଭ୍ୟାସ କରିବାର ଆବଶ୍ୟକତା ରହିଛି । ଭଗବାନ ଶ୍ରୀକୃଷ୍ଣ ଗୀତାରେ ଅର୍ଜୁନଙ୍କୁ ବୈରାଗ୍ୟ ସହିତ ଏହି ଅଭ୍ୟାସ କରିବାର ସନ୍ଦେଶ ଦେଇଛନ୍ତି । ତା ସହିତ ଆଶ୍ୱସ୍ତ କରି କହିଛନ୍ତି ଯେ ସତପଥ ହେତୁ କରାଯାଉଥିବା ଯେକୌଣସି ପ୍ରୟତ୍ନ ବ୍ୟର୍ଥ ହୁଏ ନାହିଁ । ଧର୍ମ ମାର୍ଗରେ ସ୍ୱଳ୍ପ ପ୍ରୟାସ ମଧ ମହାନ୍ ଭୟରୁ ତାରଣ କରିପାରେ । ଏଣୁ ଆମର କର୍ତ୍ତବ୍ୟ ହେଉଛି ସମ୍ପୂର୍ଣ୍ଣ ଦୃଢ଼ତାର ସହିତ ଯଦି ଧର୍ମ ପଥରେ ଯଥାସମ୍ଭବ ପ୍ରୟାସ ନିୟମିତ ରୂପେ କରୁଥିବା, ତାହେଲେ ସମୟ ସହିତ ଜୀବନ ଶାନ୍ତି, ସନ୍ତୋଷ ଓ ଆନନ୍ଦ ରୂପେ ଫଳିତ ହେବ ।

## ଆଜିର ଚିନ୍ତନ

କର୍ମ, ମନ, ବଚନରେ କାହାକୁ କ୍ଲେଶ ନ ପହଞ୍ଚାଇବା ହିଁ ଅହିଂସା, ସାଧାରଣତଃ କ୍ଲେଶର ଅର୍ଥ ହେଉଛି ଦୁଃଖ ନ ଦେବା, କଷ୍ଟ ନ ଦେବା କିନ୍ତୁ ଯୋଗ ଦର୍ଶନ ସାଧନ ପାଦ ତିନିରେ କ୍ଲେଶ ଏକ ପରିଭାଷିକ ଶବ୍ଦ । ଅବିଦ୍ୟା, ଅସ୍ମିତା ରାଗ, ଦ୍ୱେଷ ଏବଂ ଅଭିନିବେଶ ଏ ପାଞ୍ଚ କ୍ଲେଶ । ଏହି ପାଞ୍ଚ ମଧରୁ କାହାରି ପ୍ରତି କୌଣସିଟିର ପ୍ରୟୋଗ କାହା ବିରୁଦ୍ଧରେ କରାଗଲେ, ତାହାକୁ ହିଂସା କୁହାଯାଏ । ଯେପରି କାହାକୁ ମୂର୍ଖ କରାଇବା, କାହାର ଗର୍ବକୁ ବଢ଼ାଇବା, କାହାର ମନରେ ଏପରି ଉତ୍ପନ୍ନ କରି ଦେବା, ଯଦ୍ଦ୍ୱାରା ସେ କାନ୍ଦି ବୁଲିବ, କାହା ପ୍ରତି ଶତ୍ରୁତା କରିବା, କାହାର ମନରେ ମୃତ୍ୟୁ ଭୟ ସୃଷ୍ଟି କରିବା । ଏସବୁ ବା ଏମାନଙ୍କ ମଧରୁ ଗୋଟିଏ ମଧ ପ୍ରୟୋଗ କରାଗଲେ ତାହା ହିଂସା ଏବଂ ଏସବୁର ପ୍ରୟୋଗ ନ କରିବା ହିଁ ଅହିଂସା ବ୍ରତ ପାଳନ କରିବା । କାହାର ସୁଖରେ, ଜ୍ଞାନରେ ଏବଂ ଜୀବନ ଶୈଳୀରେ ବାଧା ଉପୁଜାଇବା ହିଁ ହିଂସା ଅଟେ । ଆମ ଋଷି ମୁନି ପରଦୋଷ ଦୃଷ୍ଟିକୁ ମଧ ହିଂସା କହନ୍ତି, ପରର ଦୋଷ ନ ଦେଖିବା ହିଁ ଅହିଂସା । ବାସ୍ତବରେ ସମତ୍ୱ ହିଁ ହିଂସାର ଆଧାର । ଯେ ପର୍ଯ୍ୟନ୍ତ କୌଣସି ରୂପରେ ମଧ 'ମୁଁ' ର ଅସ୍ତିତ୍ୱ ରହିଛି, ସେ ପର୍ଯ୍ୟନ୍ତ ହିଂସାର ବୃତ୍ତି ଉତ୍ପନ୍ନ ହୋଇ ଚାଲିବ କାରଣ ମୁଁ ଏବଂ 'ମୋର' ଭାବ ମନୁଷ୍ୟ ମଧରେ ଭେଦ ଉତ୍ପନ୍ନ କରିଥାଏ । ମୋର ଧର୍ମ, ମୋର ଦେଶ, ମୋର ପ୍ରଦେଶ, ମୋ ଲୋକ ଆଦି ଭାବ ଯେତେବେଳେ ମନରେ ଆସେ, ସେତେବେଳେ 'ମୋର ନୁହେଁ' ଭାବ ଲୋପ ହେବାରେ ଲାଗେ, ହିଂସକ ବୃତ୍ତି ସକଳ ଜନ୍ମ ନେବାରେ ଲାଗେ । ଏଣୁ ଅହିଂସା ଶବ୍ଦର ଅର୍ଥ ହେଉଛି, ମୋର ଏବଂ ଭାବର ତ୍ୟାଗ । ଆତ୍ମ ପର ଭେଦ ନ ରହିଲେ ଅହିଂସାର ପାଳନ ସହଜ ହୋଇଯାଏ । ଅହିଂସା ବ୍ରତର ପାଳନ ପାଇଁ ମାନବୀୟ ବ୍ୟବହାରରେ କେତେକ ବିଶେଷ କଥା ପାଳନୀୟ । ଯଥା ନିର୍ଭୟତା ଅହିଂସାର ପାଳନ ପାଇଁ ନିର୍ଭୟତା ଜରୁରୀ କାରଣ ହିଂସାର ଜନ୍ମ ହିଁ ଭୟରୁ ହୋଇଥାଏ । ଭୟଭୀତ ବ୍ୟକ୍ତି ହିଁ ଅନ୍ୟକୁ ଆକ୍ରମଣ କରିବାର ପ୍ରୟାସ କରେ । ଅନ୍ୟକୁ ଆକ୍ରମଣ କରିବା ବିଷୟ ସେ ଭାବିଥାଏ । ନିର୍ଭୟ ଅର୍ଥାତ୍ କାହା ଠାରୁ ଭୟ ନ ଥିଲେ ହିଂସାର ବିଚାର ହିଁ ଉତ୍ପନ୍ନ ହୁଏ ନାହିଁ । ଅହିଂସାର ପାଳନ ହୋଇଥାଏ । ତାପରେ ସମତ୍ୱ ଅହିଂସା ପାଇଁ ସମସ୍ତଙ୍କ ପାଇଁ ସମଭାବ ରଖିବା, ସମସ୍ତଙ୍କୁ ଆତ୍ମବତ୍ ମାନିବା ଜରୁରୀ । ଭେଦ ଦୃଷ୍ଟି ରହିଲେ ହିଂସାଭାବ ଉଦୟ ହୁଏ । ତାପରେ ସାହସ ଅହିଂସକ ବ୍ୟକ୍ତି ସାହସୀ ହେବା ଆବଶ୍ୟକ । ଭୟାଳୁତା ଏବଂ ଅହିଂସା ଏକା ସାଥିରେ ରହି ପାରନ୍ତି ନାହିଁ । ଭୟାଳୁ ବ୍ୟକ୍ତି ଆପାତତଃ ଅହିଂସକ ଲାଗିଲେ ମଧ ତା'ର ଅନ୍ତର୍ମନରେ ହିଂସକ ବିଚାର ଅବଶ୍ୟ ଥାଏ । ତେଣୁ ସେ ଅହିଂସକ ହୋଇ ନ ପାରେ । ଆତ୍ମା ଏବଂ ଶରୀର ଆତ୍ମାର ସ୍ୱଭାବକୁ ବୁଝି ନ ପାରିବାର କାରଣରୁ ଶରୀରକୁ ଆତ୍ମା ମାନିବାର ଭୁଲ ସାଧାରଣତଃ ଆମେ କରିଥାଉ । ଏଥିଯୋଗୁଁ ଶରୀର ପ୍ରତି ମୋହ ରହେ । ଶରୀର ଉପରେ ସମ୍ଭାବିତ ବିପଦର କାରଣରୁ ମନରେ ହିଂସକ ଭାବ ଆସେ । ଅହିଂସା ବ୍ରତ ପାଳନ ପାଇଁ ଶରୀର ଏବଂ ଆତ୍ମାର ଭିନ୍ନତାକୁ ବୁଝି ଉଭୟର ସ୍ୱଭାବକୁ ଜାଣିବା ଉଚିତ ।

# ସ୍ୱାସ୍ଥ୍ୟ ଉପଯୋଗୀ ନିମ୍ବ ଜୁସ୍

ନିମ୍ବରୁ ଅନେକ ଆୟୁର୍ବେଦିକ ଔଷଧ ପ୍ରସ୍ତୁତ ହୋଇଥାଏ । ଏହି ବୃକ୍ଷର ପ୍ରତ୍ୟେକ ଅଂଶ ବ୍ୟବହାର ପୂର୍ଣ୍ଣ ଓ ସ୍ୱାସ୍ଥ୍ୟ ଉପଯୋଗୀ । ନିମ୍ବ ପତ୍ର ଠାରୁ ଆରମ୍ଭ କରି ଏହାର ଛାଲକୁ ଜୁସ୍ କରି ପିଆଯାଇପାରେ । ନିମ୍ବକୁ ସର୍ବରୋଗ ନିବାରଣୀ ମଧ କୁହାଯାଇଥାଏ । ଏହି ଜୁସ୍ ପିଇବା ଦ୍ୱାରା ଆମକୁ ଅନେକ ରୋଗ ସଂକ୍ରମଣରୁ ରକ୍ଷା ମିଳିପାରିଥାଏ । ଏହା ସହିତ ଯେଉଁମାନେ ମେଦ ବହୁଳତାକୁ ନେଇ ପିଇପାରିବେ । ନିମ୍ବ ଅର୍କ ଶରୀରରୁ ଚର୍ବି ହଟାଇବା ସହିତ ଓଜନ ନିୟନ୍ତ୍ରଣ କରିଥାଏ ।



ନିମ୍ବ ଜୁସ୍ ପିଇବା ଦ୍ୱାରା ଗ୍ୟାସ୍, କୋଷ୍ଠକାଠିନ୍ୟ ଏବଂ ବଦହଜମୀ ସମସ୍ୟା ଦୂର ହୁଏ । ଏହା ସହିତ ଯେଉଁମାନଙ୍କୁ ଭୋକ ଲାଗୁନାହିଁ, ସେମାନେ ଏହି ଜୁସ୍ ପିଇବା ଦ୍ୱାରା ସେମାନଙ୍କୁ ଭୋକ ଲାଗିଥାଏ । ନିମ୍ବ ଏକ ଭଲ ଆଣ୍ଟିସେପ୍ଟିକ୍ ପରି କାମ କରିଥାଏ । ଫଳରେ ଏହାକୁ ବ୍ୟବହାର କରିବା ଦ୍ୱାରା ଦୈନନ୍ଦିନ ଜୀବନରେ ଦେଖାଯାଉଥିବା ବ୍ରଣ ସମସ୍ୟା, ଚର୍ମ କୁଣ୍ଡାଇହେବା ଆଦି ସମସ୍ୟାରୁ ମୁକ୍ତି ମିଳିଥାଏ । ତେବେ ଏହି ଜୁସ୍ ପିଇବା ପୂର୍ବରୁ ଚିକିତ୍ସକଙ୍କ ପରାମର୍ଶ ନେବା ଆବଶ୍ୟକ ।

# ପ୍ରାରବ୍ଧ କର୍ମର ଅଟଳ ବିଧାନ

ସାଧାରଣ ଜୀବନର ଘଟଣାକ୍ରମ ବୁଝି ହୋଇଥାଏ, କ'ଣ କ'ଣ ସବୁ ଘଟୁଛି ଜାଣି ହୋଇଥାଏ, କିନ୍ତୁ ଯେତେବେଳେ ଅଚାନକ ଏପରି କିଛି ଘଟିତ ହୋଇଯାଏ, ଯାହାର କୌଣସି ଔଚିତ୍ୟ ବୁଝି ହୋଇ ନ ଥାଏ, ବା କାରଣ ଜାଣି ହୋଇ ନ ଥାଏ ଅଥବା ଯାହା ଉପରେ ନିଜର କୌଣସି ବଶ ନ ଥାଏ ଏବଂ ବାଧ୍ୟତାବଶତଃ ଆମକୁ ଏହି ଘଟଣାକ୍ରମ, ନିର୍ଣ୍ଣୟ, ବ୍ୟବହାର ତଥା ପରିସ୍ଥିତିର ଅଂଶ ବିଶେଷ ବା ସାକ୍ଷୀ ହେବାକୁ ପଡେ ତ ମନ ବିଚଳିତ ହୋଇ ଉଠେ । ଉଦାହରଣ ସ୍ୱରୂପ କୌଣସି ଗମ୍ଭୀର ରୋଗ ଅଚାନକ ପ୍ରକଟ ହୋଇଯିବ, କାହାର ଆକସ୍ମିକ ମୃତ୍ୟୁ ବା ଆତ୍ମୀୟ ଜନଙ୍କ ବିଚ୍ଛେଦ, ଅପ୍ରତ୍ୟାଶିତ ଅପମାନ, ବିଶ୍ୱାସଘାତକ, ହାନି ଆଦି ।

ଏଭଳି ସ୍ଥିତିରେ ଈଶ୍ୱରଙ୍କ ଉପରୁ ବିଶ୍ୱାସ ଉଠିଯାଏ ଯେ ସେ ଏମିତି କିପରି କରି ପାରନ୍ତି ? ତାଙ୍କ ନ୍ୟାୟ ବ୍ୟବସ୍ଥା ଉପରେ ଲୋକେ ପ୍ରଶ୍ନଚିହ୍ନ ଲଗାଇ ଦିଅନ୍ତି । ମନେହୁଏ ଅତି କମରେ ଠିକ୍ ସମୟରେ ସଚେତ ତ କରିଦେଇ ଥାଆନ୍ତେ । ଏଭଳି ସ୍ଥିତିର ସମ୍ମୁଖୀନ ହେବାର ପ୍ରସ୍ତୁତି ପାଇଁ ସୁଯୋଗ ତ ଦେଇଥାନ୍ତେ । ସମ୍ଭାଳିବାର ସୁଯୋଗ ତ ଦେଇଥାନ୍ତେ ଆଦି । ଏମିତିରେ କେତେକ ତ ଭଗବାନଙ୍କୁ ଗାଳି ଦେବାରେ ଲାଗନ୍ତି ଏବଂ କେତେକ ନାସ୍ତିକ ହୋଇଯାନ୍ତି ବା ଅନ୍ୟମାନଙ୍କୁ ଗାଳି ଦେବାରେ ଲାଗନ୍ତି । ତାଙ୍କ ପ୍ରତି ଦୁର୍ଭାବ, ବିଦ୍ରୋହରେ ଭରିଯାନ୍ତି । ତାଙ୍କୁ କାଠଗଡ଼ାରେ ଠିଆ କରାଇବାର ଚେଷ୍ଟା କରନ୍ତି ବା ପୁଣି କେତେକ ଏହାକୁ ଭାଗ୍ୟ ଅଥବା ଦୈବ ଇଚ୍ଛା କହି ମନକୁ ବୁଝାଇ ଦିଅନ୍ତି ।

ବସ୍ତୁତଃ ଜୀବନର ଏହି ଅପ୍ରତ୍ୟାଶିତ ଘଟଣାକ୍ରମ ବା ପରିସ୍ଥିତି କେଉଁ ଆକାଶରୁ ଖସି ପଡେ ନାହିଁ, ବରଂ ଏଗୁଡିକର ତାର ଆମର କର୍ମଗୁଡିକ ସହିତ ଯୋଡି ହୋଇଥାଏ, ଯାହା ଆମେ ସେହି ସମୟରେ ବୁଝିପାରି ନ ଥାଉ । ଏହା ପ୍ରାରବ୍ଧ କର୍ମ ହୋଇଥାଏ, ଯାହା ବ୍ୟକ୍ତିଗତ ସ୍ତରରେ ତଥା ସାମୂହିକ ସ୍ତରରେ ବି ଘଟିପାରେ । ଉଭୟ ସ୍ତରର ପୂର୍ବ କର୍ମ ଏହାର ଆଧାର ହୋଇଥାଏ । ଭାରତୀୟ ଚିନ୍ତନ ପରମ୍ପରାରେ କର୍ମଫଳର ସ୍ୱୟଂଚାଳିତ ନ୍ୟାୟ ବ୍ୟବସ୍ଥା ଏଠାରେ କାମ କରିଥାଏ, ଯାହା ସହିତ ଈଶ୍ୱରଙ୍କର ବାସ୍ତବରେ କୌଣସି ସମ୍ପର୍କ ନ ଥାଏ ।

ଭୌତିକ ରୂପେ ଯଦି କେହି ବିଦ୍ୟୁତର ତାରକୁ ଛୁଇଁବ ତ ତାକୁ ଝଟକା ନିଶ୍ଚୟ ଲାଗିବ । ଏହିପରି ସୂକ୍ଷ୍ମ ନିୟମଗୁଡିକ ସହିତ କେବେ କେଉଁଠି କୌଣସି ବ୍ୟତିକ୍ରମ କରାଗଲେ ଏହା ପରିପକ୍ୱ ହୋଇ ଦିନେ ପ୍ରାରବ୍ଧ କର୍ମ ରୂପେ ନିଜର ଫଳ ପ୍ରଦାନ କରିବ ।

ଏହା ଈଶ୍ୱରଙ୍କ ସ୍ୱୟଂଚାଳିତ କର୍ମଫଳ ବ୍ୟବସ୍ଥା ଅନ୍ତର୍ଗତ ହୋଇଥାଏ । ଯଦି ସ୍ୱୟଂ ଈଶ୍ୱର ମଧ ଧରା ପୃଷ୍ଠରେ ମନୁଷ୍ୟ ରୂପେ ଅବତରିତ ହୋଇଯିବେ ତ ସେ ମଧ ଏହି ବିଧାନରୁ ବର୍ତ୍ତି ପାରିବେ ନାହିଁ । ଭଗବାନ ରାମଙ୍କ ବନବାସ, ପିତାଙ୍କ ବିଚ୍ଛେଦ, ପତ୍ନୀଙ୍କ ବିୟୋଗ ଭଳି ଘଟଣାକ୍ରମ ତଥା ଏକ ବ୍ୟାଧର ତୀରରେ ଭଗବାନ ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ଏବଂ ତାଙ୍କର ପୁରା ଯାଦବ କୁଳର ସର୍ବନାଶ ଆଦି ଏହିପରି ପ୍ରାରବ୍ଧ କର୍ମର ଉଦାହରଣ ଅଟେ ।

ଏଠାରେ ଶାସ୍ତ୍ର ଓ ଋଷିମାନଙ୍କ ଦ୍ୱାରା ପ୍ରତିପାଦିତ କର୍ମର ଭେଦଗୁଡିକ କଥା କହିବା ପ୍ରାସଙ୍ଗିକ ହେବ, ଯଦ୍ୱାରା କର୍ମର ଗତିକୁ ବୁଝାଯାଇ ପାରିବ । କର୍ମକୁ ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି- କ୍ରିୟାମାଣ, ସଞ୍ଚିତ ଓ ପ୍ରାରବ୍ଧ । କ୍ରିୟାମାଣ କର୍ମ ତତ୍କାଳ ଫଳ ଦିଏ, ଏହାର ଔଚିତ୍ୟ ବୁଝି ହୋଇଥାଏ । ଏହା ପ୍ରାୟ ଶାରୀରିକ ହୋଇଥାଏ, ଯେପରି ନିଶା ସେବନ କଲେ ଓ ଉନ୍ମାଦ ଚଢ଼ିଗଲା, ବିଷ ଖାଇଲେ ଓ ତାହାର ପ୍ରଭାବ ପଡିଲା, ନିଆଁକୁ ଛୁଇଁବା ମାତ୍ରେ ହାତ ପୋଡିଗଲା ଆଦି । ଖାଦ୍ୟପେୟର ଆଧାରରେ ସ୍ୱାସ୍ଥ୍ୟ ଲାଭ ହେବା, ନଷ୍ଟ ହେବା ଏହି ଆଧାରରେ ଦେଖାଯାଇ ପାରେ । ବିନା କୌଣସି ମାନସିକ ଗ୍ରନ୍ଥିରେ ଶାରୀରିକ କର୍ମକୁ କ୍ରିୟମାଣ କର୍ମ କୁହାଯାଇ ପାରେ ।

ଦ୍ୱିତୀୟରେ ସଞ୍ଚିତ କର୍ମ, ଯାହା ତତ୍କାଳ ଫଳ ଦେବା ସ୍ଥିତିରେ ନ ଥାଏ । ଏହାକୁ ଅନୁକୁଳ ବାତାବରଣ ମିଳିଲେ ଏହା ଫଳ ଦେଇପାରେ ଏବଂ ଯଦି ଏହାର ପ୍ରତିପକ୍ଷ କର୍ମର ସାମନା କରିବାକୁ ପଡ଼େ ତ ଏହାର ପ୍ରଭାବ ନଷ୍ଟ ବି ହୋଇପାରେ । ଏହା ଏକ ପ୍ରକାରେ ଅପରିପକ୍ୱ ଓ କ୍ଷୀଣ କର୍ମ ହୋଇଥାଏ, ଯାହାର ସଂସ୍କାର ହାଲୁକା ହୋଇଥାଏ । ପ୍ରାୟ ସତସଙ୍ଗ, ସ୍ୱାଧାୟ, ଦୈନିକ ପୂଜା ଓ ତୀର୍ଥଯାତ୍ରା ଆଦି ମାଧ୍ୟମରେ ଯେଉଁ ସବୁ ପାପ କମିବା କଥା କୁହାଯାଏ, ତାହା ଏହିପରି ଅଳ୍ପ ବୀର୍ଯ୍ୟ ସଞ୍ଚିତ କର୍ମ ହୋଇଥାଏ ।

ଉପରୋକ୍ତ ଦୁଇ ପ୍ରକାର କର୍ମର ଆଧାରରେ ହିଁ ଆମେ ନିଜର ଭାଗ୍ୟବିଧାତା ହେବାର କଥା କହିଥାଉ । ତୃତୀୟ ପ୍ରାରବ୍ଧ କର୍ମ ଉପରେ କାହାର ବଶ ନ ଥାଏ । ପ୍ରାରବ୍ଧ ତୀବ୍ରଭାବ ଓ ସଂବେଗରେ କରାଯାଇଥିବା କର୍ମ ହୋଇଥାଏ, ଯାହା ଅପରିପକ୍ୱ ଅବସ୍ଥାରେ ଥାଏ ତଥା ନିଜର ପରିଣତିରେ ଅଟଳ ଫଳ ଧାରଣ କରିଥାଏ । ଏହା କେବେ ଫଳିତ ହେବ, ସାଧାରଣତଃ କିଛି କୁହାଯାଇ ନ ପାରେ । ଏହା ଏଇ ଜନ୍ମରେ ଓ କୌଣସି ଅନ୍ୟ ଜନ୍ମରେ ମଧ ଫଳିତ ହୋଇପାରେ । ରାଜା ଧୃତରାଷ୍ଟ୍ରଙ୍କୁ ଶହେ ଆଠ ଜନ୍ମ ପରେ ଆଖି ଫୁଟାଇବାର କର୍ମ ଜନ୍ମାନ୍ଧ ରୂପେ ଭୋଗିବାକୁ ପଡିଥିଲା । ଦିବ୍ୟଦ୍ରଷ୍ଟା ଏହାକୁ ନିଜ ଦୃଷ୍ଟିରେ ଦେଖନ୍ତି ଏବଂ ବ୍ୟକ୍ତିଗତ ତଥା ସାମୂହିକ ସ୍ତରରେ ଏହାର ଠିକ୍ ଭବିଷ୍ୟବାଣୀ ବି କରି ଦିଅନ୍ତି । ଜ୍ୟୋତିଷ ବିଶାରଦ ମଧ ନିଜ ସ୍ତରରେ ଏହାର ଆଂଶିକ ଅନୁମାନ କରିବାର ପ୍ରୟାସ କରନ୍ତି । କୌଣସି ବ୍ୟକ୍ତିର ଜନ୍ମ ମୃତ୍ୟୁ, ବିବାହ ବା ଅନ୍ୟ ସମ୍ବନ୍ଧ, ଯଶ ଅପଯଶ ଆଦି ଏହାର ଅନ୍ତର୍ଗତ ଆସିଥାଏ ।

ପ୍ରଚଣ୍ଡ ତପ ଓ ପୁରୁଷାର୍ଥ ଦ୍ୱାରା ଗୋଟିଏ ସ୍ତର ପର୍ଯ୍ୟନ୍ତ ଏହାର ପ୍ରଭାବକୁ ହାଲୁକା କରାଯାଇପାରେ, କିନ୍ତୁ ନଷ୍ଟ କରାଯାଇ ନ ପାରେ । ଏହାର ବେଗ ଏତେ ତୀବ୍ର ଓ ପ୍ରଭାବ ଏତେ ଅମୋଘ ହୋଇଥାଏ ଯେ ଏହାକୁ ପ୍ରାରବ୍ଧ ବା ଭାଗ୍ୟ ରୂପେ ସ୍ୱୀକାର କରିବା ବ୍ୟତୀତ କୌଣସି ଚାରା ନ ଥାଏ । ବଡ଼ ବଡ଼ ମହାପୁରୁଷମାନଙ୍କୁ ଏଭଳି ପ୍ରାରବ୍ଧ କର୍ମ ଭୋଗିବାର ଦେଖାଯାଇ ପାରେ, ଯାହାର ଆଶା କରାଯାଇ ନ ପାରେ । ପ୍ରାୟ ଶ୍ରେଷ୍ଠ ଲୋକଙ୍କୁ ମଧ ଯେବେ ଆମେ ଭୀଷଣ କଷ୍ଟ ଉଠାଇବାର ଦେଖିଥାଉ ତ ଆଶ୍ଚର୍ଯ୍ୟ ହୋଇଥାଏ ଯେ ଭଲ ଲୋକଙ୍କ ହିତ ମନ୍ଦ କାହିଁକି ହୋଇଥାଏ ।

ଲିଓ ଟଲଷ୍ଟୟ, ରାମକୃଷ୍ଣ ପରମହଂସ, ବିବେକାନନ୍ଦ, ଶଙ୍କରାଚାର୍ଯ୍ୟ,ପରି ମହାପୁରୁଷମାନେ ଏଭଳି ପ୍ରାରବ୍ଧ କର୍ମ ସହିତ ଦେହତ୍ୟାଗ କରିଥିଲେ । ଅଧିକାଂଶତଃ ଏଭଳି ଜୀବନମୁକ୍ତ ଆତ୍ମାମାନେ କୌଣସି କର୍ମଭାର ଆଗକୁ ନେଇ ଯିବାକୁ ଚାହାନ୍ତି ନାହିଁ । ସେମାନେ ଏହି ଜନ୍ମରେ କର୍ମଗୁଡିକର ହିସାବକିତାବ ପୂର୍ଣ୍ଣ କରି ପରବର୍ତ୍ତୀ ଯାତ୍ରାରେ ବାହାରିଥାନ୍ତି, ତା ସହିତ ଅନ୍ୟମାନଙ୍କ କର୍ମଗୁଡିକୁ ଆଂଶିକ ରୂପେ ନିଜ ଉପରକୁ ନେଇ ନେଇ ଏବଂ ନିଜର ପୁଣ୍ୟ ଅନ୍ୟମାନଙ୍କୁ ଦେଇ ଦେଇ ଶେଷରେ ଭୀଷଣ ରୋଗ ଓ କଷ୍ଟ ଆଦି ରୂପେ କ୍ଷତିପୂରଣ କରୁଥିବାର ଦେଖାଯାନ୍ତି ।

ଈଶ୍ୱରୀୟ ନ୍ୟାୟ ବ୍ୟବସ୍ଥା ଅନ୍ତର୍ଗତ ହେବା କାରଣରୁ ପ୍ରାରବ୍ଧ କର୍ମ ପଛରେ ଈଶ୍ୱରଙ୍କ କରୁଣାକୁ ହିଁ ବୁଝାଯାଇପାରେ । ତତ୍କାଳୀନ ରୂପେ ମରଣାନ୍ତକ, ଅପ୍ରିୟ, କଷ୍ଟକାରୀ, କ୍ରୁର ପ୍ରତୀତ ହେଲେ ମଧ ଏହା ନିଜ ସହିତ ଈଶ୍ୱରୀୟ ଅନୁଗ୍ରହ ଧାରଣ କରିଥାଏ । ଏହାର ହାନି, ବିକ୍ଷୋଭ ଆଦି ତ ହୋଇଥାଏ, କିନ୍ତୁ ଏହା ଚିତ୍ତକୁ ହାଲୁକା କରି ଯାଏ ଏବଂ ଜୀବନର ବୃହତ କ୍ରମରେ ଏହା ଏକ ମହାନ୍ ଯୋଜନାର ଅଂଶ ପ୍ରତୀତ ହୋଇଥାଏ ତଥା ତା ସହିତ ବ୍ୟକ୍ତିକୁ ଏକ ନୂଆ ଅନ୍ତର୍ଦୃଷ୍ଟି, ବୋଧ ଓ ଚେତନା ଦେଇ ଯାଏ । ସାମୂହିକ ସ୍ତରରେ ମଧ ସମାଜ ଏଭଳି ପ୍ରାରବ୍ଧ ଗୁଡିକର ଝଟକା ଖାଇ ନୂଆ ରୂପେ ସଂଗଠିତ ହୋଇଥାଏ ଏବଂ ଏକ ସଶକ୍ତ ସମାଜ ଓ ରାଷ୍ଟ୍ର ରୂପେ ଉଭା ହୋଇଥାଏ । ଜାପାନ ଭଳି ରାଷ୍ଟ୍ର ଏହାର ଉଦାହରଣ । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପରମାଣୁ ବୋମା ପଡିବାର ଦୁର୍ଘଟଣା ପରେ ବିଶ୍ୱଯୁଦ୍ଧ ସମାପ୍ତ ହୋଇଗଲା, କିନ୍ତୁ କାଳାନ୍ତରରେ ଜାପାନ ବିଶ୍ୱର ବଡ଼ ଆର୍ଥିକ ଶକ୍ତି ରୂପେ ଠିଆ ହେଲା ।

ଭାରତବର୍ଷର ଶହ ଶହ ବର୍ଷ ଧରି ଗୋଲାମିର ସମୟ ଏପରି ଏକ ଉଦାହରଣ । ମହର୍ଷିଅରବିନ୍ଦଙ୍କ ଶବ୍ଦରେ ଘୋର ଅନ୍ଧକାରରେ ବୁଡ଼ି ରହିଥିବା ଦେଶକୁ ହଣ୍ଟର ମାରି ଜାଗ୍ରତ କରାଇବା ପାଇଁ ବିଦେଶୀ ଶାସନ ରୂପେ ପ୍ରାରବ୍ଧର ପ୍ରବଳ ଓ ବିଷମ ବେଳା ଆସିଥିଲା । ମହର୍ଷିଅରବିନ୍ଦ ସ୍ୱୟଂ ସ୍ୱାଧୀନତା ସଂଗ୍ରାମର ଏହି କାଳରେ ଅଳ୍ପ ସମୟ ପାଇଁ ହେଲେ ମଧ ନିଜର ନିର୍ଣ୍ଣାୟକ ଭୂମିକା ନିର୍ବାହ କରିଥିଲେ । ସ୍ୱାଧୀନତା ପରେ ଦେଶ ନିତ୍ୟ ନୂତନ ପ୍ରାରବ୍ଧ ଗୁଡିକର ସମ୍ମୁଖୀନ ହୋଇ, ପୁନଃ ସଂଗଠିତ ହୋଇ ନିଜର ଗୌରବପୂର୍ଣ୍ଣ ସ୍ଥିତି ଦିଗରେ ଅଗ୍ରସର ହେଲା ଏବଂ ଆଜି ବିଶାଳକାୟ ବିଶ୍ୱଶକ୍ତି ରୂପେ ସମସ୍ତଙ୍କ ସାମନାରେ ଦଣ୍ଡାୟମାନ ।

ବ୍ୟକ୍ତିର ସ୍ଥିତି ମଧ ଏହିପରି । ପୁରୁଷାର୍ଥୀ, ଆଶାବାଦୀ, ଈଶ୍ୱର ପରାୟଣ ବ୍ୟକ୍ତି ପ୍ରାରବ୍ଧ ସମକ୍ଷରେ ହାର ମାନି ବସିଯାଏ ନାହିଁ ବା ଜୀବନ ପ୍ରତି ହତାଶ ନିରାଶ ହୋଇ କିଂକର୍ତ୍ତବ୍ୟବିମୁଢ଼ ହୁଏ ନାହିଁ, ବରଂ ନିଜର ଧୈର୍ଯ୍ୟ ଓ ସାହସ ବଳରେ ପ୍ରାରବ୍ଧର ସାମନା କରିଥାଏ । ନିଜର ପୁରୁଷାର୍ଥ ଓ ତପ ବଳରେ ଏହାର ପ୍ରଭାବକୁ କ୍ଷୀଣ କରିଥାଏ ଏବଂ ଏହାକୁ ପାର କରିଯାଏ, ଏଥିରୁ ଆବଶ୍ୟକ ଶିକ୍ଷା ଗ୍ରହଣ କରି ଜୀବନକ୍ରମକୁ ଆହୁରି ଉତ୍ତମ କରିଥାଏ ଏବଂ ନିଜ ଜୀବନକୁ ପରିପୂର୍ଣ୍ଣତାର ମହାଲକ୍ଷ୍ୟ ଦିଗରେ ନେଇଯାଏ ।

## ଟିକିଏ ହସନ୍ତୁ

ଶିକ୍ଷକ: ତୁମ ପାଖରେ ୧୫ ଟି ସେଓ ଅଛି । ସେଥିରୁ ତୁମେ ୬ ଟି ମୀନାକୁ, ୪ ଟି ସୋନିଆକୁ ଏବଂ ୫ ଟି ପିଙ୍କିକୁ ଦେଲା ପରେ ତୁମକୁ କ'ଣ ମିଳିବ ?

ଛାତ୍ର: ସାର୍ ମତେ ତିନୋଟି ନୂଆ ଗର୍ଲଫ୍ରେଣ୍ଡ ମିଳିବ ।

× × × ×

ପପୁକୁ ସାରା ରାତି ମଶା ଶୁଆଇ ଦେଲେନି । ପପୁ ରାଗିଯାଇ ଉଠି ପଡିଲା । ସିଧା ଯାଇ ବିଷ ପିଇଦେଲା ।

ପପୁ: ଏଥର କାମୁଡିଲ ଦେଖି ।

× × ×

ପପୁ ପ୍ରଥମ ଦିନ କଲେଜ ଗଲା ।

ସାଙ୍ଗ: ଆରେ ପପୁ ତୁ ଏତେ ଖୁସି କ'ଣ ପାଇଁ ହେଉଛୁ ?



ପପୁ: ଆଜି ପ୍ରଥମ ଥର ଜଣେ ଝିଅ ମୋ ସହିତ କଥା ହେଲା ।

ସାଙ୍ଗ: ବାଃ, କ'ଣ କହିଲା ?

ପପୁ: ମୁଁ ମେଟ୍ରୋରେ ବସିଥିଲି । ସେ କହିଲା, ଏଠୁ ଜଲଦି ଉଠ ଏଇଟା ଲେଡିଜ୍ ସିଟ୍ ।

× × × ×

ସାନ୍ତା: ତୁ ଜାଣିଛୁ, ମୁଁ ସେ ଝିଅକୁ ପାଇବା ପାଇଁ ସିଗାରେଟ୍ ପିଇବା ଛାଡିଦେଲି । ବାର ଯିବା ବନ୍ଦ କରିଦେଲି, ଜୁଆ ଖେଳିବା ବନ୍ଦ କରିଦେଲି ।

ବାଣ୍ଟା: ତୁ ବାହା କ'ଣ ପାଇଁ ହେଇ ଯାଉନୁ ।

ସାନ୍ତା: ଭାବୁଛି, ଏତେ ସୁଧୁରି ଗଲିଣି ଯଦି ଆଉ ଗୋଟେ ପଟେଇ ଦେଉଛି ।

× × × × × × ×

ପତି କହିଲେ ପତ୍ନୀଙ୍କୁ ତୁମେ ଆଜି ପୁଣି ଖାଇବା ତିଆରି କରିବାକୁ ଡେରି କରିଦେଲ ।

ଥାଉ ଆଜି ବି ହୋଟେଲରେ ଖାଇଦେବି ।

ମୋ ପାଇଁ ଖାଇବା ତିଆରି କର ନାହିଁ ।

ପତ୍ନୀ: ଆରେ ବାବା ଆଉ ୫ ମିନିଟ୍ ରୁହନା ।

ପତି: ପାଞ୍ଚ ମିନିଟ୍‌ରେ କ'ଣ ରେଡି ହୋଇଯିବ ?

ପତ୍ନୀ: ନାଇଁ ମ । ମୁଁ ତୁମ ସହିତ ଯିବା ପାଇଁ ରେଡି ହୋଇଯିବି ।

× × × × × ×

ରାମୁ: ଡାଡି ମୋତେ ବାଇକ୍ କିଣି ଦିଅ ।

ଡାଡି: ଦେଖି ପାରୁନୁ ପଡୋଶୀଙ୍କ ଝିଅ କେମିତି ସବୁଦିନ ବସରେ ଯାଉଛି ।

ରାମୁ: ସେଇଥି ପାଇଁ ତ ସହିପାରୁନି ।

ବର୍ଷ ୨୫, ସଂଖ୍ୟା-୨୪, ୧୧ - ୧୭ ଜୁଲାଇ ୨୦୨୧

# ନୂଆଁ ରୂପରେ ମୋଦୀ ଟିମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱିତୀୟ ପାଳିର ପ୍ରଥମ ମନ୍ତ୍ରିମଣ୍ଡଳ ପୁନର୍ଗଠନରେ ଜାତି, ସମ୍ପ୍ରଦାୟ, ଲିଙ୍ଗ ଓ ଆଞ୍ଚଳିକ ବାଦ ଏବଂ ସର୍ବୋପରି ରାଜନୀତିକୁ ନେଇ ଖୁବ୍ ଅଙ୍କ କଷାଯାଇଛି । 'ସବ୍‌କା ବିକାଶ' ଲକ୍ଷ୍ୟରେ ଏହି ସବୁଗୁଡିକ ଉପରେ ବେଶ୍ ସମନ୍ୱୟ ମଧ ରକ୍ଷା କରାଯାଇଥିବା ଦେଖାଯାଇଛି । କୌଣସି ମନ୍ତ୍ରିମଣ୍ଡଳ ଗଠନରେ ଏତେଟା ସମୀକରଣ ସ୍ଥାନ ପାଇବା ହୁଏତ ବିରଳ । ଶପଥ ଗ୍ରହଣ କରିଥିବା ମନ୍ତ୍ରିମଣ୍ଡଳ ସଦସ୍ୟଙ୍କ ମଧରେ ଶୋଷିତ, ପୀଡ଼ିତ, ବଞ୍ଚିତ ଓ ଆଦିବାସୀଙ୍କ ସଂଖ୍ୟା ଆନୁପାତିକ ଭାବେ ଅଧିକ । ଅନୁସୂଚିତ ଜାତି (ଏସସି) ବର୍ଗରୁ ୧୨, ଅନୁସୂଚିତ ଜନଜାତି (ଏସଟି) ବର୍ଗରୁ ୮, ଅନ୍ୟ ପଛୁଆ ବର୍ଗ (ଓବିସି) ରୁ ୨୭ ଜଣ ରହିଥିବା ବେଳେ ମହିଳାଙ୍କ ସଂଖ୍ୟା ୧୧ ରହିଛି । ସେହିପରି ସଂଖ୍ୟାଲଘୁ ସମ୍ପ୍ରଦାୟ ସଦସ୍ୟଙ୍କୁ ମଧ ଯଥୋଚିତ ସୁଯୋଗ ପ୍ରଦାନ କରାଯାଇଛି । ମୁସଲମାନ, ଶିଖ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟରୁ ଜଣେ ଲେଖାଏଁ ମନ୍ତ୍ରୀ ହୋଇଥିବା ବେଳେ ଦୁଇ ଜଣ ବୌଦ୍ଧ ଧର୍ମାବଲମ୍ବୀଙ୍କୁ ମନ୍ତ୍ରୀ କରାଯାଇଛି । ଅପରପକ୍ଷରେ ୫୦ ବର୍ଷରୁ କମ୍ ବୟସର ମନ୍ତ୍ରୀଙ୍କ ସଂଖ୍ୟା ୧୪ ରହିଥିବା ବେଳେ ଏମାନଙ୍କ ମଧରୁ ୬ ଜଣ କ୍ୟାବିନେଟ ପାହ୍ୟା ପାଇଛନ୍ତି । ସେହିପରି ୭୦ ବର୍ଷରୁ ଅଧିକ ବୟସ୍କ କେହି ମନ୍ତ୍ରୀ ନାହାନ୍ତି । ମନ୍ତ୍ରିମଣ୍ଡଳ ସଦସ୍ୟଙ୍କର ହାରାହାରି ବୟସ ୫୮ ରହିଛି, ଅର୍ଥାତ୍ ଏହାକୁ ଏକ ଅପେକ୍ଷାକୃତ ଯୁବ ମନ୍ତ୍ରିମଣ୍ଡଳ ବୋଲି କୁହାଯାଇ ପାରିବ । ବିହାର, ମଧପ୍ରଦେଶ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ରାଜସ୍ଥାନ, ତାମିଲନାଡୁ ଭଳି ୮ ରାଜ୍ୟରୁ ୧୨ ଜଣ ଏସ୍‌ସି ସଦସ୍ୟଙ୍କୁ ମନ୍ତ୍ରିପଦ ମିଳିଛି । ଦୁଇଜଣ କ୍ୟାବିନେଟ୍ ପାହ୍ୟା ପାଇଛନ୍ତି ।

ଓଡ଼ିଶା, ଆସାମ, ଅରୁଣାଚଳ ପ୍ରଦେଶ, ଝାଡଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ମଧ ପ୍ରଦେଶ, ମହାରାଷ୍ଟ୍ର ଆଦି ୮ ରାଜ୍ୟରୁ ୮ ଆଦିବାସୀଙ୍କୁ ମନ୍ତ୍ରୀ କରାଯାଇଛି । ସେମାନେ ୭ଟି ଆଦିବାସୀ ସମ୍ପ୍ରଦାୟର ସଦସ୍ୟ । ତିନି ଜଣଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଛି । ମୋଟ ୧୧୫ ରାଜ୍ୟରୁ ୨୭ ଜଣ ଅନ୍ୟ ପଛୁଆ ବର୍ଗର ସଦସ୍ୟଙ୍କୁ ମନ୍ତ୍ରୀ କରାଯାଇଛି । ସେମାନଙ୍କ ମଧରୁ ୫ ଜଣଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଥିବା ବେଳେ କିଛି ଓବିସି ବର୍ଗକୁ ପ୍ରଥମ ଥର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି ।

ବ୍ରାହ୍ମଣ, କ୍ଷତ୍ରୀୟ ଲିଙ୍ଗାୟତ, ମରାଠା, ଭୂମିହର, କାୟସ୍ଥ, ପଟେଲ, ରେଡ୍ଡି ଆଦି ଉଚ୍ଚ ଜାତିରୁ ମୋଟ ୨୯ ଜଣଙ୍କୁ ମନ୍ତ୍ରିପଦ ମିଳିଛି ।

ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିବା ୯ ରାଜ୍ୟର ୧୧ ମହିଳାଙ୍କ ମଧରୁ ଦୁଇ ଜଣଙ୍କୁ କ୍ୟାବିନେଟ ମନ୍ତ୍ରୀ କରାଯାଇଛି । ସାତ ଜଣ ନୂଆ ହୋଇଛନ୍ତି ।

ଆଞ୍ଚଳିକ ବାଦକ ଦେଖିଲେ ମୋଟ ୨୫ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ମନ୍ତ୍ରିପଦ ପାଇଛନ୍ତି । ପ୍ରଥମ ଥର ଉତ୍ତର ପୂର୍ବାଞ୍ଚଳରୁ ସର୍ବାଧିକ ୫ ଜଣଙ୍କୁ ମନ୍ତ୍ରୀ କରାଯାଇଛି । ଉତ୍ତର ପ୍ରଦେଶର ପୂର୍ବାଞ୍ଚଳ, ଅଓ୍ୱଧ, ବ୍ରଜ, ବୁନ୍ଦେଲଖଣ୍ଡ, ରୋହିଲାଖଣ୍ଡ, ପଶ୍ଚିମ ପ୍ରଦେଶ ଓ ହରିତ ପ୍ରଦେଶ ଅଞ୍ଚଳରୁ ଜଣେ ଲେଖାଏଁ ମନ୍ତ୍ରୀ ହୋଇଥିବା ବେଳେ ମହାରାଷ୍ଟ୍ରର କୋଙ୍କଣ ଦେଶ, ଖଣ୍ଡେଶ, ମରାଠାଓ୍ୱାଡ଼ା ଓ ବିଦର୍ଭ ଅଞ୍ଚଳରୁ, ଗୁଜରାତର ସୌରାଷ୍ଟ୍ର ଏବଂ ଉତ୍ତର ଦକ୍ଷିଣ କେନ୍ଦ୍ରାଞ୍ଚଳରୁ କର୍ଣ୍ଣାଟକର ବମ୍ବେ କର୍ଣ୍ଣାଟକ, ବାଙ୍ଗାଲୋର କର୍ଣ୍ଣାଟକ, ହାଇଦରାବାଦ କର୍ଣ୍ଣାଟକ ତଥା ଉପକୂଳ କର୍ଣ୍ଣାଟକ ଅଞ୍ଚଳରୁ, ପଶ୍ଚିମବଙ୍ଗର ପ୍ରେସିଡେନ୍ସି, ମେଦିନିପୁର ଓ ଜଲପାଇ ଗୁଡି ଅଞ୍ଚଳରୁ ମଧ ପ୍ରଦେଶର ଚମ୍ବଲ, ସାତପୁରା ତଥା କେନ୍ଦ୍ରାଞ୍ଚଳରୁ ଏବଂ ଆସାମ, ଅରୁଣାଚଳ ପ୍ରଦେଶ, ମଣିପୁର ଓ ତ୍ରିପୁରାରୁ ମନ୍ତ୍ରୀ କରାଯାଇଛି ।

ମୋଟ ୪୬ ଜଣ ଅଭିଜ୍ଞ ରାଜନୀତିଜ୍ଞଙ୍କୁ ମନ୍ତ୍ରିପଦ ମିଳିଛି । ସେମାନଙ୍କ ମଧରେ ଅଛନ୍ତି ତିନିରୁ ୪ ଥର ନିର୍ବାଚିତ ୨୩ ସାଂସଦ, ୪ ପୂର୍ବତନ ମୁଖ୍ୟମନ୍ତ୍ରୀ, ବିଭିନ୍ନ ରାଜ୍ୟର ୧୮ ଜଣ ପୂର୍ବତନ ମନ୍ତ୍ରୀ ଓ ୩୯ ପୂର୍ବତନ ବିଧାୟକ ।

ମନ୍ତ୍ରିମଣ୍ଡଳରେ ଏଥର ମୋଟ ୧୩ ଆଇନଜୀବୀ, ୬ ଚିକିତ୍ସକ, ୫ ଯନ୍ତ୍ରୀ ଏବଂ ୭ ଜଣ ପୂର୍ବତନ ପ୍ରଶାସନିକ ଅଧିକାରୀ, ୭ ଗବେଷକ ବା ପିଏଚଡି ଉପାଧିପ୍ରାପ୍ତ ଓ ୩ ଏମବିଏ ଡିଗ୍ରୀଧାରୀଙ୍କୁ ସ୍ଥାନ ମିଳିଛି । ନରେନ୍ଦ୍ର ମୋଦୀଙ୍କ ଏହି ଅଦଳବଦଳରେ ଓଡ଼ିଶାର ଗୁରୁତ୍ୱ ବୃଦ୍ଧି ପାଇଛି  ସରକାରରେ ଏକ ଓଜନିଆ ତଥା ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ କୁହାଯାଉଥିବା ରେଳବାଇ ଓଡ଼ିଶାର ସାଂସଦ ଅଶ୍ୱିନୀ ବୈଷ୍ଣବଙ୍କୁ ଦିଆଯାଇଛି । ମୋଦୀ କ୍ୟାବିନେଟରେ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ସ୍ଥାନ ବଜାୟ ରଖିଛନ୍ତି । ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରଣାଳୟ ବଦଳରେ ତାଙ୍କୁ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରଣାଳୟ ଦିଆଯାଇଛି । ପୂର୍ବରୁ ସେ ଦକ୍ଷତା ବିକାଶ ମନ୍ତ୍ରଣାଳୟ ଦାୟିତ୍ୱରେ ଦୁଇବର୍ଷ ରହି ଥିଲେ । ସେହିପରି ମୟୁରଭଞ୍ଜ ସାଂସଦ ବିଶ୍ୱେଶ୍ୱର ଟୁଡୁଙ୍କୁ ରାଷ୍ଟ୍ରମନ୍ତ୍ରୀ କରାଯାଇ ଜଳଶକ୍ତି ଓ ଆଦିବାସୀ ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି । ତେବେ ଗତ ଦୁଇ ବର୍ଷ ତଳେ ଜାତୀୟ ଗଣମାଧମରେ ଶିରୋନାମା ପାଲଟି ଚର୍ଚ୍ଚିତ ଚେହେରା ଥିବା ପ୍ରତାପ ଷଡ଼ଙ୍ଗୀଙ୍କୁ ମନ୍ତ୍ରୀମଣ୍ଡଳରୁ ବାଦ୍ ଦିଆଯିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି ।

# ଜାତୀୟ ଭାଷା

## ମହାତ୍ମା ଗାନ୍ଧୀ



କେବଳ ହିନ୍ଦୁସ୍ତାନୀ ଆନ୍ତଃପ୍ରାଦେଶିକ ଭାଷା ହୋଇପାରିବ, ତାହା ନାଗରୀ ଅଥବା ଉର୍ଦ୍ଦୁ ଲିପିରେ ଲେଖା ହେଉଥିବ ।

ମୋ'ର ମତ ଆମେ ଯେପରି ସଫଳତା ସହିତ ଇଂରେଜ ଆକ୍ରମଣକାରୀର ରାଜନୀତିକ ଶାସନକୁ ବାହାର କରିଦେଇ ପାରିଲେ, ସେହିପରି ଇଂରାଜୀ ଭାଷାକୁ ମଧ ଆମ ସଂସ୍କୃତିର କ୍ଷେତ୍ରରେ ଏକ ଆକ୍ରମଣ କାରୀ ବୋଲି କହି ବାହାର କରି ଦିଆଯାଉ । ସମୃଦ୍ଧ ଇଂରାଜୀ ଭାଷା ବାଣିଜ୍ୟ ତଥା କୁଟନୀତିର କ୍ଷେତ୍ରରେ ଏକ ଆନ୍ତର୍ଜାତିକ ଭାଷା ହିସାବରେ ଆପଣାର ସ୍ୱାଭାବିକ ସ୍ଥାନଟିକୁ କେବେହେଲେ ରକ୍ଷା କରି ପାରିବ ନାହିଁ ।

ପ୍ରାଦେଶିକ ଭାଷାମାନେ ସେମାନଙ୍କର ପୂର୍ଣ୍ଣ ଉଚ୍ଚତାକୁ ବିକଶିତ ହୋଇ ଆସିବାକୁ ହେଲେ ଭାଷାର ଆଧାର ଉପରେ ହିଁ ପ୍ରଦେଶଗୁଡିକର ପୁନର୍ବିଭାଜନ ହେବା ଆବଶ୍ୟକ । ହିନ୍ଦୁସ୍ତାନୀ ଭାରତର ରାଷ୍ଟ୍ରଭାଷା ହେବ ସତ, ମାତ୍ର ତାହା କଦାପି ପ୍ରାଦେଶିକ ଭାଷାଗୁଡିକର ସ୍ଥାନକୁ ଅଧିକାର କରି ପାରିବ ନାହିଁ । ପ୍ରଦେଶମାନଙ୍କରେ ତାହା କଦାପି ଶିକ୍ଷାର ମାଧମ ହୋଇ ପାରିବ ନାହିଁ । ଏଥିପାଇଁ ତ ଇଂରାଜୀ ଭାଷାର ଆହୁରି କମ୍ ଦାବି ରହିଛି । ପ୍ରଦେଶଗୁଡିକୁ ଭାରତବର୍ଷ ସହିତ ରହିଥିବା ସେମାନଙ୍କର ମୂଳଭୂତ ସମ୍ପର୍କଟି ବିଷୟରେ ଅବଗତ କରାଇଦେବା ହିନ୍ଦୁସ୍ତାନୀର କାର୍ଯ୍ୟ ହେବ ।

ଇଂରାଜୀ ଭାଷାର କୌଣସି ଜ୍ଞାନ ନ ଥାଇ ମଧ ଭାରତୀୟ ମାନସର ଉଚ୍ଚତମ ବିକାଶ ଅବଶ୍ୟ ସମ୍ଭବ ହେବା ଉଚିତ ।

ଏହା ମୋ'ର ସୁବିଚାରିତ ମତ ଯେ, ଯେଉଁଭଳି ମାର୍ଗରେ ଆମକୁ ଇଂରାଜୀ ଶିକ୍ଷା ଦିଆଯାଇଛି ତାହା ଇଂରାଜୀ ଭାଷାରେ ଶିକ୍ଷିତ ଭାରତୀୟମାନଙ୍କୁ ପୁରୁଷତ୍ୱହୀନ କରି ଦେଇଛି, ଭାରତୀୟ ଛାତ୍ରର ସ୍ନାୟୁଶକ୍ତି ଉପରେ ଏହା ସାଂଘାତିକ ଚାପ ପକାଇଛି ଏବଂ ଆମକୁ ଗୋଟିଏ ଗୋଟିଏ ହନୁକରଣକାରୀରେ ପରିଣତ କରି ଦେଇଛି । ଅନୁବାଦକାରୀମାନଙ୍କର ଏକ ବାହିନୀକୁ ଉତ୍ପାଦନ କରି କୌଣସି ଦେଶ କଦାପି ଏକ ଜାତିରେ ପରିଣତ ହୋଇ ପାରିବ ନାହିଁ ।

ସର୍ବସ୍ୱୀକୃତ ଭାବରେ ବର୍ତ୍ତମାନ ଇଂରାଜୀ ହେଉଛି ସମଗ୍ର ପୃଥିବୀର ଭାଷା । ତେଣୁ, ମୁଁ ସେହି ଭାଷାକୁ ଏକ ଦ୍ୱିତୀୟ ବା ଐଚ୍ଛିକ ଭାଷାର ସ୍ଥାନ ଦେବି, ସ୍କୁଲସ୍ତରରେ ନୁହେଁ ବିଶ୍ୱବିଦ୍ୟାଳୟ ସ୍ତରର ପାଠରେ ତାହାକୁ ସେହି ସ୍ଥାନ ଦେବି । ତାହା କୋଟି କୋଟି ସାଧାରଣ ଲୋକଙ୍କର ନୁହେଁ, କେବଳ ନିର୍ବାଚିତ ଅଳପଙ୍କ ପାଇଁ ଉପଲବ୍ଧ ହୋଇ ରହିବ । ଆମର ମାନସିକ ଦାସତ୍ୱ ହିଁ ଆମେ ଇଂରାଜୀଭାଷାକୁ କଦାପି ଛାଡି ପାରିବୁ ନାହିଁ ବୋଲି ଅନୁଭବ କରିବାକୁ ପ୍ରବର୍ତ୍ତାଉଛି । ମୁଁ ସେହି ପରାଜୟବାଦୀ ବିଶ୍ୱାସଟିକୁ ଆଦୌ ସମର୍ଥନ କରି ପାରୁନାହିଁ ।

# ଆରାମ ପସନ୍ଦ ଜୀବନ- ବେମାରିଆ କରେ

ବହୁତ ସୁଖ ସୁବିଧା ଆମର ସ୍ୱାସ୍ଥ୍ୟ ସକାଶେ କ୍ଷତିକାରକ ହୋଇପାରେ, ଅଥଚ କମ ସୁଖ ସୁବିଧା ସ୍ୱାସ୍ଥ୍ୟକୁ ଉତ୍ତମ କରିବାରେ ସହାୟକ ହୋଇପାରେ । ଏହି କଥା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସର୍ବେକ୍ଷଣର ରିପୋର୍ଟରେ କିଛି ଏହିପରି କୁହାଯାଇଛି- ଦୁନିଆ ସାରା ଆରାମଦାୟକ ଜୀବନଶୈଳୀ ଏତେ ମାତ୍ରାରେ ବ୍ୟାପି ଯାଇଛି ଯେ ତାହା ଆମର ସ୍ୱାସ୍ଥ୍ୟ ପାଇଁ ଘାତକ ହେବାରେ ଲାଗିଛି । ଏଥିରେ ଭାରତୀୟମାନେ ବହୁତ ଆଗରେ ଅଛନ୍ତି । ନିଶ୍ଚିତ ରୂପେ ଭାରତୀୟଙ୍କ ପାଇଁ ଏହା ଚିନ୍ତାର ବିଷୟ । ବର୍ତ୍ତମାନ ହେଉଛି ଯାନ୍ତ୍ରିକୀକରଣର ଯୁଗ । ପୂର୍ବରୁ ପ୍ରତ୍ୟେକ କାର୍ଯ୍ୟ ପାଇଁ ହାତର ଉପଯୋଗ ହେଉଥିଲା, ଯଦ୍ୱାରା ପରିଶ୍ରମ ହେଉଥିଲା, ଝାଳ ବୋହୁଥିଲା । ସେହିକାମ ଏବେ ବି ହେଉଛି କିନ୍ତୁ ଏବେ ସେଥିରେ ପରିଶ୍ରମ ଏବଂ ସମୟ କମ୍ ଲାଗୁଛି ଆଉ ଝାଳ ମଧ କମ୍ ବାହାରୁଛି । କାମ କରିବାର ଏହି ଶୈଳୀ ଭଲା ଆମର ସୁବିଧା ପାଇଁ ଉପଯୁକ୍ତ ହୋଇପାରେ ଏବଂ ଏହା ମାଧମରେ କମ୍ ସମୟ ମଧରେ ଆମର ବହୁତ ଗୁଡିଏ କାର୍ଯ୍ୟ ହୋଇଯାଇ ପାରେ, କିନ୍ତୁ ଏହାର କୁପ୍ରଭାବ କାରଣରୁ ବ୍ୟକ୍ତିର ସ୍ୱାସ୍ଥ୍ୟ ଖରାପ ଭାବରେ ପ୍ରଭାବିତ ହେଉଛି । ପୂର୍ବରୁ ଘରର ପ୍ରତ୍ୟେକ କାର୍ଯ୍ୟ ଘରର ମହିଳା ଓ ଅନ୍ୟ ସଦସ୍ୟମାନଙ୍କ ଦ୍ୱାରା ହାତରେ କରାଯାଉଥିଲା, ଯେପରି ଅଟା ପେଷିବା, ମସଲା ପେଷିବା, ଶସ୍ୟଦାନା ଗୁଡିକ ସଫା କରିବା, ପୋଷାକପତ୍ର, ପରିଷ୍କାର କରିବା, ଖାଦ୍ୟ ରାନ୍ଧିବା ଇତ୍ୟାଦି । ପୂର୍ବରୁ ଘରେ ଘରେ ଶିଳ ଓ ପଥର ଚକି ରହୁଥିଲା, ଯେଉଁଥିରେ ଚଟଣି, ମସଲା ଓ ଅଟା ଆଦି ପେଷା ଯାଉଥିଲା, କିନ୍ତୁ ଆଜି ଅଟା ଓ ମସଲା ମେସିନ ଚାଳିତ ଚକିରେ ପେଷା ଯାଉଛି ବା ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ପ୍ୟାକେଟରେ କିଣିବାକୁ ମିଳୁଛି । ଏହା ସହିତ ଚଟଣି ଆଦି ପାଇଁ ମିକ୍ସର ପ୍ରୟୋଗ କରାଯାଏ, ଯଦ୍ୱାରା ରୋଷେଇ କାର୍ଯ୍ୟ ବହୁତ ଶୀଘ୍ର ହୋଇଥାଏ ଓ ସମୟ ବି ବଞ୍ଚିଥାଏ, କିନ୍ତୁ ଏହା ଯୋଗୁଁ ପରିଶ୍ରମ କରିବାର ଅଭ୍ୟାସ ରହୁ ନାହିଁ । ପୂର୍ବରୁ ବିଭିନ୍ନ ଶସ୍ୟ ଯେପରି ଚାଉଳ ଓ ଡାଲି ସଫା କରିବା କାର୍ଯ୍ୟ ନିଜ ହାତରେ କରାଯାଉଥିଲା କିନ୍ତୁ ଆଜିକାଲି ସଫା ଚାଉଳ ଓ ଡାଲି ବଜାରରେ ଉପଲବ୍ଧ ଯାହାକୁ ଲୋକେ ସହଜରେ କିଣି ନିଅନ୍ତି । ପୂର୍ବେ ପୋଷାକପତ୍ର ସଫା କରିବା କାର୍ଯ୍ୟ ଲୋକେ ନିଜ ହାତରେ କରୁଥିଲେ, କିନ୍ତୁ ଆଜି ମେସିନରେ ସଫା କରାଯାଉଛି ବା ସଫା କରିବା ଓ ଇସ୍ତ୍ରୀ କରିବା ପାଇଁ ଲଣ୍ଡ୍ରିକୁ ଦିଆଯାଉଛି ।

ପୂର୍ବେ ଲୋକମାନେ ପାଦରେ ଚାଲି ବା ସାଇକେଲରେ କେଉଁଠିକୁ ଆତଯାତ କରୁଥିଲେ । ବହୁତ କମ୍ ମଟରଗାଡିର ବ୍ୟବହାର ହେଉଥିଲା, କିନ୍ତୁ ଆଜି କେଉଁଠିକୁ ଆତଯାତ କରିବା ପାଇଁ ବାଇକ, ଅଟୋ, କାର, ଟ୍ରେନ ଓ ପ୍ଲେନ ଆଦିର ବହୁତ ଉପଯୋଗ ହେଉଛି, କାରଣ ଏସବୁ ମାଧମରେ କେତେ କେତେ କିଲୋମିଟର ଦୀର୍ଘ ଦୂରତାକୁ ସହଜରେ କମ୍ ସମୟ ମଧରେ ଯାତ୍ରା କରି ହେଉଛି ।

ପୂର୍ବରୁ ଜଣେ ବ୍ୟକ୍ତି ଠାରୁ ଅନ୍ୟ ଜଣେ ବ୍ୟକ୍ତି ପାଖରେ କୌଣସି ସନ୍ଦେଶ ପହଞ୍ଚାଇବାରେ ବହୁତ ସମୟ ଲାଗି ଯାଉଥିଲା, କିନ୍ତୁ ଆଜିକାଲି ଯେକୌଣସି ସନ୍ଦେଶ ମାତ୍ର କିଛି ସେକେଣ୍ଡ ମଧରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନ ପର୍ଯ୍ୟନ୍ତ ବା ଜଣେ ବ୍ୟକ୍ତି ଠାରୁ ଅନ୍ୟ ଜଣେ ବ୍ୟକ୍ତି ପର୍ଯ୍ୟନ୍ତ ବହୁତ ସରଳତାରେ ପହଞ୍ଚି ଯାଉଛି ।

ଏହିପରି ପୂର୍ବର ସମୟ ଓ ବର୍ତ୍ତମାନର ସମୟ ମଧରେ ଆକାଶ ପାତାଳ ତଫାତ ରହିଛି, କିନ୍ତୁ ଏତେ ସବୁ ସୁବିଧା ଥାଇ ମଧ ଆମର ସ୍ୱାସ୍ଥ୍ୟ ଉନ୍ନତି କରିବା ପରିବର୍ତ୍ତେ ଲଗାଏତ ଅବନତି କରି ଚାଲିଥିବାର ଦେଖିବାକୁ ମିଳୁଛି । ଆଜି ଆମ ଜୀବନରେ ଭଲା ସକ୍ରିୟତା ତ ଅଛି, କିନ୍ତୁ ଆରାମପ୍ରିୟତା ବି ବହୁତ ଅଛି । ମନୋଚିକିତ୍ସକଙ୍କ ମତରେ ସକ୍ରିୟତାର ଅର୍ଥ ନୁହେଁ ଆପଣ କେବଳ ମାନସିକ ରୂପେ ଲଗାଏତ ସକ୍ରିୟ ରହିବେ । ଆପଣଙ୍କୁ ପସନ୍ଦ ହେଉଥିବା, ସୁଖ ଦେଉଥିବା ସକ୍ରିୟତା ହିଁ ଫଳଦାୟୀ ହୋଇଥାଏ । ଉତ୍ତମ ସ୍ୱାସ୍ଥ୍ୟର ପ୍ରଥମ ସର୍ତ୍ତ ହେଲା ଆମେ ନିଜ ପାଇଁ ଏଭଳି ଦିନଚର୍ଯ୍ୟା ନିର୍ଦ୍ଧାରଣ କରିବା, ଯଦ୍ୱାରା ଆମକୁ ଆମ ଜୀବନରେ ଲଗାଏତ ମିଳୁଥିବା ଚାପରୁ କିଛି ମୁକ୍ତି ମିଳି ପାରିବ, ଅନ୍ୟଥା ଆମର ଜୀବନଶୈଳୀ ହିଁ ଆମକୁ ରୋଗଗୁଡିକର ଉପହାର ଦେବ ।

ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ

# ମଧୁମେହକୁ ନିୟନ୍ତ୍ରଣ କରିବ କ୍ୟାପ୍ସିକମ୍

ବର୍ତ୍ତମାନ ସମୟରେ ମେଦବହୁଳତା ଓ ଡାଇବେଟିସ୍ ଦିନକୁ ଦିନ ବଢ଼ିବାରେ ଲାଗିଛି । ସେହି ଅନୁସାରେ ଚିକିତ୍ସାରେ ଖର୍ଚ୍ଚ ମଧ ବଢ଼ିବାରେ ଲାଗୁଛି । ଏହି ଦୁଇ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ରହିଛି ଅନେକ ଉପାୟ । ଔଷଧ ସହିତ ସଠିକ୍ ଖାଦ୍ୟାଭ୍ୟାସ କରିବା ଦ୍ୱାରା ଏହି ଦୁଇ ରୋଗକୁ ନିୟନ୍ତ୍ରଣ କରି ହେବ । ଯେଉଁମାନେ ମେଦବହୁଳତା ଓ ଡାଇବେଟିସ୍‌ର ଶିକାର ହୋଇଛନ୍ତି ସେମାନେ ଏବେଠାରୁ କ୍ୟାପ୍ସିକମ୍‌କୁ ସେମାନଙ୍କର ଦୈନନ୍ଦିନ ଖାଦ୍ୟ ଥାଳିରେ ସାମିଲ କରିବା ଆରମ୍ଭ କରି ଦିଅନ୍ତୁ । ଆପଣମାନଙ୍କୁ କ୍ୟାପ୍ସିକମ୍ ଭଲ ଲାଗୁ ଅବା ନ ଲାଗୁ ଏହାକୁ ପ୍ରତିଦିନ ଖାଇବାକୁ ଅଭ୍ୟାସ କରନ୍ତୁ । କାରଣ ଏହା ଆପଣଙ୍କ ପାଇଁ ବଡ଼ ଉପାଦେୟ ସାବ୍ୟସ୍ତ ହେବ । ମେଦବହୁଳତା ଓ ଡାଇବେଟିସ୍‌କୁ ନିୟନ୍ତ୍ରଣ କରିବାର କ୍ଷମତା ରହିଛି କ୍ୟାପ୍ସିକମରେ । ନାଲି, ହଳଦିଆ ଓ ସବୁଜ ରଙ୍ଗ କ୍ୟାପ୍ସିକମରେ ରହିଛି ଏହି ଗୁଣ । ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଟେକ୍ନୋଲୋଜି ଏବଂ ସିଏସଆଇର ବୈଜ୍ଞାନିକମାନେ ଗବେଷଣାରୁ ଏହା ଜାଣିବାକୁ ପାଇଛନ୍ତି । ଏହି ବୈଜ୍ଞାନିକମାନେ କହିଛନ୍ତି ଯେ କ୍ୟାପ୍ସିକମରେ ଦୁଇ ପ୍ରକାର ଏନଜାଇମ ଅଛି ଯାହା ଶରୀର ମେଦକୁ ହ୍ରାସ କରିପାରିବାର କ୍ଷମତା ରଖୁଛି । ସେଗୁଡିକ ହେଲା ଆଲ୍ଫା ଗ୍ଲୁକୋସାଇଡେଜ୍ ଓ ଲିପିଡ୍ ଏନଜାଇମ୍ । ଏଗୁଡିକ ମେଦ ହ୍ରାସ କରିବା ସହିତ ଏହାକୁ ନିୟନ୍ତ୍ରଣ କରିଥାଏ । ତେଣୁ ମେଦବହୁଳତାର ଶିକାର ଥିବାଲୋକେ ସେମାନଙ୍କ ଖାଦ୍ୟରେ ପ୍ରତିଦିନ କ୍ୟାପ୍ସିକମ୍‌କୁ ରଖିବା ଉଚିତ । ଏହାକୁ ସାଲାଡ୍ କରି ଖାଇ ପାରିବେ ଅବା ରାନ୍ଧି ଖାଇ ପାରିବେ । ଦେହରୁ ଚର୍ବି ହ୍ରାସ କରିବାର କ୍ଷମତା ରଖିଥିବା କ୍ୟାପ୍ସିକମ୍ ସୁଗାର ସ୍ତରକୁ ମଧ ନିୟନ୍ତ୍ରଣ କରିବା ସାମର୍ଥ୍ୟ ରଖୁଛି । ତେଣୁ ଏହା ଡାଇବେଟିସ୍ ବା ମଧୁମେହ ରୋଗୀଙ୍କ ପାଇଁ ବି ଉପଯୋଗୀ ହେବ ବୋଲି ଇଣ୍ଡିଆନ



ଇଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଟେକ୍ନୋଲୋଜି ଏବଂ ସିଏସଆଇର ବୈଜ୍ଞାନିକମାନେ କହିଛନ୍ତି । ତା'ଛଡ଼ା ମାନସିକଚାପ ଓ ହୃଦରୋଗକୁ ମଧ ନିୟନ୍ତ୍ରଣ କରିବାର କ୍ଷମତା କ୍ୟାପ୍ସିକମରେ ରହିଛି ।

## ପିଜୁଳିର ଉପଯୋଗିତା

ପିଜୁଳିର ନାଁ ଶୁଣିଲେ ସାଧାରଣତଃ ଲୋକେ ଭାବନ୍ତି ଏହାକୁ ଖାଇଲେ ସର୍ଦ୍ଦି ଏବଂ ଥଣ୍ଡା ପରି ସମସ୍ୟା ହେବାର ସମ୍ଭାବନା ଥାଏ । କିନ୍ତୁ ଏହା ଏମିତି ଏକ ଫଳ ଅଟେ ଯାହା ପାଚନକ୍ରିୟା ପାଇଁ ବହୁତ ଲାଭପ୍ରଦ ହୋଇଥାଏ । ଥଣ୍ଡା ଦିନରେ ଏହି ପିଜୁଳି ଖାଇବାରେ ବହୁତ ଲାଭ ହୋଇଥାଏ ।

ଯଦି ଆପଣଙ୍କ ଦାନ୍ତରେ ଯନ୍ତ୍ରଣା ଅନୁଭବ ହୋଇଥାଏ ତାହା ହେଲେ ପିଜୁଳି ପତ୍ର ଦ୍ୱାରା ଏହାର ଯନ୍ତ୍ରଣାକୁ କମ୍ କରାଯାଇ ପାରିବ ।

ପିଜୁଳି ଡାଇବେଟିସ୍ ଏବଂ ମଧୁମେହ ରୋଗୀଙ୍କ ପାଇଁ ଲାଭପ୍ରଦ ଅଟେ । ଯଦି ଥାଇରଏଡର ସ୍ତର ବଢ଼ିଥାଏ ତେବେ ଏହି ପିଜୁଳିକୁ ଖାଇବା ଲାଭପ୍ରଦ ଅଟେ ।

ପିଜୁଳିରେ ଭିଟାମିନ୍ ସି ହେବାର



କାରଣ ଏହା ଶରୀରର ପ୍ରତିରୋଧକ କ୍ଷମତାକୁ ବଢ଼ାଇଥାଏ ।

ପିଜୁଳି ଖାଇବା ଦ୍ୱାରା ହଜମଶକ୍ତି ଠିକ୍ ଭାବରେ ରହିଥାଏ ।

ପିଜୁଳି ଖାଇବା ଦ୍ୱାରା ଦାନ୍ତ ସୁସ୍ଥ ରହିଥାଏ ଏବଂ ଦାନ୍ତରେ ଯନ୍ତ୍ରଣା ହୋଇ ନ ଥାଏ । ଏହା ସଙ୍ଗେ ମୁହଁ ସତେଜ ମଧ ରହିଥାଏ ।

ପିଜୁଳି ଖାଇବା ଦ୍ୱାରା ଥଣ୍ଡା ଓ ସର୍ଦ୍ଦିର ସମସ୍ୟା ମଧ ରହି ନ ଥାଏ । କବ୍‌ଜର ସମସ୍ୟାରୁ ବଞ୍ଚିବାକୁ ହେଲେ କଳାଲୁଣ ସହିତ ପିଜୁଳିର ସେବନ କରିବା ନିହାତି ଆବଶ୍ୟକ ।

## ଟମାଟୋ ସୁପ୍ ଖୁବ୍ ଉପଯୋଗୀ

ଟମାଟୋରେ କ୍ୟାଲୋରି ଖୁବ୍ ଅଧିକ ଥାଏ । ଟମାଟୋ ସୁପରେ ବହୁତ ପୋଷକତତ୍ତ୍ୱ ରହିଛି ଯାହା ସ୍ୱାସ୍ଥ୍ୟ ପାଇଁ ହିତକାରୀ । ଏଥିରେ ଭିଟାମିନ୍ ଏ.ଇ.ସି.କେ ଓ ଆଣ୍ଟି ଅକ୍ସିଡେଣ୍ଟ ରହିଛି । ଏହା ଆପଣଙ୍କ ଶରୀରକୁ ଫିଟ୍ ରଖିଥାଏ । ତେବେ ଟମାଟୋ ସୁପର ଉପକାରିତା ବିଷୟରେ ଜାଣି ରଖନ୍ତୁ ।



ଅସ୍ଥି ପାଇଁ ଲାଭକାରୀ: ଏଥିରେ ଭିଟାମିନ୍ କେ ଓ କ୍ୟାଲସିୟମ୍ ରହିଛି ଯାହାକି ଅସ୍ଥିକୁ ମଜଭୁତ କରିଥାଏ । ଟମାଟୋର ସୁପ୍ ପ୍ରତିଦିନ ପିଇବା ଫଳରେ ଟେନ୍ ଆଲଫା ବ୍ଲଡ ଲେବଲକୁ ୩୪% କମ୍ କରି ଦେଇଥାଏ । ଶରୀରରେ ଲାଇକୋପିନକୁ କମ୍ କରି ଅସ୍ଥି ଉପରେ ଚାପକୁ ବୃଦ୍ଧି କରିଥାଏ ଟମାଟୋ ।

ମସ୍ତିଷ୍କକୁ ସୁସ୍ଥ ରଖେ: ଟମାଟୋ ସୁପରେ ବହୁ ମାତ୍ରାରେ କପର ରହିଥାଏ । ଯାହା ଫଳରେ ନର୍ଭସ ସିଷ୍ଟମ ଠିକ୍ ରହିଥାଏ । ଏଥିରେ ପୋଟାସିୟମ୍ ମାତ୍ରା ମଧ ପ୍ରଚୁର ରହିଛି ଯାହାକି ମସ୍ତିଷ୍କକୁ ସୁସ୍ଥ ରଖିଥାଏ ।

ଓଜନ ହ୍ରାସ କରେ: ଟମାଟୋ ସୁପକୁ ଯଦି ଅଲିଭ୍ ଅଏଲରେ ପ୍ରସ୍ତୁତ କରାଯାଏ ତେବେ ଓଜନ କମ୍ କରିବାରେ ଏହା ସହାୟକ ହୋଇଥାଏ । ଏହାର ପାଣି ଓ ଫାଇବର ମାତ୍ରା ଅଧିକ ରହିଥାଏ । ଯାହା ଫଳରେ ଆପଣଙ୍କୁ ବହୁ ସମୟ ପର୍ଯ୍ୟନ୍ତ ଭୋକ ହୋଇନ ଥାଏ ।

କ୍ୟାନସର ସମ୍ଭାବନାକୁ କମ୍ କରିଥାଏ: ଟମାଟୋ ସୁପରେ ଆଣ୍ଟି ଅକ୍ସିଡେଣ୍ଟ ରହିଛି ଯାହାକି କ୍ୟାନସର ସମ୍ଭାବନାକୁ କମ୍ କରିଥାଏ । ସପ୍ତାହରେ ଥରେ ଏଡି ସୁପ୍ ପିଇବା ଫଳରେ ବ୍ରେଷ୍ଟ ଓ ପ୍ରୋଷ୍ଟେଟ୍ କ୍ୟାନସର ହେବାର ସମ୍ଭାବନା କମ୍ ହୋଇଥାଏ ।

ଡାଇବେଟିଜ୍: ଡାଇବେଟିଜ୍ ରୋଗ ପାଇଁ ଟମାଟୋ ସୁପ୍ ଅବଶ୍ୟ ପିଇବା ଉଚିତ୍ । ଏଥିରେ କ୍ରୋମିୟମ୍ ରହିଛି, ଯାହାକି ବ୍ଲଡ ସୁଗରକୁ ନିୟନ୍ତ୍ରଣ କରିଥାଏ ।

ରକ୍ତ ପ୍ରବାହ: ଟମାଟୋରେ ସେଲେନିୟମ୍ ରହିଛି । ଯାହାକି ରକ୍ତ ପ୍ରବାହକୁ ବଢ଼ାଇ ଦେଇଥାଏ । ଯାହା ଫଳରେ ଏନିମିୟାର ଭୟ କମ୍ ରହିଥାଏ ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କଞ୍ଚା କଦଳୀ

କଞ୍ଚା କଦଳୀରେ ପୋଟାସିୟମ ଭରପୁର ପରିମାଣରେ ରହିଛି । ଯାହାକୁ ନିୟମିତ ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ଏବଂ ଦିନ ତମାମ ଶରୀରକୁ ଫୁର୍ତ୍ତି ମିଳିଥାଏ । ଏଥିରେ ଭରି ରହିଥିବା ଭିଟାମିନ୍ ବି-୬ ଓ ଭିଟାମିନ୍ ସି' ଶରୀରର କୋଷିକାଗୁଡିକୁ ପୋଷଣ ଦେଇଥାଏ । କଞ୍ଚା କଦଳୀରେ ଆଣ୍ଟି ଅକ୍ସିଡାଣ୍ଟ ରହିଛି । ବହୁ ଡାକ୍ତର ଓଜନ ହ୍ରାସ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ପ୍ରତିଦିନ ଗୋଟିଏ କଞ୍ଚା କଦଳୀ ଖାଇବାକୁ ପରାମର୍ଶ ଦେଇଥାନ୍ତି । ଏଥିରେ ଭରପୁର ମାତ୍ରାରେ ତନ୍ତୁ (ଫାଇବର) ରହିଥିବାରୁ ଏହା ଅନାବଶ୍ୟକ ଫ୍ୟାଟ୍ ଲେଗୁଡିକୁ ସଫା କରିବାରେ ସାହାଯ୍ୟ କରିଥାଏ । କୋଷ୍ଠକାଠିନ୍ୟ ସମସ୍ୟା ରହୁଥିଲେ କଞ୍ଚା କଦଳୀ ବେଶ୍ ଲାଭଦାୟକ ହୋଇଥାଏ । ଏଥିରେ ଫାଇବର ଓ ହେଲଦୀ ଷ୍ଟାର୍ଚ୍ଚ ରହିଥିବାରୁ ଏହା ପେଟରେ କୌଣସି ଅପରିଷ୍କାର ଜିନିଷ ଜମିବାକୁ ଦିଏ ନାହିଁ । ମଧୁମେହ ରୋଗରେ ପୀଡିତ ବ୍ୟକ୍ତି କଞ୍ଚା କଦଳୀ



ଖାଇବା ଉଚିତ । ଏହାଦ୍ୱାରା ମଧୁମେହକୁ ନିୟନ୍ତ୍ରିତ କରି ହୁଏ । ପ୍ରତିଦିନ କଞ୍ଚା କଦଳୀ ଖାଇବା ଦ୍ୱାରା କ୍ରିୟା ସହଜ ହୋଇଥାଏ । କଞ୍ଚାକଦଳୀରେ କ୍ୟାଲସିୟମ ବି ରହିଛି । ଏହା ହାଡ଼କୁ ମଜଭୁତ ରଖିବାରେ ସହାୟକ ହୋଇଥାଏ ।

## କ୍ୟାନସର ପ୍ରତିରୋଧକ ଡିମ୍ବିରି

ଡିମ୍ବିରି ଫଳ କ୍ୟାନସର ପ୍ରତିରୋଧକ । ହୁଏତ ଅନେକଙ୍କ ଏହା ଆଶ୍ଚର୍ଯ୍ୟରେ ପକାଇପାରେ । ମାତ୍ର ଏହା ସମ୍ପୂର୍ଣ୍ଣ ସତ । ଦୀର୍ଘବର୍ଷ ଗବେଷଣା ପରେ ଡିମ୍ବିରି ଫଳ ଯେ କ୍ୟାନସର ରୋଗୀଙ୍କ ପାଇଁ ଲାଭଦାୟକ, ତାହା ପ୍ରମାଣିତ ହୋଇଛି । ଆଣ୍ଟିଅକ୍ସିଡାଣ୍ଟ ଗୁଣରେ ଭରପୁର ଡିମ୍ବିରି ପ୍ରି ର୍ୟାଡିକାଲ୍ସ ଯୋଗୁଁ ହେଉଥିବା କ୍ଷତିରୁ ଡିଏନଏର ରକ୍ଷା କରିଥାଏ ଯଦ୍ୱାରା କ୍ୟାନସର ସମ୍ଭାବନା ହ୍ରାସ ପାଇଥାଏ । ଡିମ୍ବିରିରେ ପ୍ରଚୁରମାତ୍ରାରେ ଫାଇବର ରହିଛି । ଏହାକୁ କଞ୍ଚା ଖାଇ ପାରିବେ ନଚେତ୍ ଖରାରେ ଶୁଖାଇ । ଫରକ୍ କେବଳ ଏତିକି ଯେ, କଞ୍ଚା ଡିମ୍ବିରିରେ



ଫାଇବର ମାତ୍ରା ଅଧିକ ଥିବାବେଳେ ଶୁଖିଗଲା ପରେ ସେଥିରୁ ପ୍ରଚୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ମିଳିଥାଏ । ଏହା ବ୍ୟତୀତ ଡିମ୍ବିରିରେ ମହଜୁଦ୍ ପଟାସିୟମ ରକ୍ତଚାପ ଓ ରକ୍ତ ସୁଗରକୁ ନିୟନ୍ତ୍ରିତ କରିବାରେ ସହାୟକ ହୋଇଥାଏ । ଶୁଖିଲା ଡିମ୍ବିରିରେ ଫେନୋଲ୍, ଓମେଗା ୩ ଫ୍ୟାଟି ଏସିଡ୍, ଓମେଗା ୬ ଥାଏ, ଯାହା ହୃଦୟ ସମ୍ବନ୍ଧିତ ସମସ୍ୟାରୁ ରକ୍ଷାକରି କ୍ୟାନସର ଆଶଙ୍କାକୁ ହ୍ରାସ କରେ । କ୍ୟାଲସିୟମ ତ ଏମିତିରେ ସବୁପ୍ରକାର ଫଳରେ ଭରପୁର ଥାଏ, ଯାହା ଅସ୍ଥିକୁ ମଜବୁତ କରିଥାଏ । କିନ୍ତୁ ଡିମ୍ବିରିରେ ମ୍ୟାଗ୍ନେସିୟମ ଓ 'କେ-୨' ଭିଟାମିନ୍ ଉଭୟ ରହିଥାଏ, ଯାହା ଶରୀରରେ ସମସ୍ତ ଭାଗରେ ଅସ୍ଥିମଜାକୁ ମଜଭୁତ୍ କରେ । ନିକଟରେ ହୋଇଥିବା ଗବେଷଣାରୁ ଏହା ପ୍ରମାଣିତ ହୋଇଛି ଯେ, ଡିମ୍ବିରି ଖାଇବା ଦ୍ୱାରା ମସ୍ତିଷ୍କ କ୍ୟାନସର ସମସ୍ୟା ୭୫ ପ୍ରତିଶତ ହ୍ରାସ ପାଇଥାଏ । କ୍ୟାନସର କୋଷିକା ବିକଶିତ ହେବାରେ ଏହା ବାଧକ ସାଜିଥାଏ । ଅନ୍ୟ ଚିକିତ୍ସା ତୁଳନାରେ ଏହା ବେଶ୍ ସୁରକ୍ଷିତ ।

## ଧମନୀ ପରିଷ୍କାରରେ ସହାୟକ ଆଭୋକାଡୋ

ଧମନୀର ମୁଖ୍ୟ କାର୍ଯ୍ୟ ଶରୀରରେ ମସ୍ତିଷ୍କରୁ ପାଦ ପର୍ଯ୍ୟନ୍ତ ସମଗ୍ର ଶରୀରରେ ରକ୍ତପ୍ରବାହ କରିବା । ବୟସ ବୃଦ୍ଧି ହେଲେ ଶରୀରର ବିଭିନ୍ନ ଅଂଶରୁ ରକ୍ତ ପ୍ରବାହରେ ଧୀରେ ଧୀରେ ବାଧା ଉତ୍ପନ୍ନ ହୋଇଥାଏ । ଧମନୀରେ ରକ୍ତ ଜମାଟ ବାନ୍ଧିଯାଏ । ଏହାଦ୍ୱାରା 'ଏଥେରୋସ୍କେଲରୋସିସ୍' ହେବାର ସମ୍ଭାବନା ବୃଦ୍ଧିପାଏ । ଏଭଳି ହେଲେ ଧମନୀ ସଙ୍କୁଚିତ ହୋଇଥାଏ ଏବଂ ରକ୍ତପ୍ରବାହ ବାଧାପ୍ରାପ୍ତ ହୋଇ ପଡେ । ଏ କ୍ଷେତ୍ରରେ ହୃଦଘାତ ଭଳି ସମସ୍ୟା ଉପୁଜିଥାଏ । ତେଣୁ ଧମନୀ ପରିଷ୍କାର ରହିବା ନିତାନ୍ତ ଜରୁରୀ । ଯଦି ଏଭଳି ସମସ୍ୟା ଦେଖାଦିଏ, ତେବେ ଭୟଭୀତ ନ ହୋଇ ପ୍ରାକୃତିକ ଉପାୟରେ ଏହାର ସମାଧାନ କରି ପାରିବେ । 'ଆଭୋକାଡୋ' ସହାୟତାରେ ଆପଣ ଧମନୀ ପରିଷ୍କାର କରିପାରିବେ । ଧମନୀକୁ ପରିଷ୍କାର ରଖୁଥିବା ଫଳ ମଧରୁ ଆଭୋକାଡୋ ସର୍ବୋତ୍ତମ ଅଟେ । ପ୍ରତିଦିନ ଏହି ଫଳ ସେବନ ଦ୍ୱାରା ଶରୀରରେ ଖରାପ କୋଲେଷ୍ଟ୍ରୋରଲ ଦୂର ହୋଇ ରକ୍ତସଞ୍ଚାଳନ ଭଲ ଭାବେ ହୋଇଥାଏ । ମେକ୍ସିକୋର ଗବେଷକଙ୍କ ଦ୍ୱାରା ୧୯୯୬ ରେ କରାଯାଇଥିବା ଏକ ଗବେଷଣାରୁ ଏହା ଜଣାପଡିଛି । ଗବେଷଣା ଅନୁସାରେ ଯେଉଁମାନେ ସପ୍ତାହେ ପର୍ଯ୍ୟନ୍ତ ଆଭୋକାଡୋ ସେବନ କରିଥାନ୍ତି, ସେମାନଙ୍କର ରକ୍ତରେ କୋଲେଷ୍ଟ୍ରୋରଲ ସ୍ତର ଆନୁମାନିକ ୧୭ ପ୍ରତିଶତ ହ୍ରାସ ପାଇଥାଏ । ପଟାସିୟମ ଓ ଭିଟାମିନ୍ 'ଇ'ରେ ଭରପୁର ଏହି ଫଳର ସେବନ ଦ୍ୱାରା ହାର୍ଟଆର୍ଟାକ୍ ଓ ଷ୍ଟ୍ରୋକ୍ ସମ୍ଭାବନା ଅନେକ ପରିମାଣରେ କମ୍ ହୋଇଯାଏ । ଏହି ଫଳକୁ ଜୁସ୍ ଭାବେ ସେବନ କଲେ ମଧ ଫାଇଦା ମିଳିଥାଏ । ଆଭୋକାଡୋ ତେଲର କିଛି ବୁନ୍ଦା ଖାଦ୍ୟରେ ସାମିଲ କଲେ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧିପାଏ ।

## ରାମକଥା

ରାବଣ ବଦଳିବ ନାହିଁ- କୁମ୍ଭକର୍ଣ୍ଣର ଏହା ବିଶ୍ୱାସ ହୋଇଗଲା । ରାବଣ ରାଗିଉଠିଥିବା ଦେଖି କୁମ୍ଭକର୍ଣ୍ଣ ଯୁଦ୍ଧ କରିବା ପାଇଁ ବାହାରିଗଲା । କୁମ୍ଭକର୍ଣ୍ଣର ଭୟଙ୍କର କଥା ଅତି ବିଶାଳ ଶରୀର ଦେଖି ବାନରଗଣ ଆଶ୍ଚର୍ଯ୍ୟ ଚକିତ ହୋଇଗଲେ । କୁମ୍ଭକର୍ଣ୍ଣ ଯୁଦ୍ଧ କରିବା ପାଇଁ ଆସୁଥିବା ବିଭୀଷଣ ଦେଖିଲେ । ସେ ବଡ଼ଭାଇ କୁମ୍ଭକର୍ଣ୍ଣ ପାଖକୁ ଦୌଡି ଆସିଲେ । ସେ କୁମ୍ଭକର୍ଣ୍ଣଙ୍କୁ ପ୍ରଣାମ କରି କହିଲେ ତୁମ କନିଷ୍ଠ ସହୋଦର ତୁମକୁ ପ୍ରଣାମ କରୁଛି । ଭାଇ ! ମୁଁ କ'ଣ କରିଥାନ୍ତି ! ଜ୍ୟେଷ୍ଠ ରାବଣଙ୍କୁ ମୁଁ ବହୁତ ପ୍ରକାର ବୁଝାଇଲି, ହେଲେ ସେ ମୋ କଥା ଟିକିଏ ବୋଲି କାନରେ ପକାଇଲେ ନାହିଁ । ମୋତେ ତିରସ୍କାର କଲେ, ଲାତ ମାରିଲେ । ମୁଁ ତେଣୁ ଶ୍ରୀରାମଙ୍କର ଶରଣ ପଶିଛି ।

ବିଭୀଷଣଙ୍କୁ ତଳୁ ଉଠାଇ କୁମ୍ଭକର୍ଣ୍ଣ ଗାଢ଼ ଆଲିଙ୍ଗନ କଲା । ଆଉ କହିଲା, 'ଭାଇ ! ତୁ ଅତି ଉତ୍ତମ କଥା କରିଛୁ । ଆମ ବଂଶରେ ତୁ ହିଁ ଏକା ପୁଣ୍ୟାତ୍ମା । ଶ୍ରୀରାମଙ୍କୁ ଆଶ୍ରୟ କରିଛୁ ଏହାଠାରୁ ଆଉ ଭଲକଥା କ'ଣ ହୋଇପାରେ ?

ହେଲେ ଭାଇ ମୁଁ କିଛି ଜାଣିପାରୁ ନାହିଁ । ଠିକ୍ କ'ଣ ଭୁଲ କ'ଣ କିଛି ବାରିପାରୁ ନାହିଁ । ତୁ ମୋ ସାମନାରୁ ଶୀଘ୍ର ଦୂରକୁ ଚାଲିଯା ।

ଏହାପରେ ଶ୍ରୀରାମ ଓ କୁମ୍ଭକର୍ଣ୍ଣ ମଧ୍ୟରେ ଘୋର ଯୁଦ୍ଧ ହେଲା । ଶ୍ରୀରାମ କୁମ୍ଭକର୍ଣ୍ଣର ହାତ କାଟିପକାଇଲେ । ସେହି ହାତ ଅତି ଭୟଙ୍କର ଥିଲା । କଟି ଯାଇଥିବା ହାତ ବାନର ସେନାଙ୍କ ମଝିରେ ପଡିଲା । ହାତ ତଳେ ଚିପିହୋଇ ଅନେକ ବାନର ମଲେ । ହାତ କଟିଯିବା ପରେ ମାୟାରେ କୁମ୍ଭକର୍ଣ୍ଣ ଆହୁରି ଅଧିକ ଭୟଙ୍କର ରୂପ ଧାରଣ କଲା । ଶ୍ରୀରାମ ତା ମୁହଁକୁ ଆକ୍ରମଣ କଲେ । ଦେବତା ଗନ୍ଧର୍ବମାନେ ଶ୍ରୀରାମଙ୍କୁ ପ୍ରାର୍ଥନା କରିବାରେ ଲାଗିଲେ- 'ପ୍ରଭୁ ! ତାକୁ ଆଉ ଅଧିକ ଖେଳାନ୍ତୁ ନାହିଁ । ଶୀଘ୍ର ମାରିଦିଅନ୍ତୁ । ଶ୍ରୀରାମ ଇନ୍ଦ୍ରାସ୍ତ୍ର ପ୍ରହାର କରି କୁମ୍ଭକର୍ଣ୍ଣର ମସ୍ତକ ଛେଦନ କରିଦେଲେ । କୁମ୍ଭକର୍ଣ୍ଣ କଚାଡିହୋଇ ତଳେ ପଡିଗଲା । ଦେବତା ଗନ୍ଧର୍ବମାନେ ଶ୍ରୀରାମଙ୍କୁ ସ୍ତୁତି କରି କହିଲେ- 'ଇଏ ଦେବତାଙ୍କୁ ଅମାପ କଷ୍ଟ ଦେଉଥିଲା । ଆଜିଠାରୁ ଆମେ ନିର୍ଭୟ ହୋଇଗଲୁ । ଆଜି ପୃଥିବୀର ଭାର ଲାଘବ ହେଲା । କୁମ୍ଭକର୍ଣ୍ଣ ମରିଯିବା ଖବର ପାଇବାକ୍ଷଣି ରାବଣ ମୂର୍ଚ୍ଛା ହୋଇଗଲା । ସେ ଅତ୍ୟଧିକ ବ୍ୟାକୁଳ ହେଲା । ବିକଳ ବିଳାପ କରୁଥିବା ରାବଣ ପାଖରେ ସେତେବେଳେ ଇନ୍ଦ୍ରଜିତ ପହଞ୍ଚିଗଲା । ଇନ୍ଦ୍ରଜିତ ହେଉଛି ରାବଣର ପରାକ୍ରମୀ ଜ୍ୟେଷ୍ଠପୁତ୍ର । ସେ କହିଲା 'ପିତୃଦେବ ! ଆପଣ ନିଶ୍ଚିନ୍ତ ରୁହନ୍ତୁ । ଏବେ ପର୍ଯ୍ୟନ୍ତ ମୁଁ ଜୀବିତ ଅଛି । ମୁଁ ଅତିଶୀଘ୍ର ଶ୍ରୀରାମ ଲକ୍ଷ୍ମଣଙ୍କୁ ବଧ କରିଦେବି । ସମସ୍ତ ଶତ୍ରୁଙ୍କୁ ମାରିପକାଇବି । ମୁଁ ନିକୁମ୍ଭିଳା ଗୁମ୍ଫାରେ ଆଜି ଯଜ୍ଞ କରିବି । ଯଜ୍ଞକୁଣ୍ଡରୁ ଯେଉଁ ରଥ ବାହାରିବ ସେଥିରେ ବସି ଯୁଦ୍ଧ କରିବାକୁ ଯିବି । ମୋତେ କେହି ମାରିପାରିବେ ନାହିଁ ।

ଶତ୍ରୁଙ୍କ ବିନାଶ ନିମନ୍ତେ ଇନ୍ଦ୍ରଜିତ ଯଜ୍ଞରେ ବସିଲା । ଅଭିଚାର ବିଧିରେ ଶତ୍ରୁଙ୍କୁ ବିନାଶ କରିବା ପାଇଁ ଏପରି ଯଜ୍ଞ କରାଯାଏ । ଇନ୍ଦ୍ରଜିତ ଏପରି ଯଜ୍ଞ



ନିମନ୍ତେ ସଂକଳ୍ପ କରିଥିବା କଥା ବିଭୀଷଣ ଖବର ପାଇଗଲେ । ସେ ଶ୍ରୀରାମଙ୍କୁ କହିଲେ - 'ଇନ୍ଦ୍ରଜିତ ଯଜ୍ଞ ଯଦି ନିର୍ବିଘ୍ନରେ ସମାପ୍ତ କରିଦିଏ ତେବେ ସେ ଅବଧ ହୋଇଯିବ ।

ଶ୍ରୀରାମ କହିଲେ ମୁଁ ନିଜେ ଯାଉଛି । ଇନ୍ଦ୍ରଜିତକୁ ବଧ କରି ଫେରିବି । କିନ୍ତୁ ବିଭୀଷଣ ଇନ୍ଦ୍ରଜିତକୁ ବ୍ରହ୍ମା ଦେଇଥିବା ବର କଥା ଜାଣିଥିଲେ । ବାରବର୍ଷ ପର୍ଯ୍ୟନ୍ତ ଯେ, ନିଦ୍ରାରେ ଶୋଇ ନଥିବ, ଆହାର କରି ନ ଥିବ କେବଳ ସେ ହିଁ ଇନ୍ଦ୍ରଜିତକୁ ସଂହାର କରି ପାରିବ । ପୂର୍ଣ୍ଣ ଇନ୍ଦ୍ରିୟଜିତ୍ ହିଁ କେବଳ ଇନ୍ଦ୍ରଜିତକୁ ବଧ କରିପାରିବ । ରାବଣ ହେଉଛି କାମର ସ୍ୱରୂପ । ଇନ୍ଦ୍ରଜିତ ହେଉଛି ମୋହର ସ୍ୱରୂପ । ମୋହ ମଲେ କାମ ମରେ । ଯେ ପର୍ଯ୍ୟନ୍ତ ମୋହ ଥିବ, ସେ ପର୍ଯ୍ୟନ୍ତ କାମ ଜୀବିତ ଥିବ । କାମକୁ ମାରିବା ଅତି କଠିନ କଥା । କାରଣ ମୋହକୁ ମାରିବା ହେଉଛି ଅତି କଠିନ । ବାରବର୍ଷ ପର୍ଯ୍ୟନ୍ତ ଯିଏ ଅନ୍ନ ତ୍ୟାଗ କରିପାରେ, ଆହାର ତ୍ୟାଗ କରିଥାଏ, ନିଦ୍ରା ତ୍ୟାଗ କରିଥାଏ ସେ ହିଁ କେବଳ ମୋହକୁ ମାରିପାରେ । ବଣକୁ ଆସିବା ପରଠାରୁ ଲକ୍ଷ୍ମଣ କୌଣସି ଦିନ ଶୋଇ ନାହାନ୍ତି । ଶ୍ରୀରାମ ଶୟନ କରୁଥିବା ବେଳେ ଲକ୍ଷ୍ମଣ ତାଙ୍କର ସେବାରେ ତତ୍ପର ଥିଲେ । ବିଭୀଷଣ ଶ୍ରୀରାମଙ୍କୁ କହିଲେ- 'ଲକ୍ଷ୍ମଣ ହିଁ କେବଳ ତାକୁ ମାରିପାରିବେ । ଅନ୍ୟ କେହି ତାକୁ ମାରିପାରିବେ ନାହିଁ ।

ଶ୍ରୀରାମ ଲକ୍ଷ୍ମଣଙ୍କୁ କହିଲେ, ଭାଇ ! ଏବେ ଯାଅ । ଇନ୍ଦ୍ରଜିତକୁ ବଧ କର । ଶ୍ରୀରାମଙ୍କୁ ପ୍ରଣାମ କରି ପରିକ୍ରମା କରି ଲକ୍ଷ୍ମଣ ଯୁଦ୍ଧ ନିମନ୍ତେ ଚାଲିଲେ । ବାନର ସେନାଙ୍କୁ ଧରି ସେ ନିକୁମ୍ଭିଳା ଗୁମ୍ଫାକୁ ଗଲେ । ଅସଂଖ୍ୟ ରାକ୍ଷସ ଇନ୍ଦ୍ରଜିତକୁ ରକ୍ଷା କରିବା ପାଇଁ ସେଠାରେ ପ୍ରସ୍ତୁତ ଥିଲେ । ରାକ୍ଷସମାନଙ୍କର ବିନାଶ ହେଲା । ଇନ୍ଦ୍ରଜିତର ଯଜ୍ଞ ଛିନ୍ନଛତ୍ର ହୋଇଗଲା । ଯଜ୍ଞକ୍ରିୟା ବିମୁଖ ହୋଇ ଇନ୍ଦ୍ରଜିତ ଯୁଦ୍ଧ ଆରମ୍ଭ କଲା । ଲକ୍ଷ୍ମଣ ଓ ଇନ୍ଦ୍ରଜିତ ମଧ୍ୟରେ ଭୟଙ୍କର ଯୁଦ୍ଧ ହେଲା । ଲକ୍ଷ୍ମଣଙ୍କ ପ୍ରତ୍ୟେକ ରୁମରେ ଇନ୍ଦ୍ରଜିତ ଶରବିଦ୍ଧ କରି ପକାଇଲା ।

ଏହି ଯୁଦ୍ଧର ବର୍ଣ୍ଣନା 'ବାଲ୍ମୀକି ରାମାୟଣ କଥା'ରେ ଅତି ସୁନ୍ଦର ଭାବରେ ହୋଇଛି । ଏତେ ଶରବିଦ୍ଧ ହୋଇସୁଦ୍ଧା ଲକ୍ଷ୍ମଣଙ୍କୁ ସାମାନ୍ୟ ମାତ୍ର ପୀଡ଼ା ଅନୁଭୂତ ହୋଇ ନ ଥିଲା ବୋଲି ଲେଖା ହୋଇଛି । ବାଣବିଦ୍ଧ ହେଉଥିଲେ ଲକ୍ଷ୍ମଣ ଆଉ ପୀଡ଼ା ହେଉଥିଲା ଶ୍ରୀରାମଙ୍କୁ ଭକ୍ତ ଆଉ ଭଗବାନଙ୍କ ସମ୍ପର୍କ ଏହିଭଳି । ଇନ୍ଦ୍ରଜିତ ଥିଲା ମହାନ୍ ଯୋଦ୍ଧା । ସେ ଲକ୍ଷ୍ମଣଙ୍କୁ ଅତ୍ୟଧିକ ଶର ପ୍ରହାର କରିଥିଲା । ଲକ୍ଷ୍ମଣଙ୍କ ସର୍ବାଙ୍ଗ ବାଣମୟ ହୋଇଗଲା । ତାଙ୍କ ଦେହରୁ ଅପ୍ରମିତ ରକ୍ତ ସ୍ରୋତ ପ୍ରବାହିତ ହେବାରେ ଲାଗିଲା । ସୁଗ୍ରୀବ ଲକ୍ଷ୍ମଣଙ୍କୁ କହିଲେ, ଆପଣ ଖୁବ୍ ପରିଶ୍ରମ କଲେଣି । ଲକ୍ଷ୍ମଣ କହିଲେ, କାଇଁ ମୁଁ ଟିକିଏ ବୋଲି ଯନ୍ତ୍ରଣା ତ ଅନୁଭବ କରୁନାହିଁ । ଲକ୍ଷ୍ମଣଙ୍କ ପ୍ରତ୍ୟେକ ରୁମକୂପରୁ 'ରାମ-ରାମ' ଧ୍ୱନି ବାହାରୁଥିଲା । ଆଉ ସେଇଥି ଯୋଗୁଁ ଅନେକ ବାଣବିଦ୍ଧ ହୋଇଥିଲେ ବି ତାଙ୍କୁ ଟିକିଏ ବୋଲି ପୀଡ଼ା ଜଣାପଡୁ ନଥିଲା । ଯଦି ପୀଡ଼ା ହେଉଥିଲା, ତାହା ହେଉଥିଲା ରାମଙ୍କୁ, ଲକ୍ଷ୍ମଣଙ୍କୁ ନୁହେଁ । ଲକ୍ଷ୍ମଣ ଓ ଇନ୍ଦ୍ରଜିତ ମଧ୍ୟରେ ପ୍ରବଳ ଘୋରତର ଯୁଦ୍ଧ ହେଲା । ଲକ୍ଷ୍ମଣ ଇନ୍ଦ୍ରଜିତର ହାତ କାଟିଦେଲେ । ଏହାପରେ ପରବର୍ତ୍ତୀ ବାଣରେ ଶ୍ରୀରାମଙ୍କ ଶକ୍ତି ଆରୋପିତ କରିବାକୁ ଯାଇ କହିଲେ ।

ଶ୍ରୀରାମ ଧର୍ମନିଷ୍ଠ, ସେ ଏକପତ୍ନୀ ବ୍ରତ ପାଳନକାରୀ ଯଦି ଏହା ସତ୍ୟ ତେବେ ମୋର ଏହି ବାଣ ଯାଇ ଇନ୍ଦ୍ରଜିତର ମସ୍ତକ ଛେଦନ କରୁ । ଲକ୍ଷ୍ମଣ ଧନୁରେ ଦିବ୍ୟ ବାଣ ବସାଇ 'ଶ୍ରୀରାମ ଶ୍ରୀରାମ' ଜପ କଲେ । ପ୍ରତିଜ୍ଞା ବାକ୍ୟ ଉଚ୍ଚାରଣ କରି ଯେମିତି ବାଣ ସନ୍ଧାନ କରିଛନ୍ତି, ଇନ୍ଦ୍ରଜିତର ମସ୍ତକ କଟିଗଲା । ମସ୍ତକ କଟଇ ତଳେ ପଡ଼ିବା ଭିତରେ ବି ସେ ଅନେକ ବାନରଙ୍କୁ ଆଘାତ ତଥା ଆକ୍ରାନ୍ତ କରିଦେଲା । ଏହାପରେ ଇନ୍ଦ୍ରଜିତ ମରିଗଲା । ଚତୁର୍ଦ୍ଦିଗ ଲକ୍ଷ୍ମଣଙ୍କ ଜୟଜୟକାରରେ ମୁଖରିତ ହୋଇଉଠିଲା । ଦେବତା ଓ ଗନ୍ଧର୍ବମାନେ ଆକାଶମାର୍ଗରୁ ଅପ୍ରମିତ ପୁଷ୍ପବୃଷ୍ଟି କରିବାରେ ଲାଗିଲେ ।

## ସ୍ୱର୍ବେଦ

**ସ୍ମରଣ ନହିଁ କୋଇ ତତ୍ତ୍ୱକା,**
**କେବଳ ମାତ୍ର ଜ୍ଞାନ ।**
**ଅନ୍ତର ମେଁ ଅନ୍ତର ମିଳେ, ଅନୁଭବ**
**ଭଜନ ପ୍ରମାନ । (୧୪)**

ଭାଷ୍ୟ: ଯେବେ ଯୋଗୀ ପ୍ରକୃତ ଆଧାର ଛାଡି ଅନାତ୍ମ ଜଗତରୁ ପୃଥକ୍ ହୋଇ ଶୁଦ୍ଧ ରୂପରେ ଆସିଯାଏ, ତେବେ ପ୍ରାକୃତିକ ସମସ୍ତ ବିଷୟର ରାଗ ଅର୍ଥାତ୍ ସ୍ମରଣ ରହେ ନାହିଁ । ଏକମାତ୍ର ଶବ୍ଦ ପରବ୍ରହ୍ମଙ୍କର ହିଁ ଜ୍ଞାନ ରହେ । ଆତ୍ମା ନିଜର ଅନ୍ତରାତ୍ମା, ପରବ୍ରହ୍ମଙ୍କ ସହ ମିଶି ତାର ସ୍ୱରୂପର ସାକ୍ଷାତକାର କରିଥାଏ । ପ୍ରକୃତିକୁ ଛାଡି ଶୁଦ୍ଧାତ୍ମ ସ୍ୱରୂପରେ ହିଁ ପ୍ରଭୁଙ୍କର ଭଜନ ହୋଇଥାଏ । ତାକୁ ଅନୁଭବ କହନ୍ତି । ଅନ୍ତର୍ସ୍ଥିତ ପଦାର୍ଥର ଜ୍ଞାନ କରିବା ହିଁ ଅନୁଭବ ଅଟେ । ଆତ୍ମାର ଭିତରେ ପରବ୍ରହ୍ମଙ୍କ ସାକ୍ଷାତକାର ଜ୍ଞାନ ରଖିବା ହିଁ ଅନୁଭବ ଅଟେ । ଅନୁଭବରେ ପୂର୍ଣ୍ଣତା ପ୍ରାପ୍ତ ହୋଇଥାଏ ଓ ସମସ୍ତ ବିଷୟର ପ୍ରତ୍ୟକ୍ଷ ଜ୍ଞାନ ହୋଇ ଯାଇଥାଏ । ଏହି ଅନୁଭବ, ଭଜନର ଲକ୍ଷଣ ଅଟେ ଓ ଯୋଗୀ ମାନଙ୍କର ନିର୍ଭ୍ରାନ୍ତ ତତ୍ତ୍ୱଜ୍ଞାନର ପ୍ରମାଣ ଅଟେ ।

**ଚିନ୍ତା ଚାହ ନ ଅନ୍ୟ ହୈ, କେବଳ**
**ଶବ୍ଦ ଅଧାର ।**
**ଅନ୍ତଃକରଣ ପବିତ୍ର ହୈ, ଶୁଦ୍ଧ ହଁସ**
**ବହି ପାର । (୧୫)**

ଭାଷ୍ୟ: ଯାହାକୁ କୌଣସି ପଦାର୍ଥର ଇଚ୍ଛା ଓ ତାକୁ ପାଇବାର ଚିନ୍ତା ନ ଥାଏ, ଏକ ମାତ୍ର ଶବ୍ଦ ବ୍ରହ୍ମଙ୍କର ଚିନ୍ତନ ଓ ଆବଲମ୍ବନ ଅଟେ, ସେହି ଅନ୍ତଃକରଣର ପବିତ୍ର ଶୁଦ୍ଧ ହଂସ ଏହି ସଂସାର ସାଗରକୁ ପାର କରିଥାଏ ।

**ସଂପ୍ରଦାୟ ମତ ଭେଷ ଜଗ, ମନ ବ**
**ପବନ କେ ସାଥ ।**
**ସନ୍ତଅମତ ମତ ଅନ୍ତ ହୈ, ଅମନ**
**ରହସ୍ୟ ସନାଥ । (୧୬)**

ଭାଷ୍ୟ: ସଂସାରର ସମସ୍ତ ଆଧୁନିକ ସଂପ୍ରଦାୟ ପ୍ରକୃତି ମଣ୍ଡଳର ଭିତରର ମନ ଓ ପବନ ସଙ୍ଗେ ହିଁ ନିଜର ସମସ୍ତ କର୍ମ କଳାପର ବ୍ୟବହାର କରନ୍ତି । କର୍ମ କାଦୁଅର ମଇଳାକୁ କର୍ମ ଧୋଇ ପାରେ ନାହିଁ । ଏଥିପାଇଁ ବିଶୁଦ୍ଧ ଜଳ ପ୍ରବାହର ଆବଶ୍ୟକତା ଅଛି । ଏଥିପାଇଁ ସନ୍ତମତ ସମସ୍ତ ବେଶ, ସଂପ୍ରଦାୟର କର୍ମ ବ୍ୟବହାରରୁ ଅଲଗା ଅମତ ମତ ଅଟେ । ଯେଉଁ ମତରେ ମନ ପବନର କ୍ରିୟା ହୋଇଥାଏ ପ୍ରାକୃତିକ ଚକ୍ର ପ୍ରବାହରେ ଗମନ ହୋଇଥାଏ ଓ ସେହି




ମତରେ ଭିନ୍ନ ଚେତନ ଅନୁଭବ ମାର୍ଗ ସନ୍ତମାନଙ୍କର ଅଟେ । ଏଥିପାଇଁ ଏହି ଅମତ ଅର୍ଥାତ୍ ମତନୁହେଁ । ଯେଉଁଠି ମନ ବୁଦ୍ଧି ଏବଂ ପ୍ରାଣର ଗତି ଯାଏ ନାହିଁ, ଅନ୍ତ ହୋଇଯାଏ, ସେହି କାଳରେ ମନ ରହିତ ଅମନ ଯୋଗୀ ସ୍ୱବଳ ଅର୍ଥାତ୍ ସନାଥ ହୋଇ ସଦଗୁରୁ ଅନୁଭବ ଭେଦ ରହସ୍ୟରେ ପରବ୍ରହ୍ମଙ୍କର ପ୍ରାପ୍ତି କରି ପରମାନନ୍ଦ ମହାନ୍ ସୁଖକୁ ପାଇଥାଏ । ସମସ୍ତ ସଂପ୍ରଦାୟ ମନ ପବନ ସାଙ୍ଗ ହେଲେ ପ୍ରକୃତି ମଣ୍ଡଳରେ ଅଟେ ଓ ପ୍ରକୃତିରୁ ଅଲଗା ହେବା ପାଇଁ ପ୍ରକୃତି ପାର ସାଧନ ଆବଶ୍ୟକ । ଏହି ସାଧନ ସନ୍ତମତରେ ଅଛି ଯେଉଁଠାରେ ମନ, ବୁଦ୍ଧି ଏବଂ ପ୍ରାଣରୁ ରହିତ ହୋଇ ଶୁଦ୍ଧାତ୍ମ ପ୍ରକାଶରେ ହିଁ ଅନୁଭବ ସାଧନ କ୍ରିୟା ଆରମ୍ଭ ହୋଇଥାଏ । ଏଥିପାଇଁ ଏହି ଦୋହାରେ ଗ୍ରନ୍ଥକାର ସନ୍ତମତକୁ ମତ ନ କହି ଅମତ କହିଛନ୍ତି । ପ୍ରକୃତି ପାର ଚେତନ ପଥକୁ ପ୍ରାପ୍ତ କରାଇବା ବାଲା ମତକୁ ସନ୍ତମତ କହନ୍ତି । ସନ୍ତ ଆଦି ଗୁରୁଙ୍କ ନାମ ମଧ ଅଟେ । ଏଥିପାଇଁ ସନ୍ତ ଦ୍ୱାରା ପ୍ରଚାରିତ ମତକୁ 'ସନ୍ତମତ' କୁହାଯାଏ ।

**ମନ କେ ଜ୍ଞାନ ବିରାଗ ମେଁ, ସାରେ**
**ଭେଷ ସମାଜ ।**
**ଅମତ ଜ୍ଞାନ ବୈରାଗ ପର, ସନ୍ତ**
**ସିଦ୍ଧ ସବ କାଜ । (୧୭)**

ଭାଷ୍ୟ: ସମସ୍ତ ଭେଷ ଅର୍ଥାତ୍ ସଂପ୍ରଦାୟରେ ମନର ଭିତରେ ହିଁ ତାର ଜ୍ଞାନ ଓ ବୈରାଗ୍ୟ ଅଛି । କିନ୍ତୁ ବ୍ରହ୍ମବିଦ୍ୟା ବିହଙ୍ଗମ ମାର୍ଗରେ ବୈରାଗ୍ୟରେ ହିଁ ଯୋଗୀ ନିଜର ଚେତନ କ୍ରିୟା ଦ୍ୱାରା ଜୀବନର ମହାନ୍ ପୂର୍ଣ୍ଣତା ଅର୍ଥାତ୍ ପରମାନନ୍ଦଙ୍କୁ ପାଇଥାଏ । ଆତ୍ମଖ୍ୟାତି ଅର୍ଥାତ୍ ଆତ୍ମ ଭୂମିରେ ରହିଗଲେ ପର ପ୍ରକୃତିର ତ୍ରିଗୁଣରେ ଯୋଗୀ ରହିତ ହୋଇଯାଏ ଓ ସେହି ତ୍ରିଗୁଣାତୀତ ଅସଙ୍ଗ ଯୋଗୀକୁ ସମସ୍ତ କାର୍ଯ୍ୟ ଏବଂ ପ୍ରଭୁ ପ୍ରାପ୍ତି ରୂପୀ ମହାନ୍ ଫଳ ମିଳେ । ପର ଓ ଅପର ଦୁଇ ପ୍ରକାରର ବୈରାଗ୍ୟ ହୋଇଥାଏ । ବିହଙ୍ଗମ ଯୋଗୀ ପର ବୈରାଗ୍ୟବାନ୍ ହୋଇଥାଏ । ପର ବୈରାଗ୍ୟବାନଙ୍କ ଠାରେ ତ୍ରିଗୁଣର ଦୂଳଭାବର ତ୍ୟାଗ ହୋଇଯାଏ ଓ ଆତ୍ମ ଭୂମିରେ ରହି ସେହି ଯୋଗୀ ବ୍ରହ୍ମାନନ୍ଦ, ଅମୃତ, ସୋମରସର ପାନ କରେ । ଏହି ପଦରେ ପର ବୈରାଗ୍ୟବାନ ସନ୍ତଙ୍କୁ ଆଧାତ୍ମିକ ଲକ୍ଷ୍ୟ ପ୍ରାପ୍ତି ହୁଏ, ଏହି ଉପଦେଶ କରାଯାଇଛି । ମନର ଜ୍ଞାନ ବୈରାଗ୍ୟରେ ବିଷୟ ତୃଷ୍ଣା ରହିତ ହେବା ଅସମ୍ଭବ ଅଟେ । ମନର ଜ୍ଞାନ ବିରାଗ କ୍ଷଣିକ ହୋଇଥାଏ ଓ ପ୍ରକୃତି ବାସନରୁ ଜୀବ ବିଲଗ ହୋଇପାରେ ନାହିଁ । ବିହଙ୍ଗମ ଯୋଗର ପ୍ରାରମ୍ଭିକ ଅବସ୍ଥାରେ ହିଁ ମନର ସାଙ୍ଗ ଛାଡିଯାଏ ଓ ସେହି ପର ବୈରାଗ୍ୟବାନ ଆତ୍ମଭୂମିରେ ହିଁ ପରବ୍ରହ୍ମଙ୍କୁ ପାଇବା ପାଇଁ ପ୍ରଯତ୍ନ କରିବାରେ ଲାଗେ । ଏଥିପାଇଁ ବିଶୁଦ୍ଧ ପଥ ଅମତ, ସନ୍ତମତ, ସର୍ବଶ୍ରେଷ୍ଠ ତଥା ମାନନୀୟ ଅଟେ ।

## ନଡିଆର ଉପକାରିତା

ନଡିଆକୁ ଶ୍ରୀଫଳ କୁହାଯାଇଥାଏ । ପୂଜା କାର୍ଯ୍ୟରେ ଏହାକୁ ପ୍ରଥମେ ଲୋଡା ଯାଇଥାଏ । ସବୁ ଫଳଠାରୁ ନଡିଆର ସ୍ୱାଦ ସମ୍ପୂର୍ଣ୍ଣ ନିଆରା । କଷି ବେଳେ ଏହାର ପାଣି ପେଟକୁ ଥଣ୍ଡା କରିଥାଏ, ପାକଳ ହେବା ପରେ ଏହା ନଡିଆରେ ପରିଣତ ହୋଇଥାଏ । ନଡିଆ ଉପର ଭାଗ ଯେତେ କଠିନ ହୋଇଥିଲେ ହେଁ, ଏହାର ଭିତର ଖୁବ୍ ରସାଳ ତଥା ମିଠା ଓ ସ୍ୱାଦଯୁକ୍ତ । ତେବେ ନଡିଆକୁ ପୂଜା ପାର୍ବଣଠାରୁ ଆରମ୍ଭ କରି ବିବାହ ବ୍ରତ ତଥା ରୋଷେଇ କ୍ଷେତ୍ରରେ ବ୍ୟବହାର କରାଯାଇଥାଏ ।

ଅଳ୍ପ ସମୟ କମ କରି ଥକା ଅନୁଭବ କରୁଥିବା ଲୋକଙ୍କ ପାଇଁ ପଇଡ଼ ପାଣି ପିଇବା ବେଶ୍ ଲାଭଦାୟକ ହୋଇଥାଏ । ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ, ପଇଡ଼ ପାଣିରେ ଅନେକ ଚମତ୍କାର ଗୁଣ ରହିଛି । ଅତ୍ୟଧିକ ଖରା ସମୟରେ ଏହା ଶରୀରକୁ ତୁରନ୍ତ ଶକ୍ତି ପ୍ରଦାନ କରିଥାଏ ।

ଗର୍ଭବତୀ ମହିଳାଙ୍କୁ ପଇଡ଼ପାଣି ପିଇବା ପାଇଁ କୁହାଯାଇଥାଏ । କାରଣ ପଇଡ଼ପାଣି ପିଇବା ଦ୍ୱାରା କୋଷ୍ଠ କାଠିନ୍ୟ ସମସ୍ୟା ଦେଖାଯାଏ ନାହିଁ । ପଇଡ଼ ପାଣିରେ ଭିଟାମିନ୍ ସି' ଫାଇବର, ମିନେରାଲ୍ସ ଅଧିକମାତ୍ରାରେ ଥାଏ । କେବଳ ସେତିକି ନୁହେଁ, ଏହା ତ୍ୱଚା ପାଇଁ ବେଶ୍ ଲାଭଦାୟକ ହୋଇଥାଏ । କିଡନୀ ରୋଗକୁ ମଧ ଦୂରେଇ ଦେବାରେ ସହାୟକ ହୋଇଥାଏ ।

ପଇଡ଼ ପାଣିରେ ଥିବା ଲୋରିକ୍ ଏସିଡ୍ ଇମ୍ୟୁନିଟି ମେଟାବଲଇଜିମକୁ ବଢ଼ାଇବାରେ ସାହାଯ୍ୟ କରେ ।

ପଇଡ଼ ପାଣି ପିଇବା ଅବସାଦଗ୍ରସ୍ତ ରୋଗୀଙ୍କ ପାଇଁ ବେଶ୍ ଭଲ ହୋଇଥାଏ । କାରଣ ଏହା ମନକୁ ଶାନ୍ତି ପ୍ରଦାନ କରିଥାଏ ।

ଯେଉଁମାନେ ଅଧିକ ଖାଉଛନ୍ତି ସେମାନେ ଖାଇବା ପୂର୍ବରୁ ପଇଡ଼ପାଣି ପିଇବା ଭଲ । ଏହାଦ୍ୱାରା ପେଟ ପୂର୍ଣ୍ଣ ହୋଇ ରହିବ । ଅଧିକ ଖାଇବାରୁ ଏହା



ରୋକିବ । ଶିଶୁମାନଙ୍କୁ ପଇଡ଼ ପାଣି ହାଇଡ୍ରେଟ୍ କରି ରଖିଥାଏ । ବର୍ଷେପରେ ଶିଶୁଙ୍କୁ ପଇଡ଼ପାଣି ଦିଆଯାଇ ପାରିବ, କିନ୍ତୁ ଡାକ୍ତରଙ୍କ ପରାମର୍ଶ ନେଇ ଶିଶୁଙ୍କୁ ପଇଡ଼ ପାଣି ଦେବା ଜରୁରୀ ।

ନଡିଆକୁ ପ୍ରତ୍ୟେକ ଶୁଭ କାର୍ଯ୍ୟ ତଥା ବିବାହ, ବ୍ରତ ଉତ୍ସବ ଆଦିରେ ସର୍ବପ୍ରଥମେ ବ୍ୟବହାର କରାଯାଇଥାଏ ।

ନଡିଆ ପତ୍ରରେ ଚଟେଇ ତଥା ସପ ରୂପରେ ତିଆରି କରି ଗରିବମାନେ ବ୍ୟବହାର କରିଥାନ୍ତି ।

ଏହାର ଖଡିକାରେ ଝାଡୁ ତିଆରି କରି ଘର ସଫା କରିବା କାମରେ ବ୍ୟବହାର କରାଯାଇଥାଏ ।

ନଡିଆର ତେଲକୁ ମୁଣ୍ଡରେ ଲଗାଇଲେ କେଶ ଘନ କଳା ହୋଇଥାଏ ।

ଏଥି ସହିତ ନଡିଆକୁ କୋରି ଏହାର ତେଲକୁ ରାନ୍ଧି ରନ୍ଧା ନଡିଆ ତେଲକୁ ପୋଡ଼ା ଘା' କିମ୍ବା କଟା ଘା'ରେ ଲଗାଇଲେ ଯଥାଶୀଘ୍ର ଉପଶମ ମିଳିଥାଏ ।

ସର୍ବତରେ କିମ୍ବା ଲସିରେ ନଡିଆ କୋରାକୁ ଉପଯୋଗ କରାଯାଇଥାଏ ।

ନଡିଆ ଗଛର ଗଣ୍ଡି ଘର ତିଆରି କାର୍ଯ୍ୟରେ ଲାଗିଥାଏ ।

ନଡିଆ କତାରେ ପାପୋଛ, ଖେଳନା, ଦଉଡି ଆଦି ତିଆରି କରାଯାଇଥାଏ ।

ଏହାର ଷଢ଼େଇକୁ ଡଙ୍କି ତଥା କେନ୍ଦରା ଭାବେ ବ୍ୟବହାର କରାଯାଇଥାଏ ।

ନଡିଆ ପାଣି ଶରୀର ପାଇଁ ଖୁବ୍ ହିତକାରକ । ଏଥିରେ ଖଣିଜ ଲବଣ ଭରପୁର ରହିଥାଏ । ନଡିଆ ପାଣି ପିଇଲେ ଆମ ଶରୀରକୁ ଶକ୍ତି ମିଳିଥାଏ । ଏହା ଆମ ଶରୀର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଫଳରେ ଶରୀରରେ କୌଣସି ରୋଗ ହେବାର ଆଶଙ୍କା କମ୍ ହୋଇଥାଏ । ଏହା ଆମ ଶରୀରର ମୋଟାପଣକୁ ଦୂର କରିଥାଏ ।

କାମଳ ରୋଗ, ହାଡ଼ଫୁଟି ଆଦି ରୋଗ ପାଇଁ ପଇଡ଼ ପାଣି ରାମବାଣ ସଦୃଶ । ପଇଡର ପାଣି ରୋଗୀର ପେଟକୁ ଥଣ୍ଡା ରଖିଥାଏ ।

## ହାଡ଼କୁ ସବଳ କରେ ଦହି



ଓଷ୍ଟିଓପୋରୋସିସ୍ କ୍ରୋନିକ୍ ହେଲେ ହାଡ଼ ଅତ୍ୟନ୍ତ ଦୁର୍ବଳ ହୋଇଯାଇଥାଏ । ଏହା ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା । ଖାଦ୍ୟରେ ଦହି ପରିମାଣ ବୃଦ୍ଧି କଲେ ହିପ୍ ବୋନ୍ ଡେନସିଟିରେ ପ୍ରଭାବ ପକାଇଥାଏ । ପ୍ରତ୍ୟେକ ଭାରତୀୟଙ୍କ ଘରେ ଦହି ଏକ ସାଧାରଣ ଖାଦ୍ୟ । ଏହା କ୍ୟାଲସିୟମର ଏକ ଉତ୍ତମାନର ସ୍ରୋତ । ଏଥି ସହିତ ପାକସ୍ଥଳୀ ସମ୍ବନ୍ଧୀୟ ସମସ୍ୟା ଓ ପାଚନ କ୍ରିୟାରେ ମଧ ଆଶ୍ଚର୍ଯ୍ୟଜନକ ଭାବେ କାର୍ଯ୍ୟ କରିଥାଏ । କିନ୍ତୁ ବୟସ୍କ ଲୋକଙ୍କ ଠାରେ ଏହା ଓଷ୍ଟିଓପୋରୋସିସ୍ ହ୍ରାସ କରିବାରେ ମଧ ସାହାଯ୍ୟ କରିଥାଏ ବୋଲି ଏକ ନୂତନ ରିସର୍ଚ୍ଚରୁ ଜଣାପଡିଛି । ଆୟାର୍ଲ୍ୟାଣ୍ଡ ଡବଲଇନର ଟ୍ରିନିଟି କଲେଜ୍ ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି ଖାଦ୍ୟରେ ଦହି ପରିମାଣ ବୃଦ୍ଧି କଲେ ହିପ୍ ବୋନର ଘନତ୍ୱ ବଢ଼ିଥାଏ । ହାଡ଼ର ଶକ୍ତି କମିଗଲେ ଓଷ୍ଟିଓପୋରୋସିସ୍ ରୋଗ ହୋଇଥାଏ । ୩୦ ବର୍ଷ ପରେ କ୍ୟାଲସିୟମ୍ ଶରୀରରୁ ହ୍ରାସ ପାଇବା ଆରମ୍ଭ ହୋଇଥାଏ । ଏହି ସର୍ବେକ୍ଷଣରୁ ଜଣାପଡିଛି ମହିଳାମାନେ ଖାଦ୍ୟରେ ଦହି ପରିମାଣ ଏକ ୟୁନିଟ୍ ବୃଦ୍ଧି କଲେ ଓଷ୍ଟିଓପୋନିଆ ସ୍ଥିତି ଆଶଙ୍କା ୩୦ ପ୍ରତିଶତ ହ୍ରାସ ପାଇବା ସହ ଓଷ୍ଟିଓପୋରୋସିସ୍ ଆଶଙ୍କା ୩୯ ପ୍ରତିଶତ ହ୍ରାସ ପାଇଥାଏ । ଆଉ ପୁରୁଷମାନଙ୍କ କ୍ଷେତ୍ରରେ ଓଷ୍ଟିଓପୋରୋସିସ୍ ଆଶଙ୍କା ୫୨ ପ୍ରତିଶତ ହ୍ରାସ ପାଇଥାଏ ।

## ଆପଣ ଜାଣନ୍ତି କି ?

- ବ୍ରିଟେନରେ ଯଦି କୌଣସି ପତି-ପତ୍ନୀ ଛଳ କପଟ କରି ଛାଡ଼ପତ୍ର ଦିଆନିଆ ହୋଇଥିବାର ଜଣାପଡ଼େ ତେବେ ଉଭୟଙ୍କ ବିରୋଧରେ ଅଦାଲତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥାନ୍ତି ।
- ଯେଉଁ ପତି ବା ପତ୍ନୀ କାର୍ଯ୍ୟାଳୟରେ ୧୦ ଘଣ୍ଟାରୁ ଅଧିକ କାର୍ଯ୍ୟ କରିଥାନ୍ତି ସେମାନଙ୍କ ମଧ୍ୟରେ ଛାଡ଼ପତ୍ର ଦିଆନିଆ ସମ୍ଭାବନା ଅଧିକ ।
- ସବୁଠୁ ଲମ୍ବା ରେଳ ସୁଡ଼ଙ୍ଗ ହେଉଛି 'ପିର ପଞ୍ଜାଲ' ଯାହା କାଶ୍ମୀର ଭ୍ୟାଲିକୁ ଜମ୍ମୁର ବାନିହାଲ୍ ସହିତ ଲିଙ୍କ୍ କରିଥାଏ । ଏହାର ଲମ୍ବା ହେଉଛି ୧୧.୨ କି.ମି ।
- ନାଗପୁର - ଅଜନି ମଧ୍ୟରେ ଦୂରତା (ମାତ୍ର ୩ କି.ମି) ହେଉଛି ଭାରତରେ ସବୁଠୁ କମ୍ ଦୂରତା ବିଶିଷ୍ଟ ଷ୍ଟେସନ ।
- 'ତ୍ରିଭେଣ୍ଡ୍ରମ୍' ହେଉଛି ଭାରତର ଏପରି ଏକ ରେଳଗାଡ଼ି, ଯାହା ବିନା କୌଣସି ଷ୍ଟପେଜ୍‌ରେ ଅନବରତ ୯୨୮ କିମିର ଦୂରତା ଅତିକ୍ରମ କରିଥାଏ ।
- ଭାରତରେ ପ୍ରତିଦିନ ପ୍ରାୟ ୧୨,୬୧୭ ଟ୍ରେନ୍ ଚାଲିଥାଏ । ଆଉ ପ୍ରତିଦିନ ପ୍ରାୟ ୨୩ ମିଲିଅନ୍ ଯାତ୍ରୀ ରେଳଯାତ୍ରା କରିଥାନ୍ତି ।
- ଦିଲ୍ଲୀରେ ଅବସ୍ଥିତ ଥିବା ରେଳ ମ୍ୟୁଜିୟମ୍ ଏସିଆର ସବୁଠୁ ବଡ଼ ରେଳ ମ୍ୟୁଜିୟମ୍ ।
- ଭାରତରେ ଏପରି ଦୁଇଟି ରେଳଷ୍ଟେସନ୍ ରହିଛି, ଯାହା ଦୁଇଟି ରାଜ୍ୟର ଅନ୍ତର୍ଗତ । 'ନବାପୁର୍' ଏପରି ଏକ ଷ୍ଟେସନ୍, ଯାହାର ଅଧା ଭାଗ ମହାରାଷ୍ଟ୍ର ଏବଂ ଆଉ ଅଧା ଭାଗ ଗୁଜରାଟରେ ରହିଛି । ଏହି ଷ୍ଟେସନରେ ଅଟକୁଥିବା ପ୍ରତ୍ୟେକ ରେଳଗାଡି ଉକ୍ତ ଦୁଇ ରାଜ୍ୟରେ ରହିଥାଏ । ଠିକ୍ ସେହିପରି 'ଭବାନୀ ମଣ୍ଡି' ଷ୍ଟେସନ ମଧ ଅଧା ରାଜସ୍ଥାନ ଏବଂ ଅଧା ମଧ୍ୟପ୍ରଦେଶରେ ରହିଛି ।

## କହିପାରିବେ କି ?

(୧) ପାଣ୍ଡବମାନେ କେତେ ଭାଇ ଥିଲେ ?
(୨) ଅର୍ଜ୍ଜୁନଙ୍କ ମାଁଙ୍କ ନାମ କ'ଣ ?
(୩) ମାଦ୍ରୀଙ୍କ ଦୁଇ ପୁତ୍ର କିଏ କିଏ ଥିଲେ ?
(୪) ପାଣ୍ଡବଙ୍କ ବ୍ୟତୀତ କୁନ୍ତୀଙ୍କ ଆଉ ଦୁଇ ପୁତ୍ର କିଏ ?
(୫) ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ କେତେ ପୁତ୍ର ଥିଲେ ?
(୬) କୌରବମାନଙ୍କର ଭଗ୍ନୀଙ୍କ ନାମ କ'ଣ ଥିଲା ?
(୭) ଗୀତା କିଏ କାହାକୁ ଶୁଣାଇଥିଲେ ?
(୮) ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ଗୀତା କେବେ ଶୁଣାଇଥିଲେ ?
(୯) ଗୀତାରେ କେତୋଟି ଅଧାୟ ଅଛି ?
(୧୦) ଗୀତାକୁ ଅର୍ଜ୍ଜୁନଙ୍କ ଛଡ଼ା ଆଉ କିଏ କିଏ ଶୁଣିଥିଲେ ?

### JUMBLE WORDS

| | | | |
|---|---|---|---|
| 1) TWYIT | = | 6) GBSOU | = |
| 2) BOREX | = | 7) NIRDAC | = |
| 3) NNEEIG | = | 8) LENGUJ | = |
| 4) SENSAO | = | 9) OTRIA | = |
| 5) NUPDO | = | 10) UDEFG | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.୧୦ ହଜାର ହାତୀର, ୨. ୩୨ ଦିନ, ୩. ୫ଦିନ, ୪. ବିଶ୍ୱକର୍ମା, ୫.ତ୍ରିଜଟା, ୬. ସୁଶେନବୈଦ୍ୟ, ୭. ଅଜ, ୮. ୩୯, ୯. ବ୍ରହ୍ମା, ୧୦. ବୈବସ୍ୱତ ମନୁ ।

***Jumble Words* ର ଉତ୍ତର :-**

(1) CABIN (2) ABATE (3) AMBUSH (4) HIGHLY (5) WIDTH
(6) HANDY (7) COUSIN (8) ARCADE (9) SUEDE (10) SALSA

# ସୋସିଆଲ ଅଡ଼ିଓ

**ଡକ୍ଟର ପ୍ରଦୀପ ମହାପାତ୍ର**

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

କ୍ରମବର୍ଦ୍ଧିଷ୍ଣୁ ସୋସିଆଲ ମିଡ଼ିଆ ପରିଧିରେ 'ସୋସିଆଲ ଅଡ଼ିଓ' ମହାମାରୀ କାଳରେ ସଦ୍ୟତମ ଯୋଗଦାନ । ସ୍ମାର୍ଟଫୋନ ଉପଯୋଗରେ ଆପ୍ଲିକେସନ ଭିତ୍ତିକ ଗୋଷ୍ଠୀଗତ ଆଳାପ ଆଲୋଚନା 'ଗ୍ରୁପ କନଭରସେସନ' ସୋସିଆଲ ଅଡ଼ିଓକୁ ବୁଝାଉଛି । ପୂର୍ବ ପ୍ରଚଳିତ 'ହ୍ୱାଟସ୍ଆପ' ଭଳି ମେସେଞ୍ଜର ଆପ୍ଲିକେସନରେ ସର୍ବାଧିକ ଆଠଜଣ ବ୍ୟକ୍ତି ଅଡ଼ିଓ କିମ୍ବା ଭିଡ଼ିଓ ଯୋଗେ କଥୋପକଥନର ସୁବିଧା ଥିବା ସ୍ଥଳେ ସୋସିଆଲ ଅଡ଼ିଓ ମଞ୍ଚଗୁଡ଼ିକ ହଜାର ସଂଖ୍ୟାରେ ଶ୍ରୋତା ଅଂଶଗ୍ରହଣ କରିବା ନିମନ୍ତେ ସୁଯୋଗ ସୃଷ୍ଟି କରିପାରୁଛି ।

ସୋସିଆଲ ମିଡ଼ିଆରେ ଟେକ୍ସଟ ଓ ଭିଡ଼ିଓ ବ୍ୟବହାର ଗଣମାଧମ ଉପତ୍ୟକାରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରିସାରିବା ପରେ ପରବର୍ତ୍ତୀ ଆକର୍ଷଣ ଅଡ଼ିଓ ଉପରେ କେନ୍ଦ୍ରୀଭୂତ । ମୁଖ୍ୟତଃ ଅଡ଼ିଓ ଆପ୍ଲିକେସନ ବ୍ୟବହାର ୨୦୨୦ରୁ ଆରମ୍ଭ ହୋଇଛି ଏବଂ ଅନ୍ତତଃପକ୍ଷେ ପରବର୍ତ୍ତୀ ପାଞ୍ଚ ବର୍ଷ ୨୦୨୪ ସୁଦ୍ଧା ବହୁ ସଂଖ୍ୟକ ଇଣ୍ଟରନେଟ ଉପଭୋକ୍ତା ଏଥିରେ ସାମିଲ ହେବା ଆଶା କରାଯାଉଛି । ଟେକ୍ସଟ ଚାଟିଂ କ୍ଷେତ୍ରରେ ଅକ୍ଷର ଟାଇପ କରିବା, ଭିଡ଼ିଓ କ୍ଷେତ୍ରରେ ପ୍ରଚଳିତ ଆପ୍ଲିକେସନ ଗୁଡ଼ିକରେ ସୀମିତ ସଂଖ୍ୟକଙ୍କ ସହ ଯୋଗାଯାଗ ସ୍ଥାପନ କରାଯାଇ ପାରୁଥିବା ସ୍ଥଳେ ସୋସିଆଲ ଅଡ଼ିଓରେ ସିଧା ସଳଖ କଥାବାର୍ତ୍ତା ତଥା ବହୁ ସଂଖ୍ୟକଙ୍କୁ ସାମିଲ କରିବା ସଂଭବପର । ସୋସିଆଲ ଅଡ଼ିଓ ଆପ୍ଲିକେସନ 'କ୍ଲବ ହାଉସ' ମାର୍ଚ୍ଚ ୨୦୨୦ରେ ଉନ୍ମୋଚିତ ହୋଇଥିଲା । ପ୍ରାଥମିକ ଭାବେ ଏହା କେବଳ ଆଇ-ଫୋନରେ ବ୍ୟବହାର ନିମନ୍ତେ ଉଦ୍ଦିଷ୍ଟ ଥିବା ସ୍ଥଳେ ମେ'୨୦୨୦ରେ ଆଣ୍ଡ୍ରୋଏଡ଼ ସଂସ୍କରଣ ଉପଲବ୍ଧ ହେଲା । ବର୍ଷକ ମଧ୍ୟରେ ୨୦୨୧ ମାର୍ଚ୍ଚ ମାସ ସୁଦ୍ଧା ବିଶ୍ୱବ୍ୟାପୀ ଏହାର ଉପଭୋକ୍ତା ସଂଖ୍ୟା ଏକ କୋଟିରେ ପହଞ୍ଚିଥିବା କ୍ଲବହାଉସ ପ୍ରାୟୋଜକଙ୍କ ପକ୍ଷରୁ ଦାବି କରାଯାଉଛି ।

କ୍ଲବ ହାଉସରେ ବହୁ ସଂଖ୍ୟକ 'କ୍ଲବ' ଓ ପ୍ରତ୍ୟେକ 'କ୍ଲବ' ଅଧୀନରେ ବିଭିନ୍ନ 'ରୁମ'ର ବ୍ୟବସ୍ଥା ରହିଛି । ଯେକୌଣସି ଉପଭୋକ୍ତା ସାଧାରଣ 'ବ୍ଲଗ' ଭଳି ଏକ 'ରୁମ' ଖୋଲି ଏକ ନିର୍ଦ୍ଦିଷ୍ଟ ବିଷୟରେ ଅନ୍ୟମାନଙ୍କ ସହ ଆଳାପ ଆଲୋଚନାର ସୁଯୋଗ ସୃଷ୍ଟି କରିପାରିବେ । 'ରୁମ'ଗୁଡ଼ିକର ନିର୍ଦ୍ଧାରିତ ବିଷୟ ଅନୁଯାୟୀ ତାହା 'କ୍ଲବ' ପର୍ଯ୍ୟାୟରେ ବର୍ଗୀକୃତ ହୋଇଥାନ୍ତି । ଉଦାହରଣରେ 'ଓଡ଼ିଆ ଗଣମାଧମ' କ୍ଲବରେ ଟେଲିଭିଜନ ମଞ୍ଚ, ମୁଦ୍ରଣ ଶିଳ୍ପ, ଗ୍ରାମାଞ୍ଚଳ ବିଜ୍ଞାପନ ଧାରା ଭଳି ବିଷୟରେ 'ରୁମ' ପ୍ରଯୋଜିତ ହୋଇପାରେ । ଉପଭୋକ୍ତାମାନେ ନିଜ ରୁଚି ଓ ଆବଶ୍ୟକତା ଅନୁଯାୟୀ 'ରୁମ'ର ସଦସ୍ୟ ଭୁକ୍ତ ହୋଇଥାନ୍ତି । ପ୍ରତ୍ୟେକ 'ରୁମ'ରେ ନିର୍ଦ୍ଦିଷ୍ଟ ସମୟ ସୀମାରେ ଉପଭୋକ୍ତାମାନେ ପରସ୍ପର ମଧ୍ୟରେ କଥୋପକଥନର ସୁଯୋଗ ହାସଲ କରିଥାନ୍ତି । 'କ୍ଲବ ହାଉସ' ଭାରତୀୟ ବଂଶୋଦ୍ଭବ 'ଗୁଗୁଲ'ର ପ୍ରାକ୍ତନ ଇଞ୍ଜିନିୟର ରୋହନ ସେଠ ଏବଂ ଜଣେ ମାର୍କିନ ଉଦ୍ୟୋଗୀଙ୍କ ଦ୍ୱାରା ବିକଶିତ । ଏହି ଆପ୍ଲିକେସନ ବ୍ୟବହାର କରିବା ନିମନ୍ତେ ଜଣେ ପଞ୍ଜୀକୃତ ସଦସ୍ୟଙ୍କ ନିମନ୍ତ୍ରଣ ଆବଶ୍ୟକ ପଡ଼ିଥାଏ । ଅର୍ଥାତ ଯେକେହି ଆପଟିକୁ ଡ଼ାଉନଲୋଡ଼ କରି ବ୍ୟବହାର କରିପାରେ ନାହିଁ । ପ୍ରତ୍ୟେକ ସଦସ୍ୟଙ୍କ ପ୍ରାଥମିକ ସ୍ତରରେ ଦୁଇଗୋଟି ନିମନ୍ତ୍ରଣ ବଣ୍ଟନର କ୍ଷମତା ରହିଥାଏ ଏବଂ ମଞ୍ଚ ଦୀର୍ଘକାଳ ବ୍ୟବହାର କରିବାପରେ ନିମନ୍ତ୍ରଣ କରିବା କ୍ଷମତା ବୃଦ୍ଧି ପାଏ । 'କ୍ଲବ ହାଉସ'ର ପ୍ରତ୍ୟେକ 'ରୁମ'ର ସର୍ବାଧିକ ସଦସ୍ୟ ସଂଖ୍ୟା ପାଞ୍ଚହଜାର ଏବଂ ପ୍ରାୟୋଜକଙ୍କ ଅନୁମତି କ୍ରମେ ଆହୁରି ଅଧିକ ସଂଖ୍ୟାକୁ ବୃଦ୍ଧି ପାଇ ପାରେ । ଅର୍ଥାତ ପ୍ରତ୍ୟେକ ରୁମର କଥୋପ କଥନର ପ୍ରସାରଣ ବହୁ ସଂଖ୍ୟକ ଶ୍ରୋତା ଆହରଣ କରିପାରନ୍ତି ।

'କ୍ଲବ ହାଉସ' ପରେ ପରେ ନଭେମ୍ବର ୨୦୨୦ରେ ମାଇକ୍ରୋ ମେସେଞ୍ଜର ଆପ୍ଲିକେସନ 'ଟୁଇଟର' ପକ୍ଷରୁ ସୋସିଆଲ ଅଡ଼ିଓ ମଞ୍ଚ 'ସ୍ପେସେସ' ପରୀକ୍ଷାମୂଳକ ଭାବେ ପ୍ରଚଳନ କରାଯାଇ ମେ' ୨୦୨୧ ସୁଦ୍ଧା ଉପଭୋକ୍ତାଙ୍କ ବ୍ୟବହାର ଲାଗି ଉନ୍ମୁକ୍ତ କରାଯାଇଥିଲା । ସେହିପରି ୨୧ ଜୁନ ୨୦୨୧ରେ 'ଫେସବୁକ' ପକ୍ଷରୁ ଯୁକ୍ତରାଷ୍ଟ୍ର ଆମେରିକାର ଉପଭୋକ୍ତାଙ୍କ ପାଇଁ 'ଲାଇଭ ଅଡ଼ିଓ ରୁମସ'ର ସୁଯୋଗ ସୃଷ୍ଟି ହୋଇଥିଲା । କିଛିଦିନ ପୂର୍ବରୁ ୧୬ ଜୁନ ୨୦୨୧ରେ ଖ୍ୟାତନାମା ସଂଗୀତ ଆପ୍ଲିକେସନ 'ସ୍ପଟିଫାଇ' ପକ୍ଷରୁ ଅନୁରୂପ ସୋସିଆଲ ଅଡିଓ ମଞ୍ଚ 'ଗ୍ରୀନରୁମ' ଆତ୍ମ ପ୍ରକାଶ କରିଥିଲା । 'କ୍ଲବ ହାଉସ' ତୁଳନାରେ ନବ ବିକଶିତ ଆପଗୁଡ଼ିକରେ ଅଧିକ ସୁବିଧା ସୁଯୋଗ ସଂଯୋଜନା କରାଯାଉଥିବା ଦେଖିବାକୁ ମିଳିଥାଏ ।

'ଫେସବୁକ'ର 'ଲାଇଭ ଅଡ଼ିଓ ରୁମସ'ର ପରୀକ୍ଷାମୂଳକ ସଂସ୍କରଣ ଆପଲ ଆଇଓଏସ ସ୍ମାର୍ଟଫୋନ ଉପଯୋଗରେ ୫୦ ଜଣ ଯାଏଁ ବକ୍ତା ଓ ଅଗଣିତ ଶ୍ରୋତାଙ୍କୁ ପ୍ରତ୍ୟେକ 'ରୁମ'ରେ ସଦସ୍ୟ ଭୁକ୍ତ କରାଯାଇପାରିବ । ଶ୍ରୋତାମାନେ ଉଭୟ ଆପଲ ଆଇଓଏସ ଓ ଏଣ୍ଡ୍ରୋଏଡ଼ ସ୍ମାର୍ଟଫୋନ ଯୋଗେ ଶୁଣି ପାରିବେ । ଏହି ମଞ୍ଚରେ କେତେକ ନିର୍ବାଚିତ 'ପଡ଼କାଷ୍ଟ' ପ୍ରସାରଣ ସହ ଅଡ଼ିଓ କାର୍ଯ୍ୟକ୍ରମ ରେକର୍ଡ଼ିଂ ଓ ଏଡିଟିଂ ନିମନ୍ତେ ସୁବିଧା ମଧ୍ୟ ଉପଲବ୍ଧ ହେବ । 'କ୍ଲବ ହାଉସ'ରେ 'ରୁମ'ଗୁଡ଼ିକର ପ୍ରସାରଣ ରେକର୍ଡ କରିବା ବାରଣ କରାଯାଇଥିବା ସ୍ଥଳେ ଫେସବୁକ 'ଲାଇଭ ଅଡ଼ିଓ ରୁମସ୍'ରେ ରେକର୍ଡ଼ିଂ ଏବଂ ତାହା ଇ-ମେଲ ଯୋଗେ ବିତରଣର ସୁବିଧା ଉପଲବ୍ଧ ରହିବ ।

'ସୋସିଆଲ ଅଡ଼ିଓ' ମଞ୍ଚରେ 'କ୍ଲବ ହାଉସ', 'ସ୍ପେସସ', 'ଡ଼ିସକର୍ଡ', 'ଗ୍ରୀନରୁମ' ଓ 'ଲାଇଭ ଅଡ଼ିଓ ରୁମସ' ସହ 'ଲିଙ୍କଡ଼ଇନ', 'ରେଡ଼ିଟ', 'ସ୍ଲାକ' ପକ୍ଷରୁ ଆପ୍ଲିକେସନ ବିକଶିତ ହେଉଥିବା ସୂଚନା ମିଳେ । ଆମ ଭାରତରେ 'କ୍ଲବ ହାଉସ' ୨୦୨୧ ଜୁନମାସ ସୁଦ୍ଧା ଏକରକମ ଆସ୍ଥାନ ଜମାଇ ସାରିଥିଲା । ପ୍ରାୟ କୋଡ଼ିଏ ଲକ୍ଷ ଉପଭୋକ୍ତା ଏହି ମଞ୍ଚରେ ଉପସ୍ଥିତ ଥିବା କୁହାଯାଉଥିଲା । 'ସୋସିଆଲ ଅଡ଼ିଓ'ର ଭାରତୀୟ ସଂସ୍କରଣ 'ସେରଚାଟ'ରେ 'ଚାଟରୁମ' ନାମରେ ଲାଇଭ ଅଡ଼ିଓ ପଡ଼କାଷ୍ଟ ଏପ୍ରିଲ ୨୦୨୦ରୁ ଆରମ୍ଭ ହୋଇଥିଲା । ବହୁପୂର୍ବରୁ ୨୦୧୮ରେ ବିକଶିତ 'ଲେହର'ରେ ଲକ୍ଷାଧିକ ଉପଭୋକ୍ତା ସାମିଲ ହୋଇ ଅଡ଼ିଓ-ଭିଡ଼ିଓ ମଞ୍ଚ ବ୍ୟବହାର କରୁଥିବା ଜଣାଯାଏ । ଏଠାରେ ଧାର୍ମିକ ସତସଙ୍ଗ ଓ ସଂଗୀତଭିତ୍ତିକ ଅନ୍ତାକ୍ଷରୀ, ଭାଗ୍ୟଫଳ ଓ ରେଡ଼ିଓ ସୋ ଇତ୍ୟାଦି କାର୍ଯ୍ୟକ୍ରମମାନ ପ୍ରାଥମିକ ପର୍ଯ୍ୟାୟରେ ଲୋକପ୍ରିୟତା ହାସଲ କରିଛି । ଏକବିଂଶ ଶତାବ୍ଦୀ ତୃତୀୟ ଦଶକରେ ଗଣମାଧମ କୋଳାହଳରେ ଅଡ଼ିଓ ମଞ୍ଚ ପ୍ରାଧାନ୍ୟଲାଭ କରିବା ସଂପର୍କରେ ବିଶେଷଜ୍ଞମାନେ ଦୀର୍ଘ ଅତୀତରୁ ପୂର୍ବାନୁମାନ କରି ଆସୁଥିବା ସ୍ଥଳେ 'ସୋସିଆଲ ଅଡ଼ିଓ' ଧାରା ୨୦୨୧ରୁ ହିଁ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବାକୁ ଯାଉଛି । ଭାରତରେ ସୋସିଆଲ ମିଡ଼ିଆ କ୍ଷେତ୍ରରେ ଫେସବୁକ ସର୍ବାଧିକ ଲୋକପ୍ରିୟ । ସେହି ମଞ୍ଚରେ ନିକଟ ଭବିଷ୍ୟତରେ ଅଡ଼ିଓ ପ୍ରସାରଣର ସୁବିଧା ସୁଯୋଗ ସୃଷ୍ଟି ବହୁ ସଂଖ୍ୟକଙ୍କ ପାଇଁ ଗୋଷ୍ଠୀଗତ ଆଳାପ ଆଲୋଚନା 'ଗ୍ରୁପ କନଭର ସେସନ'ଠାରୁ ଆରମ୍ଭ କରି ସମ୍ବାଦ ଓ ଅଭିମତ, ରାଜନୀତିକ, ସାଂସ୍କୃତିକ ବିଚାର ବିମର୍ଷ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନର ବାହକ ହେବା ଆଶା କରାଯାଇ ପାରେ ।

ପ୍ରଥମତଃ, ଗୋଷ୍ଠୀଗତ ଅଡ଼ିଓ ମଞ୍ଚରେ ପ୍ରତ୍ୟେକଙ୍କୁ ଯୋଗଦାନରେ ଶୁଣିବା ଓ କହିବା ସୁଯୋଗ ଅନ୍ୟ ସୋସିଆଲ ମିଡ଼ିଆ ଭଳି ଏକ ଗଣତାନ୍ତ୍ରିକ ପରିବେଶ ସୃଷ୍ଟିରେ ସହାୟକ ହେବ । ଦ୍ୱିତୀୟତଃ, ପୂର୍ବରୁ ଉପଲବ୍ଧ ଟେକ୍ସଟ ଓ ଭିଡ଼ିଓ ପ୍ରସ୍ତୁତିରେ ଉପଭୋକ୍ତାଙ୍କ ସାମର୍ଥ୍ୟ, ଶ୍ରମ ଓ ସମୟ ଆବଶ୍ୟକ କରି ଆସିଥିବା ସ୍ଥଳେ ଅଡ଼ିଓ ମଞ୍ଚରେ ଅଂଶ ଗ୍ରହଣ ଅପେକ୍ଷାକୃତ ସହଜ ଓ ସରଳ ବୋଧ ହେବ । ତୃତୀୟତଃ, ଅନ୍ୟାନ୍ୟ କାର୍ଯ୍ୟରେ ସଂପୃକ୍ତ ରହି ରେଡ଼ିଓ ଶୁଣିବା ଭଳି ଅଡ଼ିଓ ମଞ୍ଚର ଅତିରିକ୍ତ ସୁବିଧା ଏହାର ଉପାଦେୟତା ବୃଦ୍ଧିରେ ପର୍ଯ୍ୟବସିତ ହେବା ଯୁକ୍ତିଯୁକ୍ତ ।

ସୋସିଆଲ ଅଡ଼ିଓର ପ୍ରସାର ମୁଦ୍ରିତ ସମ୍ବାଦପତ୍ରର ପାଠକ ସଂଖ୍ୟାକୁ ପ୍ରଭାବିତ କରିବା ଆଶଙ୍କା ଘନୀଭୂତ ହେବ । ଏହିଭଳି ମଞ୍ଚ ବ୍ୟବହାରରେ ଶ୍ରୋତାଙ୍କ ସୀମା ନିର୍ଦ୍ଧାରିତ ନ ହେଉଥିବା ହେତୁ ଗଭୀର ଆଞ୍ଚଳିକ ଭିତ୍ତିରେ ସମ୍ବାଦ ଓ ଅଭିମତ ପ୍ରସାରଣ ସ୍ଥଳ ବିଶେଷରେ ନିର୍ଦ୍ଦିଷ୍ଟ ଅଡ଼ିଓ ରୁମ ପାଇଁ ସଂପ୍ରସାରିତ ଶ୍ରୋତାମଣ୍ଡଳୀ ସୃଷ୍ଟି ଆଶା କରାଯାଇ ପାରେ । ଏହା ପାରମ୍ପରିକ ଗଣମାଧମ ମଞ୍ଚରୁ ଉପେଭାକ୍ତା ଅପସାରଣର କାରଣ ପାଲଟିବ । ସେହିପରି ପ୍ରଚଳିତ ରେଡ଼ିଓ ପ୍ରସାରଣର ଦୁର୍ବଳ ଭିତ୍ତିଭୂମିରେ ସୋସିଆଲ ଅଡ଼ିଓ ନକାରାତ୍ମକ ପ୍ରଭାବ ପକାଇବ । ଇଣ୍ଟରନେଟ ସଂଯୁକ୍ତି, ସ୍ମାର୍ଟଫୋନ ବ୍ୟବହାର ବୃଦ୍ଧି ତଥା ୫ଜି ଟେଲି ଯୋଗାଯାଗ ବୈଷୟିକ କୌଶଳ ପ୍ରଚଳନର ସଂଭାବ୍ୟ ପରିସ୍ଥିତି ଗୋଷ୍ଠୀ ରେଡ଼ିଓ ଆନ୍ଦୋଳନ 'କମ୍ୟୁନିଟି ରେଡ଼ିଓ' ଭିତ୍ତିଭୂମିକୁ ଦୋହଲାଇ ଦେବ । ଅପରପକ୍ଷେ ସୋସିଆଲ ଅଡ଼ିଓ ମଞ୍ଚଗୁଡ଼ିକର ବିକାଶ ଏବଂ ବହୁସଂଖ୍ୟକ ଉପଭୋକ୍ତାଙ୍କ ଯୋଗଦାନ ଅସତ୍ୟ ସମ୍ବାଦ, ଗୁଜବ ଓ ଅନ୍ଧ ବିଶ୍ୱାସ ପ୍ରସାରଣ ଲାଗି ଉର୍ବର ଉପତ୍ୟକା ଯେ ସୃଷ୍ଟି କରିବ ଏଥିରେ ମଧ୍ୟ ସନ୍ଦେହ ନାହିଁ । ଦୁର୍ବଳ ଅର୍ଥନୀତି ଓ ଅଳ୍ପ ଶିକ୍ଷିତ ଓଡ଼ିଶା ପକ୍ଷେ ସୋସିଆଲ ଅଡ଼ିଓର ପ୍ରସାର ଅବସରରେ ମିଶ୍ରିତ ପ୍ରତିକ୍ରିୟା ଆଶା କରାଯାଏ ।

## ଆରାମ ପସନ୍ଦ ଜୀବନ... ଷଷ୍ଠ ପୃଷ୍ଠାର ଅବଶିଷ୍ଟାଂଶ

ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ ଆମକୁ ପୌଷ୍ଟିକ ଖାଦ୍ୟ, ବ୍ୟାୟାମ, ଶାରୀରିକ ଓ ମାନସିକ ଶ୍ରମ, ଆରାମ ଆଦି ଆବଶ୍ୟକ, କିନ୍ତୁ ଏହା ସହିତ ଆମ ପରିବେଶରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ମଧ୍ୟ ଜରୁରୀ ଏବଂ ଏଥିପାଇଁ ଆମେ ନିଜେ ପଦକ୍ଷେପ ନେବାକୁ ହେବ, କାରଣ ରୋଗ ଗୁଡିକ ସ୍ୱତଃ ଆସେ ନାହିଁ, ବରଂ ଆମେ ସେମାନଙ୍କୁ ଆସିବାର ସୁଯୋଗ ଦେଇଥାଉ ଏବଂ ଏଭଳି ପରିସ୍ଥିତି ନିର୍ମାଣ କରିଥାଉ ଯେପରି ସେମାନଙ୍କୁ ଆସିବାର ଆମନ୍ତ୍ରଣ ମିଳି ପାରିବ । ତେଣୁ ରୋଗଗୁଡିକ ଉତ୍ପନ୍ନ ହେବାର କାରଣ ଗୁଡିକୁ ଆମେ ସ୍ୱୟଂ ଦୂର କରିବାକୁ ହେବ ଏବଂ ଏଥି ନିମନ୍ତେ ଉଚିତ ପ୍ରୟାସ ବି କରିବାକୁ ହେବ । ଆଜି ଲୋକମାନଙ୍କ ଜୀବନ ଏତେ ଦ୍ରୁତ ବେଗରେ ଆଗକୁ ବଢୁଛି ଯେ ଏହା ସହିତ ପାଦରେ ପାଦ ମିଶାଇ ଚାଲିବା ପାଇଁ ମେସିନ ଦ୍ୱାରା କାମ ନେବା ଆମର ବିବଶତା ହୋଇ ଯାଇଛି । ଆମେ ଏହାକୁ ସମ୍ପୂର୍ଣ୍ଣ ରୂପେ ଆରାମପ୍ରିୟତା କହି ପାରିବା ନାହିଁ, କାରଣ ଏଥିରେ ଆମର ଇଚ୍ଛା କାମ କରେ ନାହିଁ, ତଥାପି ଆମେ ନିଜ ଜୀବନରେ ଯେଉଁ କୃତ୍ରିମତା ଗ୍ରହଣ କରିଛେ, ତାହା ଆମ ପାଇଁ ବିଲକୁଲ ଲାଭଦାୟକ ନୁହେଁ ଯେପରି ତାଜା ବାୟୁ ସେବନ କରିବା ପରିବର୍ତ୍ତେ ଘରେ ଏ.ସି.ରେ ରହିବାର ଅଭ୍ୟାସ କଲେ, ଘରେ ସବୁଜିମା ବୃଦ୍ଧି ନ କରି ପ୍ଲାଷ୍ଟିକର ଫୁଲ ଓ ବୃକ୍ଷରେ ଘର ସଜାଇଲେ ଆମକୁ ପ୍ରକୃତି ସାନ୍ନିଧ୍ୟରେ ଯେଉଁ ଲାଭ ମିଳିବା କଥା ତାହା ମିଳିପାରେ ନାହିଁ ।

ଆମ ଜୀବନରେ ସୁଖ ସୁବିଧା ଦ୍ରୁତ ବେଗରେ ବଢ଼ିବା ସହିତ ଆମ ମନର ସ୍ୱାଭାବିକ ଶତ୍ରୁ ଆଳସ୍ୟ ଆହୁରି ତୀବ୍ର ଗତିରେ ବୃଦ୍ଧି ପାଇଛି । ଏସବୁ କାରଣରୁ ଆଜି ୧୩୫ କୋଟି ଜନସଂଖ୍ୟା ମଧ୍ୟରୁ ୪୨ କୋଟି ଲୋକ ଏହାର କବଳରେ ପଡି ରୋଗୀ ହେଉଛନ୍ତି । ସମ୍ପ୍ରତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସର୍ବେକ୍ଷଣ ଅନୁସାରେ କାମ କରିବାରେ ଆଳସ୍ୟ କରିବା ଓ ପର୍ଯ୍ୟାପ୍ତ ଶ୍ରମ ନ କରିବା ଯୋଗୁଁ ଆମେ ଭାରତୀୟ ଲୋକେ ଡାଇବେଟିସ ପ୍ରସଙ୍ଗରେ ଏକ ନମ୍ବରକୁ ଏବଂ ପିଲାମାନଙ୍କ ମେଦବହୁଳତା ପ୍ରସଙ୍ଗରେ ଦ୍ୱିତୀୟ ନମ୍ବରକୁ ଆସି ଯାଇଛେ । ଲୋକମାନଙ୍କୁ ଫିଟ୍ ରହିବାର ଏତେ ନିଶା ଘାରିଛି ଯେ ଘରେ ଘରେ ଟ୍ରେଡ ମିଲ ଦେଖିବାକୁ ମିଳୁଛି, ତଥାପି ଡାଇବେଟିସ୍, ଥାଇରଏଡ୍, ଏସିଡିଟି ବା ପଥୁରି ସମେତ ଏଭଳି ଅନେକ ରୋଗ ଆଜି ପ୍ରତ୍ୟେକ ଘରେ ଅତିଥି ହେବାରେ ଲାଗିଛି ।

ଚିକିତ୍ସକମାନଙ୍କ ଅନୁସାରେ ଏ ବିଷୟରେ ଡରିବା ଅପେକ୍ଷା ଟିକେ ଜାଗ୍ରତ ରହିବା ଆବଶ୍ୟକ । କାରଣ ଯଦି ଆପଣ ନିଜ ପସନ୍ଦର ଖାଦ୍ୟ ଖାଆନ୍ତି ତ ଆପଣଙ୍କ କ୍ୟାଲୋରୀ ବର୍ଣ୍ଣ କରିବା ଅର୍ଥାତ୍ ଅନାବଶ୍ୟକ ଉର୍ଜାଃ କ୍ଷରଣ କରିବାର ଅଭ୍ୟାସ କରିବାକୁ ହେବ ଏବଂ ଏଥିପାଇଁ କାରରେ କେଉଁଠିକୁ ଯିବାର ଅଭ୍ୟାସ ଛାଡି ସାଇକେଲରେ ଯିବାର ବା ପାଦରେ ଚାଲିବାର ରାସ୍ତା ବାଛିବା ଉତ୍ତମ ହେବ । ଦେଖିବାକୁ ଗଲେ ଆମ ଶରୀରରେ ପ୍ରଥମରୁ ଏକ ବ୍ୟବସ୍ଥା ମହଜୁଦ ଅଛି, ଯାହାକୁ ଆମେ ଜୈବିକ ଘଡି କହିପାରିବା, କିନ୍ତୁ ଆମେ ସେହି ବ୍ୟବସ୍ଥାକୁ ଖାରଜ କରିଦେଇ ତା ଉପରେ ନିଜର ଇଚ୍ଛା ଥାପିବାରେ ଅଭ୍ୟସ୍ତ ହୋଇଯାଇଛେ ଏବଂ ଏହିଠାରୁ ଆମର ଅଧିକାଂଶ ରୋଗ ଆରମ୍ଭ ହୋଇଥାଏ । ସତକଥା ହେଲା ଆଜି ଆମେ ଶରୀରର ଜୈବିକ ଘଡି ପରିବର୍ତ୍ତେ ଶୋଇବା ଉଠିବା, ଖାଇବା ପିଇବାର ଶୈଳୀ ନିଜେ ସ୍ଥିର କରିଥାଉ । ସୁସ୍ଥ ରହିବା ପାଇଁ ଯଦି ଆମେ କେବଳ ନିଜ ଶରୀରର ଜୈବିକ ଘଡି ଅନୁସାରେ ନିଜର ଦିନଚର୍ଯ୍ୟା ନିର୍ଦ୍ଧାରିତ କରିବା ଏବଂ ତଦନୁସାରେ କାର୍ଯ୍ୟ କରିବା ତାହେଲେ ଆମେ ପୂର୍ବ ଅପେକ୍ଷା ଅଧିକ ସୁସ୍ଥ ରହି ପାରିବା ।

# ମହୁମାଛି ପାଳନ ପାଇଁ ୨୬୫୦ ହିତାଧିକାରୀ ଚିହ୍ନଟ

ସୁନ୍ଦରଗଡ଼ : ଜିଲ୍ଲାରେ ମହୁ ଚାଷ ମାଧ୍ୟମରେ ମହୁଚାଷୀଙ୍କ ରୋଜଗାର ବଢ଼ାଇବା ଲାଗି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଜିଲ୍ଲାର ୮ଟି ବ୍ଲକରେ ଉନ୍ନତମାନର ମହୁ ଉତ୍ପାଦନ ସହିତ କିପରି ଏହାର ବଜାର ସଂଯୋଗ କରାଯାଇ ପାରିବ ସେନେଇ ଜିଲ୍ଲାର ଅଧିକାରୀମାନଙ୍କ ପାଇଁ ଏକ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି ।

ସ୍ଥାନୀୟ ବିକାଶ ଭବନ ଠାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା । ବେଙ୍ଗାଲୁରୁରୁ ଆସିଥିବା ମହୁ ଚାଷ ବିଶେଷଜ୍ଞ ଗୁରୁ ପ୍ରସାଦ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଫଳ ମହୁ ଚାଷ ପରିଚାଳନା ସମ୍ପର୍କରେ ବୁଝାଇଥିଲେ । ଆଞ୍ଚଳିକ ଶିକ୍ଷା କେନ୍ଦ୍ର, ରାଉରକେଲା, ଜିଲ୍ଲା ଶିକ୍ଷା କେନ୍ଦ୍ର, ସୁନ୍ଦରଗଡ଼ର ମହାପ୍ରବନ୍ଧକ, ଓଡ଼ିଶା ଜୀବିକା ମିଶନର ବିଭିନ୍ନ ବ୍ଲକର ପ୍ରୋଗ୍ରାମ ମ୍ୟାନେଜରଙ୍କ ସହିତ ସ୍ଥାନୀୟ ତାଲିମଦାତାମାନେ ଯୋଗ ଦେଇଥିଲେ । ଡିଏମଏଫ଼ର ଜୀବିକା ବିଶେଷଜ୍ଞ ଏ.କେ. ପଣ୍ଡା ଏବଂ ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ସାମୁଏଲ ଟପ୍ପୋ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ମହୁ ଉତ୍ପାଦନ ଆରମ୍ଭ ହେବା ପରେ ଓରମାସ୍ ଜରିଆରେ ବିପଣନ କରାଯିବାର ଲକ୍ଷ୍ୟ ରଖାଯାଇଛି । ପ୍ରଥମ ଥର ପାଇଁ ଜିଲ୍ଲାରେ କରାଯାଉଥିବା ଏହି କାର୍ଯ୍ୟକ୍ରମରୁ ହିତାଧିକାରୀମାନେ ବିଶେଷ ଲାଭବାନ ହେବେ ବୋଲି ଆଶା କରାଯାଉଛି । ଜିଲ୍ଲା ପ୍ରଶାସନର ଉଦ୍ୟମକ୍ରମେ ସୁନ୍ଦରଗଡ଼ ଜିଲ୍ଲାର ହେମଗିରି, ରାଜଗାଙ୍ଗପୁର, ଗୁରୁଣ୍ଡିଆ, ବଣାଇଁ, କୁତ୍ରା, ଲୋଇଡ଼ା, କୁଆଁରମୁଣ୍ଡା ଓ ଲହୁଣୀପଡ଼ା ବ୍ଲକରେ ମହୁ ଚାଷ କରାଯାଉଛି । ଏଥିପାଇଁ ଚାଷୀମାନଙ୍କୁ ଚିହ୍ନଟ କରାଯାଇ ତାଲିମ୍ ଦିଆଯାଉଛି । ଆଗାମୀ ଦୁଇ ସପ୍ତାହ ଭିତରେ ହିତାଧିକାରୀମାନଙ୍କୁ ମହୁ ବାକ୍ସ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ । ଜିଲ୍ଲାରେ ମହୁମାଛି ପାଳନ ପାଇଁ ୨୬୫୦ ହିତାଧିକାରୀ ଚିହ୍ନଟ ହୋଇଛନ୍ତି । ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଏମଏସଏମଇ ବିଭାଗ ସହ ଅନ୍ୟ ସରକାରୀ ଅଂଶୀଦାରମାନେ ଯୋଡି ହୋଇଛନ୍ତି । ସେହିପରି ଓଡ଼ିଶା ଜୀବିକା ମିଶନ ଚାଷୀ ଚିହ୍ନଟ ଓ ବଜାର ସଂଯୋଗ ଦିଗରେ କାମ କରୁଛି । ସୁନ୍ଦରଗଡ଼ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଏଥିପାଇଁ ଆର୍ଥିକ ସହାୟତା ଯୋଗାଇ ଦେଉଛି ।

# ସୁନ୍ଦରଗଡ଼ ରୋଟାରୀ କ୍ଲବର ନୂତନ କାର୍ଯ୍ୟକର୍ତ୍ତା

ସୁନ୍ଦରଗଡ଼ : ସୁନ୍ଦରଗଡ଼ ରୋଟାରୀ କ୍ଲବର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ଶୁଭେନ୍ଦୁ ମହାପାତ୍ର ରୋଟାରୀ କ୍ଲବର ନୂତନ ସଭାପତି ଓ ଶୋଭନ ଦାଶ ସମ୍ପାଦକ ଓ ସୁରେଶ ପୃଷ୍ଟି କୋଷାଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସ୍ଥାନୀୟ ରୋଟାରୀ ଭବନ ଠାରେ ଅନୁଷ୍ଠିତ ଏକ ବୈଠକରେ ରୋଟାରିଆନ ଡକ୍ଟର ଚିରବ୍ରତ ଦତ୍ତ ସଭାପତିତ୍ୱ କରିଥିଲେ । ପରେ ରୋଟାରୀ କ୍ଲବର ପୋଷ୍ୟ ଗ୍ରାମ ଡୁମେଲୁଡ ଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଗ୍ରାମର ପ୍ରତ୍ୟେକ ପରିବାରଙ୍କୁ ଫଳଗଛ ଚାରା ପ୍ରଦାନ କରାଯାଇଥିଲା । ଏଥିସହ ଗ୍ରାମବାସୀଙ୍କୁ ନେଇ ଆୟୋଜିତ ସଭାରେ କରୋନା ମହାମାରୀ ଓ ସ୍ୱଚ୍ଛତା ସମ୍ପର୍କରେ ସଚେତନ କରାଯାଇଥିଲା ।

# ମହାମାରୀ ମୁକାବିଲାରେ ସମ୍ବଲପୁର ପୁଲିସ୍‌ର ୧୬୭୭ ୟୁନିଟ୍ ରକ୍ତଦାନ

ସମ୍ବଲପୁର : ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବି.ଗଙ୍ଗାଧରଙ୍କ ନିର୍ଦ୍ଦେଶକ୍ରମେ ଗତ ୬ ମାସ ମଧ୍ୟରେ ସମ୍ବଲପୁର ପୁଲିସ୍ ସମ୍ବଲପୁରର ବିଭିନ୍ନ ଡାକ୍ତରଖାନାରେ ୧୬୭୭ ୟୁନିଟ୍ ରକ୍ତଦାନ କରି ରୋଗୀଙ୍କ ଜୀବନ ବଞ୍ଚାଇଛି । କେବଳ ଯେ ରକ୍ତଦାନ ନୁହେଁ ବରଂ କରୋନା ମହାମାରୀ ସମୟରେ ରୋଗୀଙ୍କୁ ଅକ୍ସିଜେନ୍ ସିଲିଣ୍ଡର ଓ ଅକ୍ସିଜେନ୍ କନ୍‌ସେନ୍‌ଟ୍ରେଟର ମଧ୍ୟ ପ୍ରଦାନ କରି ମହାମାରୀ ମୁକାବିଲାରେ ନିଜର ଯୋଗଦାନ ସାବ୍ୟସ୍ତ କରିଛି ।

ଗତ ୬ ମାସ ମଧ୍ୟରେ ହୀରାକୁଦ ପୁଲିସ୍ ଗୋଟିଏ ଶିବିରରେ ସର୍ବାଧିକ ୨୦୦ ୟୁନିଟ୍ ରକ୍ତ ସଂଗ୍ରହ କରି ରକ୍ତଭଣ୍ଡାରକୁ ଦାନ କରିଥିବା ବେଳେ ଧନୁପାଲି ପୁଲିସ୍ ୧୮୧ ୟୁନିଟ୍, ମହୁଲପାଲି ପୁଲିସ୍ ୧୫୪ ୟୁନିଟ୍, ରେଢ଼ାଖୋଲ ୧୩୦ ୟୁନିଟ୍, କ୍ଷେତରାଜପୁର ୧୦୦ ୟୁନିଟ୍, ଅଇଁଠାପାଲି ୮୭ ୟୁନିଟ୍, ଧମା ୮୩ ୟୁନିଟ୍, ଗୋଶାଳା ଫାଣ୍ଡି ୭୨ ୟୁନିଟ୍, ୟୁଯୁମୁରା ପୁଲିସ୍ ୫୬ ୟୁନିଟ୍, ଶାସନ ପୁଲିସ୍ ୨୮ ୟୁନିଟ୍, କୁଚିଣ୍ଡା ପୁଲିସ୍ ୫୬ ୟୁନିଟ୍, କିସିଣ୍ଡା ୩୧ ୟୁନିଟ୍, ଗୋବିନ୍ଦପୁର ପୁଲିସ୍ ୭୭ ୟୁନିଟ୍ ରକ୍ତ ସଂଗ୍ରହ କରିଛି । ଏହାବାଦ୍ ସମ୍ବଲପୁର ପୁଲିସ୍‌ର ୫ଟି କଲ୍ ସେଣ୍ଟରକୁ ଯୋଗାଯୋଗ କରି ରକ୍ତର ଆବଶ୍ୟକତା ଦର୍ଶାଇଥିବା ୩୩୨ ଜଣ ରୋଗୀଙ୍କୁ ସିଧାସଳଖ ଯାଇ ବିଭିନ୍ନ ଡାକ୍ତରଖାନାରେ ରକ୍ତପ୍ରଦାନ କରାଯାଇଛି । ଜାନୁଆରିରେ ୩୮ ଜଣ, ଫେବୃଆରିରେ ୧୯ ଜଣ, ମାର୍ଚ୍ଚରେ ୭୩ ଜଣ, ଏପ୍ରିଲରେ ୯୩ ଜଣ, ମେ'ରେ ୭୦ ଜଣ ଓ ଜୁନ୍‌ରେ ୪୯ ଜଣଙ୍କୁ ସିଧାସଳଖ ପୁଲିସ୍ କର୍ମୀ ହିଁ ରକ୍ତଦାନ କରିଛନ୍ତି । ଏହି ସମୟରେ ୩୦ ଜଣ ରୋଗୀଙ୍କୁ ଅକ୍ସିଜେନ୍ ସିଲିଣ୍ଡର ମଧ୍ୟ ପ୍ରଦାନ କରାଯାଇଛି । ରକ୍ତଦାନ ପାଇଁ ଜଣେ ଡିଏସ୍‌ପିଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଏହି ବ୍ୟବସ୍ଥା ପରିଚାଳନା କରାଯାଉଥିବା ସମ୍ବଲପୁର ପୁଲିସ୍ ପକ୍ଷରୁ କୁହାଯାଇଛି ।

# ଅଟଳ ପଣ୍ଡାଙ୍କ ସ୍ମୃତିରେ ଅଟଳ ସହାୟତା ଯୋଜନା

ସୋନପୁର : ଏଙ୍କର- କଳା, ସଂସ୍କୃତିର ଗୁରୁ ଡ. ଅଟଳ ବିହାରୀ ପଣ୍ଡାଙ୍କ ସ୍ମୃତିରେ ଅଟଳ ସହାୟତା ଯୋଜନା ଆରମ୍ଭ କରିଛି ବାଙ୍ଗାଲୋରର ଜୁହାର ପରିବାର । ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମା ସାହାରା ଟ୍ରଷ୍ଟ ହାଇସ୍କୁଲ ପରିସରରେ ଅଟଳ ସହାୟତା ଯୋଜନାରେ ଅସହାୟ କଳାକାରମାନଙ୍କୁ ସହାୟତା ପ୍ରଦାନ କରାଯାଇଛି । ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନାଟ୍ୟଶ୍ରୀ ଗଦାଧର ବାରିକ, ଜିଲ୍ଲା ସୂଚନା ଅଧିକାରୀ ଅଶ୍ୱିନୀ ଭୋଇ, ସାହାରା ଟ୍ରଷ୍ଟ ହାଇସ୍କୁଲର ପ୍ରତିଷ୍ଠାତା ଗତିକୃଷ୍ଣ ମିଶ୍ର, କଳାକାର ଶାଶ୍ୱତ ତ୍ରିପାଠୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ମହାମାରୀ କରୋନାରେ କଳାଜଗତ ବେଶ୍ ଭାବେ ପ୍ରଭାବିତ ହୋଇଥିବା ବେଳେ କଳାକାରମାନଙ୍କ ଜୀବନ ଦୁର୍ବିସହ ହୋଇ ଯାଇଛି । ଜୀବିକା ହରାଇ କଳାକାରମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏମିତି ବେଳାରେ ସ୍ୱର୍ଗତ ମହାନ କଳାକାର ଅଟଳ ବିହାରୀ ପଣ୍ଡାଙ୍କ ସ୍ମୃତିରେ ଅଟଳ ସହାୟତା ଯୋଜନା ମାଧ୍ୟମରେ ଏହି କଳାକାରମାନଙ୍କୁ ରାସନ ସାମଗ୍ରୀ ବଣ୍ଟନ କରାଯାଇଛି । ସୁବର୍ଣ୍ଣପୁର ଜିଲ୍ଲାର ପାଖାପାଖି ଶହେ ଜଣ ଏମିତି କଳାକାରଙ୍କୁ ରାସନ ବଣ୍ଟନ କରାଯାଇଥିଲା । ତେବେ ଏମିତି ବେଳାରେ ବାଙ୍ଗାଲୋରର ଜୁହାର ପରିବାରର ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି ।

# ଅମ୍ଳଜାନ ସାନ୍ଦ୍ରିକରଣ ଯନ୍ତ୍ର ପ୍ରଦାନ

ସମ୍ବଲପୁର : କରୋନା ମହାମାରୀକୁ ଦୃଷ୍ଟିରେ ରଖି ଟିପିଡବ୍ଲ୍ୟୁଡିଏ ପକ୍ଷରୁ ପଶ୍ଚିମ ଓଡ଼ିଶାର ୧୦ଟି ଯାକ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟକୁ ଅମ୍ଳଜାନ ସାନ୍ଦ୍ରିକରଣ ଯନ୍ତ୍ର ପ୍ରଦାନ କରାଯାଇଛି । ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଚିବ ଭି.ପି ଏକ୍କା ଯୋଗ ଦେଇଥିଲେ । ସମ୍ବଲପୁର ସମେତ ଝାରସୁଗୁଡ଼ା, ବରଗଡ଼, ସୋନପୁର ଜିଲ୍ଲା ମୁଖ୍ୟ ହସ୍ପିଟାଲର ପ୍ରତିନିଧିମାନେ ଯୋଗ ଦେଇ ଏହି ଯନ୍ତ୍ର ଗ୍ରହଣ କରିଥିଲେ । ସେହିପରି ଦୂରବର୍ତ୍ତୀ ଜିଲ୍ଲା ଗୁଡିକୁ ଉକ୍ତ ଯନ୍ତ୍ର ପଠାଇ ଦିଆଯିବାର ବ୍ୟବସ୍ଥା କରାଯିବ । ଏହି କାର୍ଯ୍ୟକ୍ରମରେ ସିଇଓ ଗଜାନନ କାଲୋ, ମୁଖ୍ୟ ବାଣିଜ୍ୟିକ ସେବା ଅଧିକାରୀ ସୁନିଲ ଶର୍ମା, ସିଓଓ ସୁମିତ ଘୋଷ, ମୁଖ୍ୟ କର୍ପୋରେଟ ଯୋଗାଯୋଗ ଅଧିକାରୀ ମନୋଜ ପଟ୍ଟନାୟକ ଓ ଏଚଆର ହେଡ୍ କସମସ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ବିଶ୍ୱ ଜନ ସଂଖ୍ୟା ସଚେତନତା ପକ୍ଷ ପାଳନ

ସୋନପୁର: ବିଶ୍ୱ ଜନ ସଂଖ୍ୟା ସଚେତନତା ପକ୍ଷ ପାଳନ ଅବସରରେ ବ୍ୟାପକ ସଚେତନତା ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ ହୋଇ ଯାଇଛି । ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମାନସ ରଞ୍ଜନ ଦଣ୍ଡପାଟ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଏହି ରଥର ଶୁଭାରମ୍ଭ କରିଥିଲେ । ଏହି ଉତ୍ସବ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନବ କିଶୋର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଭାରପ୍ରାପ୍ତ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ମେଡିକାଲ) ଡାକ୍ତର ତ୍ରିବିକ୍ରମ ପାଣିଗ୍ରାହୀଙ୍କ ସମେତ ସମସ୍ତ ଉପବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଶୁଭାରମ୍ଭ କରାଯାଇଥିବା ସଚେତନତା ରଥ ଜିଲ୍ଲା ମ୍ୟୁନିସିପାଲିଟି ଅଂଚଳର ସମସ୍ତ ୱାର୍ଡରେ ବ୍ୟାପକ ସଚେତନତା ସୃଷ୍ଟି କରାଇବ । ଏଥିସହ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ମଧ୍ୟ ସମାନ ଢଙ୍ଗର କାର୍ଯ୍ୟକ୍ରମ ବିଭାଗ ତରଫରୁ ଆୟୋଜନ କରାଯିବ ।

# ବୃକ୍ଷରୋପଣ କରି ଉଦାହରଣ ସୃଷ୍ଟିକଲେ ଦମ୍ପତି



ଝାରସୁଗୁଡ଼ା : ବର୍ତ୍ତମାନ ସମୟରେ ଲୋକଙ୍କୁ ଅମ୍ଳଜାନ ପ୍ରଚୁର ପରିମାଣରେ ଆବଶ୍ୟକ ହେଉଥିବା କାରଣରୁ ଲୋକଙ୍କୁ ବୃକ୍ଷରୋପଣ ପାଇଁ ଉତ୍ସାହିତ କରିବା ସହିତ ପ୍ରକୃତିକୁ ସୁନ୍ଦର କରିବା ନିମନ୍ତେ ନବବିବାହିତ ଶିକ୍ଷକ ଦମ୍ପତି ନିଜ ବିବାହ କାର୍ଯ୍ୟକ୍ରମ ଅବସରରେ ବୃକ୍ଷରୋପଣ କରିଛନ୍ତି । ଗୋଡ଼ଭଗା ସାରସ୍ୱତ ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟାପନାରତ ଅଧ୍ୟାପିକା ସୀତା ସାହୁ ଏବଂ ଝାରସୁଗୁଡ଼ା ଡିଏଭି ବିଦ୍ୟାଳୟର ଶିକ୍ଷକ ପ୍ରେମାନନ୍ଦ ମାହାନା ନିଜ ବିବାହ କାର୍ଯ୍ୟକ୍ରମ ଅବସରରେ ବୃକ୍ଷର ମାହାତ୍ମ୍ୟ ପ୍ରଚାର ତଥା ପରିବେଶ ସଂରକ୍ଷଣ ପାଇଁ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏବଂ ନିଜ ବିବାହକୁ ଚରିତାର୍ଥ କରିବା ନିମନ୍ତେ ଖୋଲା ସ୍ଥାନରେ ଓ ମନ୍ଦିର ପ୍ରାଙ୍ଗଣରେ ଆମ୍ବ ଆଦି ବୃକ୍ଷରୋପଣ କରିଛନ୍ତି ।

## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

ସ୍ମୃତିଚାର
11 - 17 July 2021



# ଅସହାୟ ମା' ଓ ପୁଅଙ୍କ ଶବ ସତ୍କାର କଲା 'ସମ୍ବଳ'

ସମ୍ବଲପୁର : ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସମ୍ବଳ' ର ସ୍ୱେଚ୍ଛାସେବୀ ମାନେ ଆଉ ଦୁଇ ଜଣ ଗରିବ ଅସହାୟ ମା' ପୁଅଙ୍କ ଶବ ସତ୍କାର କରି ପ୍ରଶଂସା ସାଉଟିଛନ୍ତି । ଚାରମାଳ ଥାନା ଅନ୍ତର୍ଗତ ବାରବାଙ୍କ ଗ୍ରାମର ଶ୍ରୀମତୀ ଯଶୋଦା ସାହୁ ଓ ତାଙ୍କ ପୁଅ ସୁଶାନ୍ତ ଗତ ୭ ତାରିଖ ଦିନ ବିଦ୍ୟୁତ ଆଘାତରେ ମୃତ୍ୟୁ ବରଣ କରିଥିଲେ । ତାଙ୍କର କେହି ସଂପର୍କୀୟ କିମ୍ବା ବନ୍ଧୁ ପରିଜନ ନ ଥିବାରୁ ଶବ ସତ୍କାର କରିବା ଏକ ସମସ୍ୟା ରୂପେ ଦେଖା ଦେଇଥିଲା । ତାପରେ ବଂଶାଜାଳର ସରପଞ୍ଚ କସ୍ତୁରୀ ପ୍ରଧାନ ଏ ବାବଦରେ 'ସମ୍ବଳ' ଅନୁଷ୍ଠାନକୁ ଶବ ସତ୍କାର ପାଇଁ ଅନୁରୋଧ କରିଥିଲେ । ଉଭୟ ଶବକୁ ରେଢ଼ାଖୋଲରେ ଶବ ବ୍ୟବଚ୍ଛେଦ କରାଯିବା ପରେ ଚାରମାଳ ପୋଲିସ ମଧ ସତ୍କାର ପାଇଁ 'ସମ୍ବଳ' ଅନୁଷ୍ଠାନକୁ ଅନୁରୋଧ କରିବା ପରେ ଶବ ଗୁଡିକୁ ଅଣାଯାଇ ସ୍ଥାନୀୟ ରାଜଘାଟରେ ସତ୍କାର କରାଯାଇଥିଲା । ଅନୁଷ୍ଠାନର ରାମଦାସ ପଣ୍ଡା, ସୁବ୍ରତ ପଣ୍ଡା, ଶମ୍ଭୁ ପଟେଲ, ଅରୁଣ ଅଜାଡିୱାଲ ଓ ଦିଲ୍ଲୀପ ବୋଷ ପ୍ରମୁଖ ଶବ ସତ୍କାର କରିଥିଲେ ।



ଉଲ୍ଲେଖଯୋଗ୍ୟ ଯେ, 'ସମ୍ବଳ' ଅନୁଷ୍ଠାନ ଏ ପର୍ଯ୍ୟନ୍ତ ପ୍ରାୟ ପାଞ୍ଚଶହ ଜଣ ଅଜଣା ଓ 'ଅସହାୟ ବ୍ୟକ୍ତିଙ୍କର ଶବ ସତ୍କାର କରିସାରିଛି । ଏହାଛଡ଼ା ଅନୁଷ୍ଠାନର ସଭ୍ୟମାନେ ପ୍ରାକୃତିକ ବିପର୍ଯ୍ୟୟ ବେଳେ ମଧ ଆଗେଇ ଆସି ପୀଡ଼ିତ ଲୋକଙ୍କର ସେବା ଓ ସାହାଯ୍ୟ କରିଥାନ୍ତି । ନିକଟରେ 'ସମ୍ବଳ'ର ସ୍ୱେଚ୍ଛାସେବୀମାନେ ସମ୍ବଲପୁର ସହରରେ କୋଭିଡ୍ ରୋଗୀମାନଙ୍କର ଜ୍ଞାତି ପରିଜନମାନଙ୍କୁ ସେମାନଙ୍କ ଘରକୁ ଯାଇ ଖାଦ୍ୟ ବଣ୍ଟନ କରି ପ୍ରଶଂସାର ପାତ୍ର ହୋଇ ପାରିଥିଲେ ।

## ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୭୭ ତମ ପ୍ରତିଷ୍ଠା ଦିବସ

ସମ୍ବଲପୁର : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ୭୭ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଭର୍ଚୁଆଲ୍ ମୋଡରେ ହୋଇଥିବା




କାର୍ଯ୍ୟକ୍ରମରେ 'ମୋ କଲେଜ' ଅଭିଯାନ ପରିଚାଳନା ସଙ୍ଗଠନ ଅଧକ୍ଷ ଆକାଶ ଦାସ ନାୟକ ମୁଖ୍ୟ ଅତିଥି ଓ ଡାକ୍ତର ନାରାୟଣୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । 'ମୋ କଲେଜ' ଅଭିଯାନର ଜିଏମ୍‌ୟୁ ଆଲୁମ୍ନି କନେକ୍ଟକୁ ଡାକ୍ତର ପଣ୍ଡା ୩୦ ଲକ୍ଷ ଟଙ୍କା ଦାନ କରିଥିଲେ । 'ମୋ କଲେଜ' ଅଭିଯାନର ସଂଯୋଜକ ଡ. ସିକତ ପଣ୍ଡା, ପ୍ରଫେସର ଦୀପକ ବେହେରା, ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ଅନ୍ତର୍ଯ୍ୟାମୀ ପଣ୍ଡା ଏବଂ ଡ. ସ୍ମିତା ଦେବୀ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଥିଲେ । ତୃତୀୟ ପର୍ଯ୍ୟାୟରେ ହୋଇଥିବା ଆଉ ଏକ କାର୍ଯ୍ୟକ୍ରମରେ ଭାରତୀୟ ବିଶ୍ୱବିଦ୍ୟାଳୟ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ଡ. ପଙ୍କଜ ମିତ୍ତଲ ଯୋଗ ଦେଇ ନୂଆ ଶିକ୍ଷା ନୀତି ଉପରେ ବକ୍ତବ୍ୟ ରଖିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍.ନାଗାରାଜୁ ଉତ୍ସବରେ ଅଧକ୍ଷତା କରିଥିଲେ । ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଡାକ୍ତର ପଣ୍ଡାଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଅନ୍ୟାନ୍ୟ ମାନଙ୍କ ମଧରେ କୁଳସଚିବ ଯୁଗଳେଶ୍ୱରୀ ଦାଶ, ପିଜି କାଉନସିଲ୍ ଅଧକ୍ଷ ମହିନ ମହମ୍ମଦ, ବିତ୍ତ ନିୟନ୍ତ୍ରକ କନକଲତା ଏକ୍କା, ପରୀକ୍ଷା ନିୟନ୍ତ୍ରକ ଡ. ହେମ କୁମାର ନାୟକ, ଉପ-କୁଳସଚିବ ଡ. ଉମା ଚରଣ ପତି ଏବଂ ଅନ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବରୁ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ବୃକ୍ଷରୋପଣ କରାଯାଇଥିଲା ।

## ସଦର ଡାକ୍ତରଖାନାକୁ ସ୍ୱୟଂଚାଳିତ ହସ୍ତ ବିଶୋଧକ ଦାନ



ସମ୍ବଲପୁର: ସମ୍ବଲପୁର ଜିଲ୍ଲା ସଦର ଡାକ୍ତରଖାନା ଭେଷଜ ବିଭାଗର ନୂତନ କୋଠା ପାଇଁ ଯୁବ ବ୍ୟବସାୟୀ ତଥା ସମାଜସେବୀ ମୋହିତ ନାୟକ ଏକ ସ୍ୱୟଂଚାଳିତ ହସ୍ତ ବିଶୋଧକ (ଅଟୋମେଟିକ ହେଣ୍ଡ ସାନିଟାଇଜର) ଦାନ କରିଛନ୍ତି । ଏହାକୁ ଡାକ୍ତର ଅଲେଖ ମହାପାତ୍ର ଉଦଘାଟନ କରିଥିବାବେଳେ ଡାକ୍ତରଖାନା ପରିଚାଳିକା ବିଷ୍ଣୁପ୍ରିୟା ସାହୁ ଓ ଅନ୍ୟ କର୍ମଚାରୀଙ୍କ ସମେତ ସ୍ୱେଚ୍ଛାସେବୀ ସଙ୍ଗଠନ 'ସ୍ୱଇଚ୍ଛା'ର କର୍ମକର୍ତ୍ତା ଗଣ ଉପସ୍ଥିତ ଥିଲେ । ଆଗାମୀ ଦିନରେ ହୀରାକୁଦ ଓ ବୁର୍ଲାରେ ମଧ ଏହି ଯନ୍ତ୍ର ସ୍ଥାପନ କରାଯିବ ବୋଲି ମୋହିତ ସୂଚନା ଦେଇଛନ୍ତି ।

## ବିଜେଡି ପକ୍ଷରୁ ନବ ନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର: ସମ୍ବଲପୁର ବିଧାନସଭା କ୍ଷେତ୍ର ପକ୍ଷରୁ ସ୍ଥାନୀୟ ଶାନ୍ତିନଗର କାର୍ଯ୍ୟାଳୟ ଠାରେ ବିଜେଡି ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ପୂର୍ବତନ ବିଧାୟିକା ତଥା ରାଜ୍ୟ ସାଧାରଣ ସମ୍ପାଦକ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ବଲପୁର ଜିଲ୍ଲା ପାଇଁ ପୁନଃ ନିଯୁକ୍ତ ରାଜ୍ୟ ପର୍ଯ୍ୟବେକ୍ଷକ ଇଂଜିନିୟର ନଳିନୀକାନ୍ତ ପ୍ରଧାନ, ନବ ନିଯୁକ୍ତ ବିଜୁ ମହିଳା ଜନତା ଦଳର ଜିଲ୍ଲା ସଭାନେତ୍ର ବନ୍ଦିତା ମିଶ୍ର, ସମ୍ବଲପୁର ଜୋନ ସଭାନେତ୍ରୀ ସବିତା ଆଚାର୍ଯ୍ୟ ରାଜ୍ୟ ଉପସଭାନେତ୍ରୀ ସିପ୍ରା ମହାନ୍ତି, ଉଷା ପ୍ରଧାନ,



କବିତା ପୁରୋହିତ ଓ ରାଜ୍ୟ ସମ୍ପାଦିକା ଡକ୍ଟର ସଂଯୁକ୍ତା ମେହେରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

ଏଥିରେ ଜିଲ୍ଲା ସଭାପତି ଇଂ. ସିଦ୍ଧାର୍ଥ ଦାସ, ରାଜ୍ୟ ଯୁଗ୍ମ ସମ୍ପାଦକ ତଥା ପ୍ରବକ୍ତା ସଞ୍ଜୟ ବାବୁ, ବରିଷ୍ଠ ନେତା ଆର୍ତ୍ତତ୍ରାଣ ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ଡକ୍ଟର ପ୍ରମୋଦ ରଥ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ରାଜ୍ୟ ପରିଷଦ ସଭ୍ୟ ଗୋକୁଳ ମେହେର, ଜିଲ୍ଲା ଛାତ୍ର ବିଜେଡି ସଭାପତି ଡକ୍ଟର ସିଦ୍ଧାନ୍ତ ମହାନ୍ତି, ଛାତ୍ର ବିଜେଡି ସମ୍ବଲପୁର ଜୋନ ସଭାପତି ଦେବାଶିଷ ପରିଡ଼ା, ନଗର ସଭାପତି ନିଶାନ୍ତ ବହିଦାର, ବିହାରିଲାଲ ପନସାରୀ, ବିଜୁ ଯୁବ ଜନତା ଦଳ ରାଜ୍ୟ ସମ୍ପାଦକ ଧର୍ମରାଜ ମରେଇ ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱତନ୍ତ୍ର ଡାକ ଲଫାଫା ପୁସ୍ତକ ଉନ୍ମୋଚିତ




ଭୁବନେଶ୍ୱର : ଡାକଟିକଟ ସଂଗ୍ରହକାରୀ ସଂସ୍ଥା, ଇଷ୍ଟ ଇଣ୍ଡିଆ ଫିଲାଟେଲିଷ୍ଟ ଏସୋସିଏସନ ପକ୍ଷରୁ ପୁସ୍ତକ 'ଡାକ ବିଭାଗ ସ୍ୱତନ୍ତ୍ର ଲଫାଫା ଏକ ଭ୍ରମଣ' ପୁସ୍ତକ ଅବସର ପ୍ରାପ୍ତ ଭାରତୀୟ ଡାକ ସେବା ସେକ୍ରେଟାରୀ ଏବଂ ଚେୟାର ପର୍ସନ ପୋଷ୍ଟାଲ ସର୍ଭିସ ବୋର୍ଡ ଶ୍ରୀ ପ୍ରଦୀପ କୁମାର ବିଶୋୟୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଶ୍ରୀ ବିଶୋୟୀ ଏହି ଅବସରରେ ଉଦବୋଧନ ଦେଇ ଓଡ଼ିଶା ସର୍କଲ ଡାକ ବିଭାଗର ଅନୁମୋଦିତ ୧୯୭୩-୨୦୦୦ ମସିହା ପର୍ଯ୍ୟନ୍ତ ସମସ୍ତ ଲଫାଫାର ପ୍ରତିଛବି ଓ ସମ୍ପୂର୍ଣ୍ଣ ବିବରଣୀକୁ ପୁସ୍ତକ ମାଧମରେ ଲୋକ ଲୋଚନକୁ ଆଣିଥିବାରୁ ପ୍ରମୁଖ ଡାକ ସଂଗ୍ରହକାରୀ ସଂସ୍ଥା କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ । ଏହି ଅବସରରେ ଓଡ଼ିଶା ସର୍କଲ ଡିପିଏସ୍ ଶ୍ରୀ ଆଦିତ୍ୟ ନାୟକ, ପୁସ୍ତକର ମୁଖ୍ୟ ସଂକଳକ ଶ୍ରୀ ଶାନ୍ତି ସ୍ୱରୂପ ରଥ ଓ ସମ୍ପାଦକ ଡକ୍ଟର ବିଭୂଦତ୍ତ ମିଶ୍ର, ସଂସ୍ଥାର ଅନ୍ୟ ସଂଗ୍ରହକାରୀ ଶ୍ରୀ ଚିତ୍ତରଂଜନ ଦାସ , ଶ୍ରୀ ଦୁର୍ଗାଦତ୍ତ ରାଉତରାଏ ଓ ଶ୍ରୀ କାଶୀନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସଂସ୍ଥାର ସଦସ୍ୟ ଶ୍ରୀ ଅନିଲ ଧର ଏହି ସଂକଳନରେ ପ୍ରକାଶିତ ସମସ୍ତ ପ୍ରତିଛବିକୁ ସଂଗ୍ରହକାରୀଙ୍କୁ ପହଞ୍ଚାଇବାରେ ଓଡ଼ିଶା ସର୍କଲ ଡାକ ବିଭାଗ ମୁଖ୍ୟ ଡାକପାଳଙ୍କ ଠାରୁ ଆରମ୍ଭ କରି ସମସ୍ତ କର୍ମଚାରୀଙ୍କ ସହଯୋଗକୁ ପ୍ରଶଂସା କରିବା ସହ ଭବିଷ୍ୟତରେ ଅନୁରୂପ ସହାୟତା ଆଶା ବ୍ୟକ୍ତ କରିଥିଲେ ।

## ଆର୍.ଏସ୍.ପି ଅଧିକାରୀଙ୍କ ଅକାଳ ବିୟୋଗ

ରାଉରକେଲା : ସ୍ଥାନୀୟ ଷ୍ଟିଲ ପ୍ଲାଣ୍ଟର ଓଲ୍‌ଡ ପ୍ଲେଟ ମିଲରେ କାର୍ଯ୍ୟ ରତ ସିନିଅର ମ୍ୟାନେଜର ରାଜେଶ ନାୟକଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୫୧ ବର୍ଷ ବୟସ ହେଉଥିଲା । ସେ ତାଙ୍କ ପଛରେ ସ୍ତ୍ରୀ, ପୁଅ, ଝିଅ, ଭାଇ ଓ ବୟସ୍କ ପିତାମାତାଙ୍କୁ ଛାଡି ଯାଇଛନ୍ତି । ବେଦବ୍ୟାସ ଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା । ତାଙ୍କର ଏକମାତ୍ର ପୁତ୍ର ସୁଶୋଭନ ରାଜ ନାୟକ ମୁଖାଗ୍ନି ଦେଇଥିଲେ । ଜଣେ ଅମାୟିକ ଓ ମେଳାପୀ ଅଧିକାରୀ ଥିବା ଶ୍ରୀ ନାୟକଙ୍କ ବିୟୋଗରେ କର୍ମଚାରୀ ମହଲରେ ଶୋକ ପ୍ରକାଶ ପାଇଛି । ସ୍ୱର୍ଗତ ନାୟକ ସମ୍ବଲପୁର ସାକ୍ଷୀପଡ଼ାର ନ୍ୟୁ ବ୍ୟାଙ୍କ କଲୋନୀ ବାସିନ୍ଦା ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାନଭଞ୍ଜନ ନାୟକଙ୍କ ପୁତ୍ର ଥିଲେ ।



## ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟରେ ବନ ମହୋତ୍ସବ

ସୋନପୁର : ବିନିକାର ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟର ଏନଏସଏସ ତରଫରୁ ବନମହୋତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିନିକା ବିଡିଓ ଡକ୍ଟର ବ୍ୟାସଦେବ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବୃକ୍ଷରୋପଣ କରିବା ସହ ବୃକ୍ଷର ଉପାଦେୟତା ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଅଧକ୍ଷ ପ୍ରଫେସର ଧିରେନ୍ଦ୍ର କୁମାର ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏନ୍.ଏସ୍.ଏସ୍ ପ୍ରୋଗ୍ରାମ ଅଫିସର ହରିଶ୍ଚନ୍ଦ୍ର ହୋତା ଏବଂ ମହିଳା ଏନ୍.ଏସ୍.ଏମ ବିଭାଗ ପ୍ରୋଗ୍ରାମ ସଂଚାଳିକା ମିତାଲୀ ପଣ୍ଡା ସମସ୍ତ ଅଧାପକ ଓ ଅଧାପିକା ସହ ମିଳିତ ଭାବରେ ଏହି ବନମହୋତ୍ସବ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।




## ମହାପ୍ରଭୁଙ୍କ ଦର୍ଶନ ପାଇଁ ସମ୍ବଲପୁରରୁ ପୁରୀକୁ ଚାଲି ଚାଲି ଗଲେ ପ୍ରମୋଦ

ପୁରୀ : ସମ୍ବଲପୁରର ବିଲଡର ପ୍ରମୋଦ ରାଠି (୫୧) ମହାପ୍ରଭୁଙ୍କ ଦର୍ଶନ କରିବାର ଇଚ୍ଛା ରଖି ସମ୍ବଲପୁରରୁ ୯ଦିନ ଧରି ପ୍ରାୟ ୪୦୦ କିଲୋମିଟର ଖାଲି ପାଦରେ ଚାଲି ଚାଲି ଆସି ଶ୍ରୀ କ୍ଷେତ୍ରରେ ପହଞ୍ଚି କୋଭିଡ୍ କଟକଣା ପାଇଁ ମହାପ୍ରଭୁଙ୍କ ଦର୍ଶନ କରି ପାରି ନଥିଲେ ବି ପତିତପାବନକୁ ଦର୍ଶନ କରି ଆଶୀର୍ବାଦ ନେଇ ଫେରିଛନ୍ତି । ଏହି ଅବସରରେ ଜିଲ୍ଲା ପ୍ରଶାସନ ତରଫରୁ ଫୁଲମାଳ ଦେଇ ତାଙ୍କୁ ସ୍ୱାଗତ କରାଯାଇଛି ।

ପ୍ରମୋଦଙ୍କ ଘର ସମ୍ବଲପୁରର କ୍ଷେତରାଜପୁରରେ । ପେଶାରେ ସେ ଜଣେ ବ୍ୟବସାୟୀ । ବିଲଡର ଭାବେ ଦୀର୍ଘ ଦିନ ଧରି କାମ କରି ଆସୁଛନ୍ତି । ସେ ଶ୍ରୀଜଗନ୍ନାଥଙ୍କୁ ବହୁତ ଭଲ ପାଆନ୍ତି । ହଠାତ୍ ରଥଯାତ୍ରା ପୂର୍ବରୁ ମହାପ୍ରଭୁଙ୍କୁ ଦର୍ଶନ କରିବାର ଇଚ୍ଛା ପାଇଁ ମନରେ ଜନ୍ମିଥିଲା । ଏଥିପାଇଁ ଜୁଲାଇ ୧ ତାରିଖ ଦିନ ନିଜ ସହଯୋଗୀ ଦିନେଶ ସିଂଘାଣିଆଙ୍କ ସହ ସମ୍ବଲପୁର ସହରରୁ ଚାଲିବା ଆରମ୍ଭ କରିଥିଲେ ପ୍ରମୋଦ । ଦିନେଶ ଚାଲି ଚାଲି ଆସି ନ ଥିଲେ ବି ପ୍ରମୋଦ ଚାଲି ଚାଲି ଆସିବା ସମୟରେ ସୁବିଧା ଅସୁବିଧା କଥା ବୁଝୁଥିଲେ । ଏ ଭିତରେ ଅନେକ ଘାତ ପ୍ରତିଘାତ ବି ପ୍ରମୋଦ ସହିଛନ୍ତି । ରାତିରେ ଯେଉଁଠି ପାଇଛନ୍ତି, ସେଠି ବିଶ୍ରାମ ନେଇଛନ୍ତି । ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ପ୍ରମୋଦ ମହାପ୍ରଭୁଙ୍କ ସାଷ୍ଟାଙ୍ଗ ପ୍ରଣାମ କରି ଆଶୀର୍ବାଦ ନେଇଛନ୍ତି । ମହାପ୍ରଭୁଙ୍କ ପ୍ରତି ଥିବା ଭକ୍ତିଭାବ ତାଙ୍କ କଷ୍ଟକୁ ଦୂର କରି ଦେଇଛି ।



## ବଲାଙ୍ଗିର ବିଶ୍ୱାତ୍ମ ବିଦ୍ୟା ମନ୍ଦିରରେ ବନମହୋତ୍ସବ



ବଲାଙ୍ଗୀର : ଜଙ୍ଗଲ ବିଭାଗ ଏବଂ ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ସ୍ଥାନୀୟ ବିଶ୍ୱାତ୍ମ ବିଦ୍ୟା ମନ୍ଦିର ଠାରେ ୭୨ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଉତ୍ସବରେ ଜିଲ୍ଲା ଏବଂ ଦୌରାଜଜ୍ ତଥା ଅଧକ୍ଷ, ଜିଲ୍ଲା ଆଇନସେବା ପ୍ରାଧିକରଣ ଶ୍ରୀ ଲୋକନାଥ ମହାପାତ୍ର ଏବଂ ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ "ବୃକ୍ଷରୋପଣ ତଥା ପ୍ରକୃତିର ସୁରକ୍ଷା" ସନ୍ଦର୍ଭରେ ଆଲୋକପାତ କରିଥିଲେ । ପରେ ସ୍ୱାମୀ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ ଏବଂ ଜିଲ୍ଲା ଦୌରାଜଜ୍ ଶ୍ରୀ ମହାପାତ୍ର ତଥା ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀବୃନ୍ଦ ଓ ଅନ୍ୟମାନେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ । ବୈଠକରେ ବିଶ୍ୱାତ୍ମ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ତ୍ରିପାଠୀ ସ୍ୱାଗତ ଏବଂ ସଂପାଦକ ନବୀନ କୁମାର ବେଦବାକ୍ ଧନ୍ୟବାଦ ଅର୍ପଣ କରିଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ବିଦ୍ୟାମନ୍ଦିରର ସଂଯୋଜକ ସମ୍ବିତ୍ କୁମାର ସଂଯୋଜନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମରେ କୋଭିଡ ଜନିତ ସତର୍କତାକୁ ସଂପୂର୍ଣ୍ଣ ଭାବେ ପାଳନ କରାଯାଇଥିଲା ।

Printed, Published and Owned by Hemanta Kumar Mahapatra, Printed at Impressions Press,Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra